- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-113 ◆SUNDAY ◆19 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୩ ◆ରବିବାର ◆୧୯ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ନୂଆ ସମ୍ବିଧାନକୁ ବିରୋଧ

# ପୁଣି ଅଶାନ୍ତ ବାଂଲାଦେଶ

■ **ଢାକା, ୧୮ ।୧୦ (ଏଜେନ୍ସି):** ପୁଣି ଅଶାନ୍ତ ହେଲାଣି ବାଂଲାଦେଶ । ଗତ ଜୁଲାଇ-ଅଗଷ୍ଟ ମାସରେ ବଡ଼ ଧରଣର ଆନ୍ଦୋଳନ କରି ହସିନା ସରକାରର ପତନ ଘଟାଇଥିବା ଆନ୍ଦୋଳନକାରୀ ପୁଣି ମାତିଲେଣି । ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାରର କାର୍ଯ୍ୟକାଳପରେ ଅସନ୍ତୁଷ୍ଟ ଥିବା ଆନ୍ଦୋଳନକାରୀ ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି । କାମଚଳା ସରକାର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ନୂଆ ସମ୍ବିଧାନର ଅନେକ ବ୍ୟବ୍ୟସ୍ଥାକୁ କଡ଼ା ବିରୋଧ କରିଛନ୍ତି । ନିଜର ଅସନ୍ତୋଷ ଜଣାଇବା ଲାଗି ସେମାନେ ସଂସଦ ଭବନରେ ପଶି ନିଆଁ ଲଗାଇଛନ୍ତି । ଏହାକୁ ନେଇ ଢାକାରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି । ବଡ଼ ଧରଣର ଆନ୍ଦୋଳନ ଆଶଙ୍କା କରି ସରକାର ବିଭିନ୍ନ ସ୍ଥାନରେ ବ୍ୟାପକ ନିରାପତ୍ତା ବାହିନୀକୁ ମୁତୟନ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମଧ୍ୟବର୍ତ୍ତୀକଳୀନ ସରକାର ମୁଖ୍ୟ ତଥା ଉପଦେଷ୍ଟା ମହମ୍ମଦ ୟୁନୁସ ସଂସଦରେ 'ଜୁଲାଇ ଚାର୍ଟର'ରେ ଦସ୍ତଖତ କରିବାର କାର୍ଯ୍ୟକ୍ରମ ଥିଲା । ଦେଶରେ ପ୍ରଶାସନରେ ଉନ୍ନତି ଆଣିବା, ଦୁର୍ନୀତି ରୋକିବା ଓ ଗଣତନ୍ତ୍ରର ପୁନଃସ୍ଥାପନ କରିବା ନେଇ ଏହି ଚାର୍ଟର।।ରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି । ଏହି ଚାର୍ଟର ପ୍ରସ୍ତୁତ କରିବା ଲାଗି ଯେଉଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା, ତାହାର ୮୦ରୁ ଊର୍ଦ୍ଧ୍ୱ ସୁପାରିସ୍‌କୁ ଏହି ଚାର୍ଟରରେ ସାମିଲ କରାଯାଇଛି । କିନ୍ତୁ ଏହି ଚାର୍ଟରକୁ ଆନ୍ଦୋଳନକାରୀ ବିରୋଧ କରୁଛନ୍ତି । ଏହା ସମ୍ବିଧାନ ବିରୋଧୀ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଚାର୍ଟରକୁ ଲାଗୁ କଲେ ମୂଳ ସମ୍ବିଧାନ ଉପରେ ଆଉ ଏକ ସମ୍ବିଧାନକୁ



### ସଂସଦରେ ଧସେଇ ପଶିଲେ ବିକ୍ଷୋଭକାରୀ
### ବ୍ୟାପକ ପୋଡ଼ାଜଳା; ଘଉଡ଼ାଇଲା ପୁଲିସ

ଲଦି ଦିଆଯିବା ଆଶଙ୍କା ରହିଛି । ଏହାଦ୍ୱାରା ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମଧ୍ୟ ମତ ଦେଇଛନ୍ତି । ବ୍ୟାପକ ବିଚାରବିମର୍ଶ ବିନା ଏହାକୁ ଲାଗୁ କଲେ ଦେଶରେ ଅସ୍ଥିରତା ସୃଷ୍ଟି ହେବ ବୋଲି କୁହାଯାଇଛି । ଏହି 'ଜୁଲାଇ ଚାର୍ଟର' ଛାତ୍ରମାନେ ଦେଇଥିବା ବଳିଦାନ ଓ ତ୍ୟାଗକୁ ଅଣଦେଖା କରାଯାଇଛି ବୋଲି ଛାତ୍ର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି । ▶ପୃଷ୍ଠା-୭

## ୨୧ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ

# ଘାରିଲା 'ଅକ୍ଟୋବର ବାତ୍ୟା' ଛନକା

■ **ଭୁବନେଶ୍ୱର, ୧୮ ।୧୦ (ସମିସ):** ସାଧାରଣତଃ ଅକ୍ଟୋବର ମାସରେ ବାତ୍ୟା ଭୟ ଓଡ଼ିଶାବାସୀଙ୍କୁ ଛାନିଆ କରୁଥିବା ବେଳେ ଆସନ୍ତା ୨୧ ତାରିଖରେ ଏକ ଲଘୁଚାପ ରାଜ୍ୟବାସୀଙ୍କ ମନରେ ଛନକା ସୃଷ୍ଟି କରିଛି । ଏହି ଲଘୁଚାପ ୨୩ ତାରିଖରେ ଅବପାତର ରୂପ ନେବା ସହ ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ପ୍ରାୟତଃ ସମ୍ଭାବନା ନାହିଁ । ଏନେଇ ଏକ ଘରୋଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭାରତୀୟ ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟା ନେଇ ଆମେ କୌଣସି ଚେତାବନୀ ଜାରି କରିନାହୁଁ । ସେହିପରି ଓଡ଼ିଶା ପାଇଁ ମଧ୍ୟ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୧ ତାରିଖରେ ଦକ୍ଷିଣ-



### ୨୩ରେ ଅବପାତ ହୋଇ ତାମିଲନାଡୁ ଓ ଆନ୍ଧ୍ର ଉପକୂଳମୁହାଁ
### ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ
### ଆଜି ରାଜ୍ୟର କିଛି ଜିଲ୍ଲାରେ ହାଲୁକା ବର୍ଷା ହେବା ସମ୍ଭାବନା

ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ▶ପୃଷ୍ଠା-୭

## ପୁଲିସ ଚାକିରି ବେପାର

# ଜେଲ୍‌ରେ ଜେରା; କ୍ରାଇମବ୍ରାଞ୍ଚକୁ ସୁରାକ

■ **ଭୁବନେଶ୍ୱର/ବ୍ରହ୍ମପୁର, ୧୮ ।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୧ଜଣଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜେରା କରିଛି । କ୍ରାଇମବ୍ରାଞ୍ଚ ଡିଏସପି ସକାଳ ସାଢ଼େ ୮ଟା ଠାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ଜେଲ୍ ଭିତରେ ସମସ୍ତ ୩୧ଜଣଙ୍କୁ ଜେରା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅନ୍ୟପଟରେ ମୁନାର ଗିରଫ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଠିର ଲିଙ୍କ୍ ମିଳିଛି । ଶଙ୍କର ଦିଲ୍ଲୀରେ ଲୁଚିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୂଚନା ପାଇଛି । ସେ ଦିଲ୍ଲୀର କେଉଁ ସ୍ଥାନରେ ରହୁଛି, ତାହା ମୁନା କହିଥିବା ଜଣାପଡିଛି । ତେଣୁ ତାଙ୍କୁ ଗିରଫ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇ ଛାନ୍‌ଭିନ କରୁଛନ୍ତି । ଆହୁରି ମଧ୍ୟ ଏହି ରାକେଟ୍‌ର ଖୁଲାସା କରିବା ପାଇଁ ଦୀପାବଳୀ ପରେ ମୁନା ଏବଂ ଅନ୍ୟ ଦୁଇ ଜଣଙ୍କୁ ରିମାଣ୍ଡରେ କ୍ରାଇମ୍‌ବ୍ରାଞ୍ଚ ଆଣିବ ବୋଲି ଜଣାପଡ଼ିଛି ।

ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟା ଠାରୁ କ୍ରାଇମବ୍ରାଞ୍ଚ ଟିମ୍ ଜେଲ୍ ପରିସରରେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିଲା । ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତପଦ୍ୟୁତି ବେହେରାଙ୍କ ସମେତ ୨୯ଜଣ ଚାକିରି ଆଶାୟୀଙ୍କୁ

### ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ ଶଙ୍କର
### ମୁନା ଘରୁ ସାର୍ଟିଫିକେଟ୍ ସହ ଏକାଧିକ ଦସ୍ତାବିଜ୍ ଜବତ
### ଦୀପାବଳି ପରେ ରିମାଣ୍ଡରେ ଆସିବ ମୁନା ଏବଂ ସହଯୋଗୀ

ଜେଲ ଭିତରେ ମୁହାଁମୁହିଁ ଜେରା କରିଥିଲେ ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଡିଏସପି । ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଏହି ଜାଲିଆତିରେ ସାମିଲ କରିବାକୁ ଦଲାଲମାନେ କିଭଳି ଏବଂ କାହା ଜରିଆରେ ଯୋଗାଯୋଗ କରିଥିଲେ, କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କ ଠାରୁ କିଏ ସାର୍ଟିଫିକେଟ ସଂଗ୍ରହ କରିଥିଲା, ଟଙ୍କା କିଏ ଏବଂ କେଉଁ ଉପାୟରେ ନେଇଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇବାକୁ କି ପ୍ରକାରର ପ୍ରତିଶ୍ରୁତି ମିଳିଥିଲା, କେବେ ଠାରୁ ଯୋଗସୂତ୍ର ସ୍ଥାପନ ହୋଇଥିଲା, ଏଭଳି ବିଭିନ୍ନ ପ୍ରଶ୍ନ ତଦନ୍ତକାରୀ ଅଧିକାରୀ ପଚାରିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ମୁନା ମହାନ୍ତିର କଟକ ଜିଲ୍ଲା ବାଙ୍କୀ କଳାପଥର ସ୍ଥିତ ଘରେ ଆଜି ଚଢ଼ଉ କରିଛି । ଚଢ଼ଉ ସମୟରେ ଏକାଧିକ ଦସ୍ତାବିଜ୍ ଏବଂ କିଛି ସାର୍ଟିଫିକେଟ ଜବତ କରାଯାଇଥିବା ସୂଚନା ମିଳିଛି । ଜବତ ସାର୍ଟିଫିକେଟ ଏସ୍‌ଆଇ ଚାକିରି ପାଇଁ ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ହୋଇଥିବା କ୍ରାଇମ୍‌ବ୍ରାଞ୍ଚ ସନ୍ଦେହ କରୁଛି । ଏଥିସହ ମୁନା ସମ୍ପର୍କରେ ତା'ର ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରୁଛି । ଘରକୁ ସେ ମାସକରେ କେତେ ଥର ଆସେ ଏବଂ ଅନ୍ୟ କେଉଁ ସ୍ଥାନରେ ରହୁଥିବା ନେଇ ମଧ୍ୟ ପଚରାଉଚରା କରିଛି । ଏହି ଚଢ଼ଉ ସମୟରେ ବୈଦେଶ୍ୱର ପୁଲିସ ମଧ୍ୟ କ୍ରାଇମ୍‌ବ୍ରାଞ୍ଚକୁ ସହଯୋଗ କରିଥିଲା । ▶ପୃଷ୍ଠା-୭

# ଖୋଲିଲା ଶିମିଳିପାଳ ଅଭୟାରଣ୍ୟ

## ପ୍ଲାଷ୍ଟିକ୍‌ମୁକ୍ତ ଶିମିଳିପାଳ ପାଇଁ ପର୍ଯ୍ୟଟକଙ୍କୁ ନିବେଦନ

■ **ବାରିପଦା, ୧୮ ।୧୦ (ସମିସ):** ଶନିବାରଠାରୁ ଶିମିଳିପାଳ ଜାତୀୟ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଖୋଲିଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଗେଟ୍ ଏବଂ ଯଶିପୁରର କାଳିଆଣିଠାରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରଯାଇଛି । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ, ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ପ୍ରଶାନ୍ତ ପଟେଲ ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭୟାରଣ୍ୟକୁ ସ୍ୱାଗତ କରିଥିଲେ । ମିଳିଥିବା ସୂଚନା



ଅନୁସାରେ, ଆଜି ପ୍ରଥମ ଦିନରେ ଉଭୟ ଦ୍ୱାର ମାଧ୍ୟମରେ ୩୩ଟି ଯାନରେ ମୋଟ ୧୨୯ ଜଣ ପର୍ଯ୍ୟଟକ ଶିମିଳିପାଳ ଭ୍ରମଣ କରିଛନ୍ତି । ପିଠାବାଟା ଦ୍ୱାରର ଖୋଲା ଜିପ୍ ୮ଟି ସାଫାରିରେ ପର୍ଯ୍ୟଟକ ୩୫, ଦୈନିକ ୧୨ଟି ପର୍ଯ୍ୟଟକ ଯାନରେ ୪୦ଟି ପର୍ଯ୍ୟଟକ ବୁଲିଛନ୍ତି । ସେହିପରି ଯଶିପୁର ଫାଟକ ପଟେ ଓପନ୍ ଜିପ୍ ୩ଟି ସଫାରିରେ ୧୮ଜଣ ପର୍ଯ୍ୟଟକ ଓ ଦୈନିକ ପର୍ଯ୍ୟଟକ ୧୦ଟି ଯାନ ୩୬ ଜଣ ପର୍ଯ୍ୟଟକ ବୁଲି ଶିମିଳିପାଳ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରି ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ୍ ▶ପୃଷ୍ଠା-୭






# ଏଥର ଦୁଇଦିନ ଦୀପାବଳି ଛୁଟି

### ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କଲେ ସରକାର
### ନୂଆପଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ହେବ ଲାଗୁ

■ **ଭୁବନେଶ୍ୱର, ୧୮ ।୧୦ (ସମିସ):** ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର ୨ ଦିନ ଛୁଟି ହେବ । ଏନେଇ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ୨୧ ତାରିଖ ମଙ୍ଗଳବାର ଦୀପାବଳି ପାଇଁ ସରକାରୀ ଛୁଟି ଧାର୍ଯ୍ୟ ହୋଇଥିଲା । ତେବେ ତିଥି ଓ ନକ୍ଷତ୍ର ଭିତ୍ତିରେ ୨୦ ତାରିଖ ସୋମବାର ଦୀପାବଳି ଓ ପୟାଶ୍ରାଦ୍ଧ ପାଳନ କରାଯାଉଥିବାରୁ ଏହି ଦିନକୁ ଆଜି ରାଜ୍ୟ ସରକାର ଅତିରିକ୍ତ ଛୁଟି ଭାବେ ଘୋଷଣା କରିଛନ୍ତି ।

ତେଣୁ ଆସନ୍ତା ୨୫ ତାରିଖ (ଶନିବାର) ଛୁଟି ଦିନ ଥିଲେ ହେଁ ଏହାକୁ ସରକାରୀ କାର୍ଯ୍ୟ ଦିବସ ରୂପେ ଘୋଷଣା କରାଯାଇଛି । ତେବେ ୨୧ ତାରିଖରେ ରାଜ୍ୟର ସମସ୍ତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଙ୍କିଙ୍ଗ ସଂସ୍ଥା ଖୋଲା ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ୨୦୨୪ ନଭେମ୍ବର ୧୨ ତାରିଖର ବିଜ୍ଞପ୍ତିରେ ଆଂଶିକ ପରିବର୍ତ୍ତନ କରାଯାଇ ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଭାବେ ଘୋଷଣା କରାଗଲା । ଉକ୍ତ ଦିନ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ୍ ▶ପୃଷ୍ଠା-୭




## କୋର୍ଟରୁ ଡେଇଁ ମହିଳା ଷ୍ଟେନୋଙ୍କ ଆତ୍ମହତ୍ୟା

କାନପୁର, ୧୮।୧୦ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋର୍ଟର ଷଷ୍ଠ ମହଲାରୁ ଡେଇଁ ଜଣେ ମହିଳା ଷ୍ଟେନୋ ଆତ୍ମହତ୍ୟା କରିଛନ୍ତି। ମହିଳା ପଡ଼ିବା ପରେ କୋର୍ଟରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ପୁଲିସ କର୍ମଚାରୀ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇ ଥିଲେ। କୌଣସି ଏକ ମାମଲାକୁ ନେଇ ମହିଳା ଦୀର୍ଘ ଦିନ ହେଲା ଚିନ୍ତିତ ଥିଲେ ବୋଲି କୁହାଯାଉଛି। ତେବେ କୋର୍ଟ କର୍ମଚାରୀ ଉତ୍ପୀଡ଼ନ ଦେଇଥିବା ପୀଡ଼ିତାଙ୍କ ଜେନେ ଅଭିଯୋଗ କରିଛନ୍ତି। ସେ କହିଥିଲେ ଯେ ୪ ମାରସ ହେଲା ନାତୁଣୀ ଏଠାରେ ଚାକିରି କରିଥିଲା। ସେ ନିଜ ମାଆଙ୍କୁ ଫୋନ କରି ସବୁ କଥା କହିଥିଲା। ନାତୁଣୀ ଆତ୍ମହତ୍ୟା କରିନାହିଁ। ଷଷ୍ଠ ମହଲାରୁ ପକାଇ ତାକୁ ହତ୍ୟା କରାଯାଇଛି। ଏହି ମାମଲାର ଯାଞ୍ଚ ହେବା ଉଚିତ। ପ୍ରଥମେ ଆମକୁ ଦୁର୍ଘଟଣା ହୋଇଥିବା ସୂଚନା ଦିଆଯାଇଥିଲା। ଏହି ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା କୋତୱାଲି ପୁଲିସ ଏବଂ ଫରେନସିକ ଟିମ୍ ମାମଲାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ଘାଟମପୁରର କୋଟରା ମକରନ୍ଦପୁର ବାସିନ୍ଦା ନେହା (୩୦) ସିଭିଜ ଜଜ୍ ସିନିୟର ଡିଭିଜନ କୋର୍ଟରେ ଷ୍ଟେନୋ ଭାବେ କାର୍ଯ୍ୟ କରୁଥିଲେ। ସେ ଶନିବାର ଦ୍ୱିପହରେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ପୁଲିସ କମିଶନର ରଘୁବୀର ଲାଲ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଚାନ୍ଦଶୈଳୀ ଘାଟୀରୁ ଖସିଲା ଗାଡ଼ି; ୮ ଶ୍ରଦ୍ଧାଳୁ ମୃତ

ମୁମ୍ବାଇ, ୧୮।୧୦(ଏଜେନ୍ସି): ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାର ଚାନ୍ଦଶୈଳୀ ଘାଟୀରେ ଶନିବାର ଏକ ଗାଡ଼ି ଖାଇକୁ ଖସିପଡ଼ିଥିଲା। ଏଥିରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି ବୋଲି କୁହାଯାଉଛି। ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି। ଅଷ୍ଟମ୍ବା ଋଷି ତୀର୍ଥସ୍ଥଳ ଭ୍ରମଣ କରି ଶ୍ରଦ୍ଧାଳୁମାନେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଶାହାଦା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତରମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଛନ୍ତି। ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ପୂର୍ବରୁ ମଧ୍ୟ ଚାନ୍ଦଶୈଳୀ ଘାଟୀ ରାସ୍ତାରେ ବୁଲାଣି ଓ ଗଡ଼ାଣି ଥିବା କାରଣରୁ ଏକାଧିକ ବାର ଦୁର୍ଘଟଣା ଘଟିଛି। ଗାଡ଼ିରେ ବସିଥିବା ସବୁ ଲୋକ ନନ୍ଦୁରବାର ଜିଲ୍ଲାର ନିବାସୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ।

## ଢାକା ବିମାନ ବନ୍ଦରରେ ନିଆଁ; ସବୁ ଉଡ଼ାଣ ବାତିଲ୍



ଢ଼ାକା, ୧୮।୧୦(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ହଜରତ ଶାହାଜଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଅଞ୍ଚଳରେ ଶନିବାର ଅପରାହ୍ଣ ୩ଟାରେ ନିଆଁ ଲାଗିଛି। ନିଆଁ ଦ୍ରୁତଗତିରେ ବ୍ୟାପୀ ଯାଇଥିଲା। ଫଳରେ ବିମାନ ବନ୍ଦର କର୍ତ୍ତୃପକ୍ଷ ସବୁ ବିମାନର ଉଡ଼ାଣକୁ ବାତିଲ କରିଥିଲେ। ଦିଲ୍ଲୀରୁ ଢ଼ାକା ଯାଉଥିବା ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି ଓ ଏହାକୁ କୋଲକାତା ପଠାଯାଇଛି। ଅପରାହ୍ଣ ୨.୩୦ରେ ୮ନଂ ଗେଟ୍ ନିକଟରେ ଥିବା କାର୍ଗୋ ଭିଲେଜରେ ନିଆଁ ଲାଗିଥିଲା ବୋଲି ଫାୟାର ସର୍ଭିସ ତରଫରୁ କୁହାଯାଇଛି। ଏପର୍ଯ୍ୟନ୍ତ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। କିନ୍ତୁ ବହୁ ପରିମାଣର ଜିନିଷ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲାଗିବା ପରେ ପ୍ରବଳମାତ୍ରାରେ କଳା ଧୂଆଁ ବାହାରିଥିଲା ଓ ଆଖପାଖରେ ବାୟୁ ପ୍ରଦୂଷିତ ହୋଇଥିଲା। ଫଳରେ ଲୋକେ ନିଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିମାନ ବନ୍ଦର ସବୁ ବିମାନ ସୁରକ୍ଷିତ ରହିଛି ବୋଲି କୁହାଯାଇଛି।

## ଗରିବ ରଥ ଟ୍ରେନ୍‌ରେ ଲାଗିଲା ନିଆଁ



ଲୁଧିଆନା, ୧୮।୧୦ (ଏଜେନ୍ସି): ପଞ୍ଜାବ ଲୁଧିଆନାରୁ ବିହାରର ସହରସା ଯାଉଥିବା ଗରିବ ରଥ ଟ୍ରେନ୍‌ରେ ଶନିବାର ସକାଳେ ନିଆଁ ଲାଗିଛି। ପଞ୍ଜାବର ସରହିନ୍ଦ ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି। ଟ୍ରେନ୍‌ର ୧୯ ନଂ ଏସି ବଗିରେ ସର୍ଟ ସର୍କିଟ କାରଣରୁ ନିଆଁ ଲାଗିଛି ବୋଲି କୁହାଯାଇଛି। ଏହି ଟ୍ରେନ୍‌ରେ ଲୁଧିଆନାର କେତେଜଣ ବଡ଼ ବ୍ୟବସାୟୀ ଯାତ୍ରା କରୁଥିଲେ। ୧୯ ନଂ ବଗିରେ ନିଆଁ ଲାଗିବା ମାତ୍ରେ ଯାତ୍ରୀ ଚେନ୍ ଟାଣି ଟ୍ରେନ୍‌କୁ ରୋକିବାକୁ ସକ୍ଷମ ହୋଇଥିଲେ। ଟ୍ରେନ୍ ରହିବା ପରେ ଯାତ୍ରୀମାନେ ତଳକୁ ଓହ୍ଲାଇ ନିଜ ଜିନିଷ ଛାଡି ସେଠାରୁ ଦୌଡ଼ିବାକୁ ଆରମ୍ଭ କରିଥିଲେ। ତରବରର ଏହି ପ୍ରକ୍ରିୟାରେ କେତେଜଣ ଯାତ୍ରୀ ଆହତ ମଧ୍ୟ ହୋଇଥିଲେ। ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। କେତେକ ଯାତ୍ରୀ ନିଜ ପିଲାଙ୍କ ଯାତ୍ରା କରୁଥିଲେ। ସେପଟେ ସୂଚନା ମିଳିବା ମାତ୍ରେ ହିଁ ଦମକଳ ଦଳ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ଘଣ୍ଟା ମଧ୍ୟରେ ନିଆଁକୁ କାବୁ କରାଯାଇଥିଲା। ୧୯ ନଂ ବଗି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ୧୮ ନଂ ବଗି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଜଳିଯାଇଥିବା ବଗିକୁ ହଟାଇବା ପରେ ଟ୍ରେନ୍ ପୁଣି ଚାଲିଥିଲା।

# ଦୀପାବଳି ପୂର୍ବରୁ ବିଷାକ୍ତ ହେଲା ଦିଲ୍ଲୀ ବାୟୁ



**୩୫୦ ପାର କଲା ଏକ୍ୟୁଆଇ ସ୍ତର**

ନୂଆଦିଲ୍ଲୀ, ୧୮।୧୦(ଏଜେନ୍ସି): ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀରେ ପ୍ରଦୁଷଣ ବୃଦ୍ଧି ପାଇଛି। ବାୟୁ ବିଷାକ୍ତ ହୋଇଯାଇଛି। ରାଜଧାନୀର କିଛି ସ୍ଥାନରେ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୩୫୦ ପାର କରିଛି। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ପିସିବି) ଅନୁଯାୟୀ, ଶନିବାର ସକାଳ ୮ଟାରେ ଏକ୍ୟୁଆଇ ୩୬୭ ରେକର୍ଡ କରାଯାଇଥିଲା। ଆନନ୍ଦ ବିହାରରେ ସବୁଠାରୁ ଅଧିକ ଏକ୍ୟୁଆଇ ୩୭୦ ରେକର୍ଡ କରାଯାଇଛି। ସେହିପରି ବଜିରପୁରରେ ଏହା ୩୨୮, ଜାହାଙ୍ଗିରପୁରରେ ୩୨୪ ଓ ଅକ୍ଷରଧାମରେ ୩୬୯ ଥିଲା। ଦିଲ୍ଲୀ-ଏନ୍‌ସିଆରରେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୧) ଲାଗୁ କରିଛି। ଏକ୍ୟୁଆଇ ୨୦୧ ପାର କରିଥିବା ଅଞ୍ଚଳରେ କମିଶନ ଏହାକୁ ଲାଗୁ କରିଛି। ଯେତେବେଳେ ଏକ୍ୟୁଆଇ ୨୦୦ରୁ ୩୦୦ ମଧ୍ୟରେ ରହିଥାଏ ସେତେବେଳେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି)-୧ ଲାଗୁ ହୋଇଥାଏ। ଏହା ଅନୁସାରେ ଏନ୍‌ସିଆରରେ ସବୁ ସମ୍ପର୍କିତ ଏଜେନ୍ସିକୁ ୨୭ଟି ନିରୋଧକ ଉପାୟ ଲାଗୁ କରିବାକୁ କୁହାଯାଇଛି। ଏଥିରେ ଆଣ୍ଟି ସ୍ମଗ୍ ଗନ୍‌ର ବ୍ୟବହାର, ପାଣି ଛିଞ୍ଚାଡିବା ସହ ସଡ଼କ ନିର୍ମାଣ, ମରାମତି ଯୋଜନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ଧୂଳି ଉଡିବାକୁ ନିୟନ୍ତ୍ରଣ କରିବା ସାମିଲ ରହିଛି। କିଛି ସ୍ଥାନରେ ଏନ୍୯୫ କିମ୍ବା ଡବଲ୍ ସର୍ଜିକାଲ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି।

# ଆଫଗାନିସ୍ତାନରେ ପୁଣି ପାକ୍ ଆକ୍ରମଣ



## ୩ କ୍ରିକେଟରଙ୍କ ସମେତ ୧୭ ମୃତ


କାବୁଲ, ୧୮।୧୦(ଏଜେନ୍ସି): ଆଫଗାନିସ୍ତାନ ଉପରେ ପାକିସ୍ତାନ ବାୟୁସେନା ପୁଣିଥରେ ଆକ୍ରମଣ କରିଛି। ଆଫଗାନିସ୍ତାନର ପ୍ରକ୍ତିକା ରାଜ୍ୟରେ ଶୁକ୍ରବାର ହୋଇଥିବା ଏହି ଆକ୍ରମଣରେ ୩ ଜଣ କ୍ରିକେଟର ଓ ଅନ୍ୟ ୧୪ ଜଣ ନାଗରିକ ପ୍ରାଣ ହରାଇଛନ୍ତି ଓ ୧୬ ଜଣ ଆହତ ହୋଇଛନ୍ତି। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଏହି ଅସ୍ତ୍ରବିରତିକୁ ଆଗକୁ ବଢ଼ାଇବାକୁ ସହମତି ପ୍ରକାଶ ପାଇଥିଲା। କିନ୍ତୁ କିଛି ଘଣ୍ଟା ପରେ ପାକିସ୍ତାନ ଏୟାର ଷ୍ଟ୍ରାଇକ୍ କରିଥିଲା। ଅର୍ଗୁନ ଓ ବର୍ମଲ ଜିଲ୍ଲାରେ କିଛି ଘରକୁ ଲକ୍ଷ୍ୟକରି ପାକିସ୍ତାନ ଏହି ଆକ୍ରମଣ କରିଥିଲା ବୋଲି ଆଫଗାନ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଏହି ଅଞ୍ଚଳ ଦୁଇଦେଶର ସୀମା ଡୁରାଣ୍ଡ ଲାଇନ୍‌ର ପାଖରେ ଅବସ୍ଥିତ। ପୂର୍ବରୁ ପାକିସ୍ତାନ ବୁଧବାର କାବୁଲରେ ଦୁଇଟି ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲା। ପାକିସ୍ତାନର ଆକ୍ରମଣରେ ଆଫଗାନିସ୍ତାନରେ ଏପର୍ଯ୍ୟନ୍ତ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୪୨୫ଜଣ ଆହତ ହୋଇଛନ୍ତି ବୋଲି ଜାତିସଂଘ ତରଫରୁ କୁହାଯାଇଛି। ସଧାରଣ ନାଗରିକଙ୍କୁ ପାକିସ୍ତାନ ଆକ୍ରମଣ କରୁଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି। କିନ୍ତୁ ପାକିସ୍ତାନ ଏହାକୁ ଖଣ୍ଡନ କରିଛି। କେବଳ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ ହେଉଛି ବୋଲି ପାକିସ୍ତାନ କହିଛି।

ଆଫଗାନିସ୍ତାନର ନିଷ୍ପତ୍ତି ଭାରତ ରାଜଧାନୀ ଦିଲ୍ଲୀରୁ ନିଆଯାଉଛି ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସେତେବେଳେ କହିଥିଲେ।

### ଆଫଗାନ୍ ନାଗରିକ ପାକିସ୍ତାନରୁ ଫେରିଯାଆନ୍ତୁ: ଖ୍ୱାଜା ଆସିଫ୍

ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ପୁଣିଥରେ ଆଫଗାନିସ୍ତାନକୁ ନେଇ କଡ଼ା ମନ୍ତବ୍ୟ ଦେଇଛନ୍ତି। ପାକିସ୍ତାନରେ ରହୁଥିବା ଆଫଗାନିସ୍ତାନ ନାଗରିକ ଯଥାଶୀଘ୍ର ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଏକ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି। ଆଫଗାନିସ୍ତାନ ସହିତ ଥିବା ପୁରୁଣା ମଧୁର ସମ୍ପର୍କର ଯୁଗ ଶେଷ ହୋଇଛି। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଭଲ ସମ୍ପର୍କ ରହିଛି। କିନ୍ତୁ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର କୌଣସି ଭଲ ସମ୍ପର୍କ ନାହିଁ। ଏହା ସତ୍ତ୍ୱେ ପାକିସ୍ତାନରେ କୋଟି କୋଟି ଲୋକ ଶରଣ ନେଇଛନ୍ତି। ଯଦି ଭାରତ ସହିତ ଭଲ ସମ୍ପର୍କ ରହିଛି, ତେବେ ପାକିସ୍ତାନରେ ରହୁଥିବା ଆଫଗାନ ନାଗରିକ ଭାରତକୁ ସ୍ଥାନାନ୍ତର କାହିଁକି ହେଉ ନାହାନ୍ତି ବୋଲି ସେ କହିଛନ୍ତି। ଭାରତ ଏମାନଙ୍କୁ ପାଳୁ। ପାକିସ୍ତାନ କାହିଁକି ଏମାନଙ୍କ ବୋଝ ଉଠାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ପାକିସ୍ତାନ ପାଖରେ ନିଜ ଲୋକଙ୍କ ପାଇଁ ଭରପୂର ସମ୍ବଳ ନାହିଁ। ଆମ ମଧ୍ୟରେ ବନ୍ଧୁତ୍ୱ ନ ଥିଲେ ମଧ୍ୟ ଆମେ ପଡୋଶୀ ଭାବେ ଦାୟିତ୍ୱ ସମ୍ପାଦନ କରିଛୁ। ଏବେ ଭାରତ ଏମାନଙ୍କର ଭରଣପୋଷଣ କରୁ ବୋଲି ସେ କହିଛନ୍ତି। ତାଲିବାନ ଶାସନକୁ ଆସିବା ପୂର୍ବରୁ ମଧ୍ୟ ଆଫଗାନିସ୍ତାନ ସହ ଆମର ଭଲ ସମ୍ପର୍କ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

## ବ୍ରହ୍ମୋସ୍ ରେଞ୍ଜ୍‌ରେ ସମଗ୍ର ପାକିସ୍ତାନ: ରାଜନାଥ



ଲକ୍ଷ୍ନୌ, ୧୮।୧୦(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌରେ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛନ୍ତି। ଅପରେସନ ସିନ୍ଦୂର ଶେଷ ହୋଇନାହିଁ ପାକିସ୍ତାନର ପ୍ରତି ଇଞ୍ଚର ସ୍ଥାନ ବ୍ରହ୍ମୋସ କ୍ଷେପଣାସ୍ତ୍ର ରେଞ୍ଜ ପରିସରରେ ରହିଛି। 'ଅପରେସନ ସିନ୍ଦୂର'ରେ ଯାହା ହୋଇଥିଲା ତାହା ମାତ୍ର ଟ୍ରେଲର ଥିଲା। ଭାରତ ପାକିସ୍ତାନକୁ ଯଦି ଜନ୍ମ ଦେଇପାରେ, ତେବେ ... ଆଗକୁ କିଛି କହିବାର ଆବଶ୍ୟକତା ନାହିଁ। ଆପଣ ଏହାକୁ ବୁଝି ପାରୁଥିବେ ବୋଲି ସେ କହିଛନ୍ତି। ରାଜନାଥ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ଏରୋସ୍ପେଶ୍ ୟୁନିଟ୍‌ରେ ଧନତେରାଶ ଦିନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ପର୍ଯ୍ୟାୟର ବ୍ରହ୍ମୋସ ମିସାଇଲକୁ ସବୁଜ ପତାକା ଦେଖାଇ ଦେଶକୁ ସମର୍ପିତ କରିଥିଲେ। ଏଥିସହ ଦୁଇ ନେତା ବ୍ରହ୍ମୋସ ଏରୋସ୍ପେଶ ୟୁନିଟ୍‌ରେ ଥିବା ବୁଷ୍ଟର ଓ ୱାରହେଡ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। ଦୁଇଜଣ ସୁଖୋଇ ଲଢ଼ୁଆ ବିମାନରେ ବ୍ରହ୍ମୋସ ମିସାଇଲ୍‌ର ଆଭାସୀ ଆକ୍ରମଣକୁ ଦେଖିଥିଲେ। ଅନ୍ୟପଟେ ଯେକୌଣସି ସମୟରେ 'ଅପରେସନ ସିନ୍ଦୂର: ୨;୦' ଆରମ୍ଭ ହୋଇପାରେ ବୋଲି ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି।

## ଆତଙ୍କ ଖେଳାଉଛି ଭାରତ: ମୁନୀର

ଇସଲାମାବାଦ୍, ୧୮।୧୦(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ପୁଣିଥରେ ଭାରତ ବିରୋଧରେ ଉତ୍ତେଜକ ମନ୍ତବ୍ୟ ଦେଇଛନ୍ତି। ଭାରତ ପାକିସ୍ତାନରେ ଆତଙ୍କ ଖେଳାଉଛି ବୋଲି ସେ କହିଛନ୍ତି। ଆକାରରେ ବଡ଼ ହୋଇଥିବାରୁ ସୁରକ୍ଷିତ ଅଛି ବୋଲି ଭାରତ ଭାବୁଛି, କିନ୍ତୁ ଏହା ଭ୍ରମ। ପାକିସ୍ତାନ ପାଖରେ ଏଭଳି ଅସ୍ତ୍ର ଅଛି ଯାହାଦ୍ୱାରା ଭାରତର ଯେକୌଣସି ସ୍ଥାନରେ ଆକ୍ରମଣ କରିହେବ। ସେନା ଏକାଡେମୀ ପାସିଂ ପରେଡ୍‌ରେ ଯୋଗ ଦେବା ଅବସରରେ ମୁନୀର ଏହି କଥା କହିଛନ୍ତି। ଭାରତ ଓ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି। ତେଣୁ ଏଭଳି ସ୍ଥିତିରେ ଯୁଦ୍ଧର କୌଣସି ସ୍ଥାନ ନାହିଁ। ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ଆଶାଠାରୁ ଅଧିକ ଆକ୍ରମଣ କରିବ ବୋଲି ସେ ଭାରତକୁ ସତର୍କ କରାଇ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁନୀରଙ୍କ ଏହି ଭିଡିଓ ଭାଇରାଲ ହୋଇଛି। ପାକିସ୍ତାନର ଏକ ଇଞ୍ଚ ବି ଶତ୍ରୁଦେଶକୁ ଦିଆଯିବ ନାହିଁ। ପାକିସ୍ତାନ ନିଜର ସୀମାକୁ ରକ୍ଷା କରିବାରେ ସମର୍ଥ। ଏଥିସହ ଜମ୍ମୁ-କଶ୍ମୀରରେ ଚାଲିଥିବା ଆତଙ୍କବାଦ ଓ ଅତ୍ୟାଚାରକୁ ମୁନୀର ନିନ୍ଦା କରିଥିଲେ।

## ଆର୍ଥିକ ସକ୍ଷମଙ୍କୁ ମିଳିବନି ଭରଣପୋଷଣ: ହାଇକୋର୍ଟ

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଶନିବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆର୍ଥିକ ଭାବେ ଆତ୍ମନିର୍ଭର ତଥା ସକ୍ଷମ ଏବଂ ସ୍ୱାଧୀନ ଜୀବନସାଥିଙ୍କୁ ଭରଣପୋଷଣ ଦିଆଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ସ୍ଥାୟୀ ଭରଣପୋଷଣ ସାମାଜିକ ନ୍ୟାୟର ଏକ ମାଧ୍ୟମ। ସକ୍ଷମ ଲୋକଙ୍କୁ ଧନୀ ବନାଇବାକୁ କିମ୍ବା ଆର୍ଥିକ ସମାନତାର ଏହା ମାଧ୍ୟମ ନୁହେଁ। ଜଷ୍ଟିସ ଅନିଲ କ୍ଷେତ୍ରପାଳ ଏବଂ ଜଷ୍ଟିସ ହରିଶ ବୈଦ୍ୟନାଥନ ଶଙ୍କଙ୍କ ଡିଭିଜନ ବେଞ୍ଚ କହିଥିଲେ ଯେ ଭରଣପୋଷଣ ବାବଦକୁ ଆର୍ଥ ମାଗୁଥିବା ସାଥିଙ୍କୁ ଆର୍ଥିକ ସହାୟତାର ଆବଶ୍ୟକତା ଥିବା ଦର୍ଶାଇବାକୁ ପଡ଼ିବ। ଏହି ମାମଲାରେ ପତ୍ନୀ ରେଲୱେ ଗ୍ରୁପର ଜଣେ ଅଧିକାରୀ। ସେ ବି ପର୍ଯ୍ୟାପ୍ତ ଆୟ କରୁଛନ୍ତି। ଭରଣପୋଷଣ ମାଗିଥିବା ଜଣେ ମହିଳାଙ୍କ ଦାବିକୁ ଖାରଜ କରି ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ସ୍ୱାମୀ ଉତ୍ପୀଡ଼ନ ଦେଉଥିବା ଦର୍ଶାଇ ଛାଡ଼ପତ୍ର ଦାବି କରିଥିଲେ। ସେ ୧୨ କୋଟି ଟଙ୍କା, ମୁମ୍ବଇରେ ଏକ ଫ୍ଲାଟ ଏବଂ ବିଏମ୍‌ଡବ୍ଲ୍ୟୁ କାର ମାଗିଥିଲେ।

### 'ଏହା ନ୍ୟାୟର ଏକ ମାଧ୍ୟମ; ଧନୀ ହେବାର ନୁହେଁ'

ତେବେ ପରିବାର କୋର୍ଟ ଭରଣପୋଷଣ ଦେବାକୁ କହିଥିଲେ। ମାତ୍ର ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ଏହି ମାମଲାରେ କହିଥିଲେ ଯେ ଆବେଦନକାରୀ ଆର୍ଥିକ ଭାବେ ଆତ୍ମନିର୍ଭର ଥିଲେ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନ୍ୟାୟିକ ବିବେକକୁ ବ୍ୟବହାର କରାଯାଇପାରିବ ନାହିଁ। ସୂଚନା ଅନୁଯାୟୀ ମହିଳା ରେଲୱେ କର୍ମଚାରୀ ଥିବାବେଳେ ତାଙ୍କ ପତି ଜଣେ ଓକିଲ। ଉଭୟେ ୨୦୧୦ ଜାନୁଆରୀରେ ବିବାହ କରି ୧୪ ମାସ ପରେ ଅଲଗା ହୋଇଯାଇଥିଲେ। ମାନସିକ କ୍ରୁରତା, ଶାରୀରିକ ନିର୍ଯାତନା, ଅପମାନଜନକ ଭାଷା ବ୍ୟବହାର କରୁଥିବା ମହିଳା ଅଭିଯୋଗ କରିଥିଲେ। ପରିବାର କୋର୍ଟ ମହିଳାଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ଥିଲେ। ତେବେ ହାଇକୋର୍ଟ ଭିନ୍ନ ରାୟ ଦେଇ କହିଥିଲେ ଯେ ମହିଳା ନିଜ ଶାଶୁଶଶୁରଙ୍କ ପ୍ରତି ଅପମାନଜନକ ଭାଷା ପ୍ରୟୋଗ କରିଛନ୍ତି। ଏହା ମଧ୍ୟ ମାନସିକ ଉତ୍ପୀଡ଼ନ ସହ ସମାନ। ଶେଷରେ ସ୍ଥାୟୀ ଭରଣପୋଷଣ ଭତ୍ତା ଦେବାକୁ କୋର୍ଟ ମନା କରିଦେଇଥିଲେ।

## ଦୁର୍ନୀତି ପାଇଁ ୯ ଚୀନ୍ ସେନା ଅଧିକାରୀ ବରଖାସ୍ତ

ବେଜିଂ, ୧୮।୧୦(ଏଜେନ୍ସି): ଦୁର୍ନୀତି ଅଭିଯୋଗରେ ଚୀନ୍‌ରେ ଦୁଇଜଣ ଆଗଧାଡ଼ିର ଅଫିସରଙ୍କ ସମେତ ମୋଟ ୯ଜଣ ସେନା ଅଧିକାରୀଙ୍କୁ ବରଖାସ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ଜେନେରାଲ ହେ ୱେଇଡଙ୍ଗ ଓ ନୌସେନା ଆଡମିରାଲ ମିଆଓ ସାମିଲ ଅଛନ୍ତି। ଦୁର୍ନୀତି ଅଭିଯୋଗରେ ଏମାନଙ୍କୁ ସେନା, କମ୍ୟୁନିଷ୍ଟ ପାର୍ଟିରୁ ବିଦା କରାଯାଇଛି। ୨୦୨୩ରେ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଦୁର୍ନୀତି ନିବାରଣ ଅଭିଯାନ ଆରମ୍ଭ ହେବା ପରେ ଏହା ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ୱେଇଡଙ୍ଗ ଚୀନର ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ଭାଇସ ଚେୟାରମ୍ୟାନ ଦାୟିତ୍ୱରେ ଥିଲେ। ଚୀନ ପିପୁଲ୍ସ ଲିବେରସନ ଆର୍ମିର ଏହା ଦ୍ୱିତୀୟ ସମ୍ମାନଜନକ ତଥା ମର୍ଯ୍ୟାଦାସମ୍ପର୍ଣ୍ଣ ପଦ ବିବେଚିତ ହେଉଛି। ସେହିପରି ମିଆଓ ଜଣେ ନୌସେନା ଆଡମିରାଲ ଓ ସେନାର ପୂର୍ବତନ ରାଜନୈତିକ ବ୍ୟକ୍ତିତ୍ୱ।

## 'ଇଣ୍ଡିଆ' ମେଣ୍ଟରେ ଫାଟ: ୧୦ ଆସନରେ ମୁହାଁମୁହିଁ, ଏକାକୀ ଲଢ଼ିବ ଜେଏମ୍ଏମ୍

ପାଟନା, ୧୮।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ 'ଇଣ୍ଡିଆ' ମେଣ୍ଟର କଳି ଛିଡ଼ିପାରୁ ନାହିଁ। ଏପରି ସମୟରେ ଏହି ବିରୋଧୀଙ୍କ ମହାମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମେଣ୍ଟରୁ ସମ୍ପର୍କ ଛିନ୍ନ କରିଛି। ବିହାରରେ ଏକାକୀ ନିର୍ବାଚନ ଲଢ଼ିବାକୁ ଜେଏମଏମ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଦଳ ୬ଟି ଆସନରେ ପ୍ରାର୍ଥୀ ଦେବ ବୋଲି କୁହାଯାଇଛି। ଜେଏମଏମ ସାଧାରଣ ସମ୍ପାଦକ ସୁପ୍ରିୟା ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦଳ ନିଜ କ୍ଷମତା ବଳରେ ବିହାରରେ ଲଢିବାକୁ ନିଷ୍ପତ୍ତି ନେଇଛି। ଚକାଇ, ଧମଦାହବା, କଟୋରିଆ, ମନିହାରୀ, ଜମୁଇ ଏବଂ ପିରପେଣ୍ଟୋରେ ନିଜ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏଥିପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହାର ନେତୃତ୍ୱ ନେବେ। ଜେଏମଏମର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ମହାମେଣ୍ଟକୁ ଲଢ଼ିବା ପାଇଁ ସିଟ୍ ଦେବାକୁ କୁହାଯାଇଥିଲା। କିନ୍ତୁ ଇଣ୍ଡିଆ ମେଣ୍ଟ ଜେଏମଏମକୁ ଆସନ ଦେବାକୁ ମନା କରିଦେଇଥିଲା। ତେଣୁ ଦଳ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲା।

ପୂର୍ବରୁ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ ଟଣାଓଟରା ଜାରି ରହିଛି। ଏବେ କଂଗ୍ରେସ କଳି ଖୋଲାଖୋଲି ଭାବେ ସାମ୍ନାକୁ ଆସିଯାଇଛି। ଟିକଟ ପାଇ ନ ଥିବା ଗୋଷ୍ଠୀ ଶନିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଶୀଘ୍ର ମହାମେଣ୍ଟ ଭାଙ୍ଗିଯିବ ବୋଲି କହିଛନ୍ତି। ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ ଏବଂ ପ୍ରଭାରୀ କୃଷ୍ଣା ଅଲାବରୁ ଟିକଟ ବିକ୍ରି କରୁଥିବା ଅସନ୍ତୁଷ୍ଟ ନେତମାନେ ଅଭିଯୋଗ କରୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଖଗଡ଼ିଆ ବିଧାୟକ ଛତ୍ରପତି ଯାଦବ, ବରବିଘାରୁ ଗଜାନନ୍ଦ ସାହି, ଯୁବ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାଗେନ୍ଦ୍ର ପାଶ୍ୱାନ, ବାଙ୍କା ଜିଲ୍ଲାଧ୍ୟକ୍ଷ କଞ୍ଚନା କୁମାରୀ ସିଂହଙ୍କ ସମେତ ଅନ୍ୟ ନେତା ଉପସ୍ଥିତ ଥିଲେ। କଂଗ୍ରେସ ନେତା ବଣ୍ଟି ଚୌଧୁରୀ କହିଥିଲେ ଯେ ମେଣ୍ଟ ଖୁବଶୀଘ୍ର ଭାଙ୍ଗିଯିବ। ପ୍ରଭାରୀଙ୍କ ପାଇଁ ଏପରି ହୋଇଛି। ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଏମାନେ 'ଭୋଟ ଚୋର, ଗଦି ଛାଡ଼' ସ୍ଲୋଗାନ ଦେଇଥିଲେ, କିନ୍ତୁ ଆମେ 'ଟିକଟ ଚୋର, ପଦ ଛାଡ଼' କଥା କହୁଛୁ।

ତେବେ ୧୦ ଆସନରେ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟର ୧୨୧ ସିଟ୍ ପାଇଁ ମହାମେଣ୍ଟର ୧୨୫ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆରଜେଡି ୭୨, କଂଗ୍ରେସ ୨୪, ବାମଦଳ ୨୧, ଭିଆଇପି ୬ ଏବଂ ଆଇଆଇପି ୨ ସିଟରେ ନାମାଙ୍କନ ଦାଖଲ କରିଛି। ବୈଶାଳୀ, ଲାଲଗଞ୍ଜ, ବାରିସଲିଗଞ୍ଜ, କହଲଗାଁଓରେ ଆରଜେଡି ଓ କଂଗ୍ରେସ, ତାରାପୁର, ଗୌରା ବୌରମରେ ଆରଜେଡି ଓ ଭିଆଇପି, ବଛୱାଡ଼ା, ରାଜାପକଡ, ରୋସଡା, ବିହାର ସରିଫରେ ସିପିଆଇ ଓ କଂଗ୍ରେସ ଅଲଗା ଅଲଗା ପ୍ରାର୍ଥୀ ଦେଇଛନ୍ତି।

### ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ

ବିହାରର କ୍ଷମତାସୀନ ଏନ୍ଡିଏ ମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ନିର୍ବାଚନୀ ଲଢ଼େଇ ପୂର୍ବରୁ ଏନ୍‌ଡି ହିଟ୍‌ୱିକେଟ ହୋଇଯାଇଛି। ଏନ୍‌ଡିଏ ଗୋଟିଏ ଆସନ ହରାଇ ଦେଇଛି। ଏନ୍‌ଡିଏ ମେଣ୍ଟର ସଦସ୍ୟ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ଛପରା ଜିଲ୍ଲା ମଢୌରା ଆସନ ମିଳିଥିଲା। ଏହି ଆସନରୁ ଏଲଜେପିଆର ଅଭିନେତ୍ରୀ ସୀମା ସିଂହଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ସୀମାଙ୍କ ପାର୍ଥିପତ୍ର ନାକଚ ହୋଇଯାଇଛି। ଫଳରେ ରାଜନୀତିର ମୈଦାନରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସୀମା ହିଟ୍-ୱିକେଟ ହୋଇଯାଇଛନ୍ତି। ପ୍ରାର୍ଥିପତ୍ରର ଯାଞ୍ଚ ସମୟରେ ସୀମା ଦେଇଥିବା ପ୍ରମାଣପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା।

# ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

■ ୧୬ ମାସରେ ୩୭,୦୦୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା
■ ରାଜଧାନୀର ଛାତି ଉପରେ ଗଣଦୁଷ୍କର୍ମ କରି ଫିଙ୍ଗି ଦିଆଯାଉଛି
■ ପଶ୍ଚିମବଙ୍ଗ ଦୁଷ୍କର୍ମ ମାମଲାରେ ତତ୍ପରତା; ରାଜ୍ୟ ମାମଲାରେ ନିରବତା

ଭୁବନେଶ୍ୱର,୧୮।୧୦(ସମିସ): ରାଜଧାନୀ ଭୁବନେଶ୍ୱରର ଅଶୋକ ନଗର ଅଞ୍ଚଳରେ ଶୁକ୍ରବାର ଜଣେ ୧୭ ବର୍ଷୀୟ ଝିଅକୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ



ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା ଏବଂ ସାଧାରଣ ସମ୍ପାଦକ ରଞ୍ଜିତା ସାହୁ ଗତ ୧୬ ମାସର ବିଜେପି ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ସୁଲତା ଦେଓ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଜଣେ ୧୭ ବର୍ଷର ଝିଅକୁ ଗଣଦୁଷ୍କର୍ମ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗି ଦିଆଯାଉଛି; କିନ୍ତୁ ପୁଲିସ ପ୍ରଶାସନ ଜାଣି ପାରୁନି। ରାଜଧାନୀର ଛାତି ଉପରେ ଯଦି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହଁନ୍ତି, ତା'ହେଲେ ଅନ୍ୟ ଜାଗାରେ କିଭଳି ସୁରକ୍ଷା ପ୍ରଦାନ କରି ପାରିବେ। ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଉଦ୍ଧ୍ୱର୍ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଯାହା ଭିତରେ, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳମାନଙ୍କ ପକ୍ଷରୁ ଏଥିନେଇ ବିଧାନସଭାରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇ ଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି।

ସୁମିତ୍ରା ଜେନା କହିଥିଲେ ଯେ ଅଶୋକ ନଗର ଗଣଦୁଷ୍କର୍ମ ଘଟଣାରେ ପୁଲିସ ସ୍ପଷ୍ଟୀକରଣ ଦେଇ ଏହା ଏକ ସେକ୍ସ ରାକେଟ ମାମଲା ବୋଲି କହୁଛି। କିନ୍ତୁ ଯଦି ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ସେକ୍ସ ରାକେଟ ଚାଲୁଛି, ତା'ହେଲେ ପୁଲିସ ଏଠାରେ କରୁଛି କଣ? ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି; କିନ୍ତୁ ସରକାରଙ୍କର ଏଥିପ୍ରତି ନିଘା ନାହିଁ।

ରଞ୍ଜିତା ସାହୁ କହିଥିଲେ ଯେ ପଶ୍ଚିମବଙ୍ଗରେ ଓଡ଼ିଆ ଝିଅର ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାର ତତ୍ପରତା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ପୀଡ଼ିତା ସହିତ କଥା ହୋଇ ତାଙ୍କ ବାର୍ତ୍ତାଳାପର ଭିଡିଓ ଗଣମାଧ୍ୟମରେ ଛାଡ଼ିଲେ। ରାଜ୍ୟ ମହିଳା କମିସନ ସେଠାକୁ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଲେ। କିନ୍ତୁ ରାଜ୍ୟରେ ପ୍ରତିଦିନ କେହି ନା କେହି ମହିଳା ଦୁଷ୍କର୍ମର ଶୀକାର ହେଉଛନ୍ତି। ନା ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ କଥା ହେଉଛନ୍ତି ନା ରାଜ୍ୟ ମହିଳା କମିସନ ସେମାନଙ୍କ ନିକଟକୁ ଯାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣାରେ ସରକାର ରାଜନୀତି କରିବାକୁ ପଛାଉ ନାହାନ୍ତି। ପଶ୍ଚିମବଙ୍ଗରେ ଦୁଷ୍କର୍ମ ମାମଲାରେ ରାଜ୍ୟ ସରକାର ତତ୍ପରତା ଦେଖାଉଥିବା ବେଳେ ରାଜ୍ୟରେ ହେଉଥିବା ମାମଲା ଗୁଡିକରେ ନିରବତା ଅବଲମ୍ବନ କରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ହୀନ ରାଜନୀତି ବୋଲି ଶ୍ରୀମତୀ ସାହୁ କହିଥିଲେ।

# ସାଇବର ଅପରାଧ ରୋକିବା ପାଇଁ ସଚେତନତା ସବୁଠୁ ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୦(ସମିସ): ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ

■ ସାଇବର ସୁରକ୍ଷା ପାଇଁ ସୃଷ୍ଟି ହେବ ୧୧୨୭ ପୁଲିସ ପଦ
■ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ




ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ପୁଲିସ ଷ୍ଟେସନ କାର୍ଯ୍ୟକ୍ଷମ ହେବ। ଏଥିସହ ପୂର୍ବରୁ ଥିବା ୧୪ଟି ସାଇବର ପୁଲିସ ଷ୍ଟେସନର ଆଧୁନୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୁଲିସ ପଦ ସୃଷ୍ଟି କରାଯିବା ସହ ୧୭୦ଜଣ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ରାଜ୍ୟ ସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶ୍ର ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି। ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୁଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି। କିନ୍ତୁ ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ। ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଗୁପୁର ୪ ଭାଇଙ୍କୁ ହତ୍ୟା ମାମଲା**

# ଦୁଇ ଜଣଙ୍କୁ ଆଜୀବନ

ଆନନ୍ଦପୁର, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମୁଗୁପୁର ଗ୍ରାମର ବହୁଚର୍ଚ୍ଚିତ ଚାରି ଭାଇଙ୍କୁ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସମହାପାତ୍ର ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଦ୍ୱୟ ହେଲେ, ଦାମୋଦର ଓଝା(୪୯) ଓ ଧନେଶ୍ୱର ଓଝା(୫୨)। ସେହିପରି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ଏହି ମାମଲାରେ ଅନ୍ୟ ଚାରି ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି।

ଗତ ୨୦୦୨ ମସିହାରେ ଏହି ବର୍ବରୋଚିତ ହତ୍ୟାକାଣ୍ଡ ଘଟିଥିଲା। ମୁଗୁପୁରର ୪ ଭାଇଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସମ୍ପର୍କରେ ସାନଭାଇ ମାଧବାନନ୍ଦ ଦଳେଇ ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଆନନ୍ଦପୁରରେ ଅତିରିକ୍ତ ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ଓ ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ମାମଲା ପରିଚାଳନା କରୁଥିଲେ।

■ ଦ୍ୱାରାଶୁଣି ଘାଟିରେ ପୁଣି ଅଘଟଣ

# କାର୍ ଉପରେ ଓଲଟି ପଡ଼ିଲା ବସ୍

ବାରିପଦା, ୧୮।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ୪୯ ନଂ ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରାଶୁଣି ଘାଟିରେ ଶୁକ୍ରବାର ଅପରାହ୍ଣରେ ଏକ ଚଳନ୍ତା କାର୍ ଉପରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଏଥିରେ କାର୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିଶମବାହିନୀ ସହାୟତାରେ ବାଙ୍ଗିରିପୋଷି ପୁଲିସ ଆହତମାନଙ୍କୁ ପ୍ରଥମେ ବାଙ୍ଗିରିପୋଷି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ପରେ ସେଠାରୁ ୨ ଗୁରୁତରଙ୍କୁ ବାରିପଦା ପିଆର୍ଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍‌କୁ ଜବତ କରିଛି। ସୂଚନାନୁଯାୟୀ, ଦ୍ୱାରାଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ କିଛି ଦିନ ହେବ ଟ୍ରାଫିକ ଜାମ ଲାଗି ରହିଛି। ଶନିବାର ଅପରାହ୍ଣରେ ଶ୍ରୀ ଗଣେଶ ନାମକ ଯାତ୍ରୀବାହୀ ବସ୍ ଚିଟିଂରୁ ବାରିପଦା ଅଭିମୁଖେ ଆସୁଥିଲା। ଘାଟି ରାସ୍ତାରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ମାଡ଼ିଯାଇ ପାହାଡ଼ ସହ ଧକ୍କା ହୋଇ ଚଳନ୍ତା କାର୍ ଉପରେ ଓଲଟି ପଡ଼ିଥିଲା। କାର୍ ଭିତରେ ଚାଳକ ଦେବବ୍ରତ ମହାପାତ୍ର ଓ ମୁକେଶ ବିଶ୍ୱାଳ ଥିଲେ। ଦୁହେଁ ଏକ ଔଷଧ କମ୍ପାନୀର ପ୍ରତିନିଧି। ରାଇରଙ୍ଗପୁରରୁ କାମ ସାରି ସେମାନେ ବାଲେଶ୍ୱର ଫେରୁଥିବା ବେଳେ ଏହି ଅଘଟଣ ଘଟିଥଲା।

# ଜଳପ୍ରପାତରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

ବାରିପଦା,୧୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶ ଖୁଣ୍ଟା ଥାନା ଭୋଳଗଡ଼ିଆ ପଞ୍ଚାୟତ ଅଧୀନରେ ଥିବା ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ, ମୁର୍ଗାବାଡିର ଅମିତ କୁମାର ପାତ୍ରଙ୍କ ପୁଅ ସୌମିତ(୧୮)। ସେ ବାରିପଦାର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟବର୍ଷ ଛାତ୍ର।

ଶନିବାର ସୌମିତ ତାଙ୍କ ସାଙ୍ଗ ଭଞ୍ଜପୁର ଅଞ୍ଚଳର ସଚ୍ଚିଦାନନ୍ଦ କର ସ୍କୁଟିରେ ଟୁଙ୍କି ଜଳପ୍ରପାତ ବୁଲି ଯାଇଥିଲେ। ପହଁରା ଜାଣିନଥିବା ସୌମିତ ମଧ୍ୟାହ୍ନରେ ରିଲ୍ କରିବା ବେଳେ ଜଳପ୍ରପାତ କୁଣ୍ଡରେ ବୁଡି ଯାଇଥିଲେ। ୧୦ ଫୁଟ୍ ଗଭୀରରୁ ଖୁଣ୍ଟା ଦମକଳ ବାହିନୀ ସୌମିତଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜଳପ୍ରପାତ ଓ ଝରଣାରେ ପ୍ରତିବର୍ଷ ଏକାଧିକ ଯୁବକଙ୍କ ଏପରି ମୃତ୍ୟୁ ଘଟୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ସତର୍କ ସୂଚନା ବା ସଚେତନତା ବାର୍ତ୍ତା, ଗାଇଡଲାଇନ୍ ଅବଲମ୍ବନ ଜରୁରୀ ହୋଇପଡ଼ିଛି।

# ମାଓନେତା ସବ୍ୟସାଚୀ ଆଉଏକ ମାମଲାରେ ନିର୍ଦ୍ଦୋଷରେ ଖଲାସ

ଗୁଣପୁର, ୧୮।୧୦ (ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ଡିମିରିଗୁଡ଼ା ଅଞ୍ଚଳରୁ ବିଭିନ୍ନ ଲୋକଙ୍କ ଜମିରୁ ଧାନ ଜୋରଜବରଦସ୍ତ କାଟି ନେବା ମାମଲାରେ ମାଓ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶନିବାର ଏହି ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଥିଲେ। ୨୦୦୧ ମସିହା ନଭେମ୍ବର ୧୧ରେ ଗୁଡ଼ାରୀ ଥାନା ଅଧୀନ ଡିମିରିଗୁଡ଼ା ଅଞ୍ଚଳର ୩ଜଣ ବ୍ୟକ୍ତିଙ୍କ ଧାନ ଜମିରୁ ଗ୍ରାମବାସୀ ଓ ମାଓବାଦୀ ଜୋରଜବରଦସ୍ତ ଧାନ ନେବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ମାଓନେତା ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇ ଗୁଡ଼ାରୀ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ମାଓନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି।

# କାର୍ତ୍ତିକ ପରେ ରତ୍ନ ଅଳଙ୍କାର ଗଣତିମଣତି

**କାର୍ତ୍ତିକ ସରିବାର ୧୫ ଦିନ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ**

ପୁରୀ, ୧୮।୧୦ (ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି କାର୍ତ୍ତିକ ମାସ ପରେ କରାଯିବ। ରତ୍ନଭଣ୍ଡାରର ମରାମତି ଶେଷ ହୋଇ ଅଳଙ୍କାର ମୂଳ ରତ୍ନଭଣ୍ଡାରକୁ ଫେରିଛି। ଏବେ କାର୍ତ୍ତିକ ମାସ ଯୋଗୁଁ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ସହ ଭକ୍ତଙ୍କ ଭିଡ଼ ରହିଛି। ତେଣୁ କାର୍ତ୍ତିକ ପରେ ଗଣତିମଣତି କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ସୂଚନା ଦେଇଛନ୍ତି। ଶନିବାର ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏପରି କହିଛନ୍ତି। ସେହିପରି ଧାଡ଼ି ଦର୍ଶନ ସଂପର୍କରେ ସେ କହିଛନ୍ତି ଯେ କାର୍ତ୍ତିକ ମାସ ଶେଷ ହେବାର ପନ୍ଦର ଦିନ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପ୍ରଥମେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ଏବେ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ତେଣୁ କାର୍ତ୍ତିକ ମାସ ପରେ ଏହା ଆରମ୍ଭ ହେବ।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତିକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡୁଛି। ରତ୍ନଭଣ୍ଡାର ମରାମତି ପାଇଁ ବାହାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ବି ଗଣତିମଣତି କରାଯାଇ ପାରିଥାଆନ୍ତା। ହେଲେ ତାହା କରାଗଲା ନାହିଁ। ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରତ୍ନ ଅଳଙ୍କାର ରହିବା ପରେ ଉଭୟ ଭିତର ଓ ବାହାର ଭଣ୍ଡାର ଘର ମରାମତି ହୋଇଥିଲା। ମରାମତି ଶେଷ ହେବା ପରେ ପୁନଶ୍ଚ ଅସ୍ଥାୟୀ ଭଣ୍ଡାରଘରୁ ରତ୍ନ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ସେତେବେଳେ ମଧ୍ୟ ଗଣତିମଣତି କରାଯାଇ ଏହାକୁ ସୁରକ୍ଷିତ ଭାବେ ରଖାଯାଇ ପାରିଥାଆନ୍ତା। ହେଲେ ତାହା ମଧ୍ୟ କରାଗଲା ନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବିରୋଧୀ, ଏପରିକି ଶ୍ରଦ୍ଧାଳୁମାନେ ମଧ୍ୟ ପ୍ରଶ୍ନ କରୁଛନ୍ତି। ଏପରିସ୍ଥଳେ ମନ୍ତ୍ରୀଙ୍କ ଆଜିର ଘୋଷଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ସେହିପରି ମନ୍ତ୍ରୀଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥା ସଂପର୍କରେ ଘୋଷଣା ନୂଆ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କାରଣ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ତାରିଖ ପରେ ତାରିଖ ଦିଆଯାଇଛି। ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ବିଭିନ୍ନ ତାରିଖକୁ ନେଇ ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ହେଲେ, ଏ ପର୍ଯ୍ୟନ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅନ୍ଧାରରେ ଅଛନ୍ତି ଭକ୍ତ ଓ ସେବାୟତ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯାଉଥିବା କହୁଥିବା ବେଳେ ବାସ୍ତବରେ ଏହା କେତେଦୂର ଫଳପ୍ରଦ ହେବ, ତାହା ସମୟ କହିବ।




ସକାଳ
THE SAKALA



## ନିତ୍ୟାନନ୍ଦ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ଲଙ୍ଗଳେଶ୍ୱର, ୧୮।୧୦ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ଲଙ୍ଗଳେଶ୍ୱର ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟ ଜୀବ ବିଜ୍ଞାନ ଅଧ୍ୟାପିକା ସଞ୍ଜିତା ଦାସ, ପ୍ରତାପପୁର ନିଶାମଣି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବେହେରା, ନୂଆଗାଁ ଉପ୍ରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗୁରୁପ୍ରସାଦ ପାତ୍ରୀ, ଯୋଗଦେଇଥିଲେ। ଅତିଥି ଭାବେ ବିଦ୍ୟାଳୟ ସ୍ଥାୟୀ ସଭାପତି ପ୍ରମଥ ଜେନା, ସମ୍ପାଦକ ରଞ୍ଜନ ବେହେରା, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ପ୍ରତିଯୋଗିତାରେ ୬୫ ପିଲା ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଗୁରୁଜୀ ଗଦାଧର ବେହେରା, ସାଇ ବିକାଶ ବେହେରା, ଉମାଶଙ୍କର ପଣ୍ଡା ଓ ଅନ୍ୟ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ଗୁରୁଜୀ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସୋର, ୧୮।୧୦(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସୋର ବ୍ଲକର ୧୭ଟି କ୍ଲଷ୍ଟରର ୨୩୦ ବିଦ୍ୟାଳୟରୁ ବିଭିନ୍ନ ବିଭାଗରେ ମୋଟ ୪୯୭ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ସି ଆର ସି ସି ରବୀନ୍ଦ୍ର ବେହେରା, କମଳାକାନ୍ତ ସେଠୀ, ନାରାୟଣ ପ୍ରସାଦ ନାୟକ, ଅଜୟ ମଲ୍ଲିକ, ଉତ୍ପଳ ଲୋଚନ ମହାପାତ୍ର, ରବିନାରାୟଣ ଦାସ, ବରୁଣ ଜେନା, ଅନିଲ ସିଂ, ଅଶେଷ ପ୍ରଧାନ, ମଧୁସ୍ମିତା ମଲ୍ଲିକ, ରଶ୍ମିତା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପତି, କମଳାକାନ୍ତ ଶଙ୍ଖୁଆ, ମନୋଜ ରାଉତ ଓ ଅରୁଣ ମନ୍ତ୍ରୀ, ଶଶିକାନ୍ତ ସନ୍ଧିବିଗ୍ରହ, ଚକ୍ରଧର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମକୁ ସୋର ବିଧାୟକ ମାଧବ ଧଡା ଉଦ୍‌ଘାଟନ କରିଥିଲେ। ସୋର ଗୋଷ୍ଠୀ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖ୍ ଶାହାଦତ୍ ଅଲ୍ଲୀ, ସୋର ଫିଡର କ୍ଲଷ୍ଟର ସିଆରସିସି ରବିନାରାୟଣ ଦାସ ବକ୍ତବ୍ୟ ରଖିଥିଲେ। ସହଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ

## ସାଇବର ସୁରକ୍ଷା ଅଭିଯାନ



ରାଜଘାଟ, ୧୮।୧୦ (ସମିସ): ବାଲେଶ୍ୱର ଜିଲ୍ଲା ବାହାର୍ଦ୍ଦା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସାଇବର ସୁରକ୍ଷା ଦିବସ ଉପଲକ୍ଷେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବସ୍ତା ଏସଡିପିଓ ମାନସ କୁମାର ଦେଓ ସହିତ ଥାନା ଅଧିକାରୀ ରଞ୍ଜିତ କୁମାର ସାହୁ, ଏସଆଇ ବିଜୟ କୁମାର ବାରିକ, ଏସଆଇ ସନ୍ଦୀପ କୁଜୁର ଏସଆଇ ମଧୁସ୍ମିତା ସିଂ ଓ ବସ୍ତା ପୁଲିସ କର୍ମୀ ଉପସ୍ଥିତ ହୋଇ ଭୁବନେଶ୍ୱରରୁ ସିଧାସଳଖ ଭିସି ଯୋଗେ ସଚେତନତା କାର୍ଯ୍ୟକ୍ରମକୁ ଶ୍ରବଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ସାଇବର ଅପରାଧକୁ ରୋକିବା ନିମନ୍ତେ ଶପଥ ପାଠ କରିଥିଲେ। ସାଇବର ଅପରାଧର ଶିକାର ହେଲେ ତୁରନ୍ତ ନ୍ୟାସନାଲ ସାଇବର ସେଲ କିମ୍ବା ନେସ ନାଲ ହେଲପ୍ ଲାଇନ ୧୯୩୦ରେ ତୁରନ୍ତ ଅଭିଯୋଗ କରିବା ପାଇଁ ଅପିଲ କରାଯାଇଛି। ନିଜର ଓଟିପି କାହାରିକୁ ସେୟାର ନ କରିବା ପାଇଁ ସଚେତନ ବାର୍ତ୍ତା ରାଜ୍ୟ ସାଇବର ସେଲ ତରଫରୁ ଜାରି କରାଯାଇଛି। ରାଜ୍ୟରେ ସଂପୂର୍ଣ୍ଣ ସାଇବର ଅପରାଧ ମୁକ୍ତ କରିବା ପାଇଁ ୨୦ଟି ସାଇବର ଥାନା ଗଠନ କରାଯାଇଛି।

## ବିଦ୍ୟା ନିକେତନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ଚନ୍ଦନେଶ୍ୱର,୧୮।୧୦ (ସମିସ): ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅନ୍ତର୍ଗତ ଚନ୍ଦନେଶ୍ୱର ଭାରତୀୟ ବିଦ୍ୟା ନିକେତନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟା ନିକେତନର ପ୍ରତିଷ୍ଠାତା ପ୍ରଧାନ ଆଚାର୍ଯ୍ୟ ଅନନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ସାହୁ ଯୋଗଦେଇ ବିଜ୍ଞାନର ଅଗ୍ରଗତିରେ ହିଁ ଦେଶର ପ୍ରଗତି ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ସୁଧାଂଶୁ ଶେଖର ପ୍ରଧାନ, ବିଚାରକ ବିଜୟ ସେନାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ ଭଞ୍ଜ, ରଞ୍ଜନ ଜେନା, ସରୋଜିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଚିତ୍ତ ରଞ୍ଜନ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଗୁରୁଜୀ ଶ୍ରୀକାନ୍ତ ପଟ୍ଟାୟତ ଧନ୍ୟବାଦ ଦେଇଥିଲେ। ଏଥିରେ ଉପ ଶିଶୁ, ଶିଶୁ ଓ ବାଲ ବର୍ଗରେ ୪୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା।

# ବନ୍ଦ ହେଲା ବେଆଇନ ଫିଜିଓଥେରାପି ସେଣ୍ଟର

ଚନ୍ଦନେଶ୍ୱର, ୧୮।୧୦ (ସମିସ)

ଅଭିଯୋଗ ପରେ ବେଆଇନ ଭାବେ ଚାଲିଥିବା ଫିଜିଓଥେରାପି ସେଣ୍ଟରକୁ ବନ୍ଦ କରିଛନ୍ତି ବିଭାଗୀୟ ଜିଲ୍ଲା ମୁଖ୍ୟ ପ୍ରଭାତୀ ବେହେରା। ଦୀର୍ଘ ବର୍ଷ ଧରି କାଗଜ ପତ୍ରରେ ଗୋଟିଏ ସ୍ଥାନରେ ସେଣ୍ଟର ଖୋଲା ଯାଇ ଆଉ ଏକ ସ୍ଥାନରେ ଅନିୟମିତତା ଭାବେ ଏହି ସେଣ୍ଟର ଚାଲିଥିଲା। ଯେଉଁଥିରେ ଦିବ୍ୟାଙ୍ଗ ମାନଙ୍କ ପ୍ରଣାମ ପତ୍ର ନେଇ ଅର୍ଥ ହରିଲୁଟ ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବିଭାଗୀୟ ଅଧିକାରିଣୀ। ନିଜେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରିଣୀ ଘଟଣା ସ୍ଥଳ ପରିଦର୍ଶନ କରି ଏହା ଠିକ ଭାବେ ଚାଲି ନ ଥିବା କହିବା ସହ ଏହାକୁ ବନ୍ଦ କରିଛନ୍ତି ବୋଲି କହିଛନ୍ତି। ତେବେ ଯେଉଁ ୭୦ ଜଣକ ନାଁରେ ଟଙ୍କା ହଡପ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା ତାହାର ତଦନ୍ତ କେବେ କରାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ରେକର୍ଡ ଅନୁଯାୟୀ ୭୦ ଜଣକ ନାଁରେ ସରକାରୀ ତହବିଲର ଟଙ୍କା ଆସୁଥିଲା। କିନ୍ତୁ ପ୍ରକୃତରେ ଦିବ୍ୟାଙ୍ଗ ମାନଙ୍କ କାଗଜ ପତ୍ର ଦେଇ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହୋଇଥିଲା। ତେବେ ଯେଉଁ ଟଙ୍କା ସେଠାରେ ଦିଆଯାଇଛି ସେ ଟଙ୍କା କେବେ ଆଦାୟ ହେବ ତା ଉପରେ ସମସ୍ତଙ୍କ ନଜର ରହୁଛି । ଅଭିଯୋଗ ପରେ ଜିଲ୍ଲା ମଙ୍ଗଳ ସାମାଜିକ ଅଧିକାରିଣୀ ବ୍ଲକ ସାମାଜିକ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ କହିଥିଲାବେଳେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ କୌଣସି ରିପୋର୍ଟ ଦେଇ ନ ଥିବା କହିଛନ୍ତି। ଯାହା ଏବେ ସଂସ୍ଥା ମାଲିକ ଓ ବ୍ଲକ ଅଧିକାରୀଙ୍କ ସଲାସୁତୁରା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସାଧାରଣ ଲୋକେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ସରକାରୀ ରେକର୍ଡରେ ଦୀର୍ଘ ଦୁଇ ବର୍ଷ ଧରି ରହିଛି ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଂଚାୟତର ଆଶା ଦ୍ୱାରା ପରିଚାଳିତ ସକ୍ଷମ ଫିଜିଓଥେରାପି ସେଣ୍ଟର। ଆଉ ସେଠାରେ ଚାଲିଛି ମାନସିକ ଅନଗ୍ରସରଙ୍କ ଚିକିତ୍ସା ଯେଉଁଥି ପାଇଁ ସରକାରଙ୍କଠାରୁ ମିଳୁଛି ଆର୍ଥିକ ଅନୁଦାନ। ହେଲେ ପଂଚାୟତରେ ଦେଖା ନାହିଁ କୌଣସି ଫିଜିଓଥେରାପି ସେଣ୍ଟର। ନିଜ ପଂଚାୟତରେ ଫିଜିଓ ଥେରାପି ସେଣ୍ଟର ଥିବା ଜାଣି ଲୋକେ ଖୋଳତାଡ଼ ଆରମ୍ଭ କରି ଜାଣିବାକୁ ପାଇଥିଲେ ଆଉ ଏକ ପଂଚାୟତରେ ସେଣ୍ଟର ଖୋଲା ଯାଇଛି। ଏଭଳି କିଛି ଅବ୍ୟବସ୍ଥା ନେଇ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି ନିକଟ କାନ୍ଠିଥଭଉଁରୀ ପଂଚାୟତର ଜଣେ ସମିତି ସଭ୍ୟ ପ୍ରଦୀପ କୁମାର ଦାସ। ଏହା ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିବା ସହ ସରକାରୀ ଅର୍ଥ ହଡ଼ପ ପାଇ ଏହା ଏକ ଚାଲ ବୋଲି ସେ କହିଛନ୍ତି। ଆଉ ଏହାକୁ ନେଇ ଜିଲ୍ଲାପାଳାଙ୍କ ନିକଟରେ ଉକ୍ତ ଫିଜିଓ



ଥେରାପି ସେଣ୍ଟର ଚିହ୍ନଟ କରିବା ପାଇଁ ଦାବି କରିଛନ୍ତି। ତେବେ କିଛି ଦିବ୍ୟାଙ୍ଗ ଠାରୁ ତାଙ୍କର ପ୍ରମାଣ ପତ୍ର ନିଆ ଯାଇଛି ହେଲେ ତାଙ୍କୁ କୌଣସି ଚିକିତ୍ସା ଆଜି ପର୍ଯ୍ୟନ୍ତ କରାଯାଉ ନାହିଁ। ଆଉ ଏବେ ଏହି ଘଟଣା ପ୍ରଘଟ ହେବା ପ୍ରହରାଜପୁର ଗାଁର ଦିବ୍ୟାଙ୍ଗ ସସ୍ମିତା ଧଳଙ୍କୁ ଉକ୍ତ ସେଣ୍ଟରକୁ ଯାଇ ଚିକିତ୍ସା ହେବାକୁ କୁହା ଯାଇଛି। ତେବେ ସସ୍ମିତାଙ୍କ ମା'ଙ୍କ କହିବା ଅନୁଯାଇ ଝିଅଙ୍କୁ ୬ ମାସ ତଳେ ନେଇଯାଇଥିଲେ। ହେଲେ ସେଠାରେ କାଗଜ ପତ୍ର ନେଇ ଖେଳନା ନଥିବା କହି ଫେରାଇ ଦେଇଥିଲେ। ଆଉ ଖେଳନା ଆସିଲେ ଖବର ଦିଆଯିବ କହିଥିଲେ କିନ୍ତୁ ଦୀର୍ଘ ମାସ ପର୍ଯ୍ୟନ୍ତ ତାଙ୍କୁ ଖବର ଦିଆ ଯାଇ ନ ଥିଲା। ଆଉ ସରକାରୀ ରିପୋର୍ଟ ଅନୁଯାଇ ଆଶା ଦ୍ୱାରା ପରିଚାଳିତ ସକ୍ଷମ ଫିଜିଓ

**ସକ୍ଷମ ଫିଜିଓଥେରାପି ନାଁରେ ଅର୍ଥ ହଡ଼ପ ଅଭିଯୋଗ**

ଥେରାପି ସେଣ୍ଟର ଶ୍ରଦ୍ଧାପୁର ପଂଚାୟତରେ ରହିଛି। ଆଉ ଏହା ଦ୍ୱାରା ୭୦ ଜଣ ମାନସିକ ଅନଗ୍ରସର ରୋଗୀ ଚିକିତ୍ସା ହେଉଛନ୍ତି। ଏଥିପାଇଁ ସରକାର ୬ ମାସକୁ ୧୨ ଲକ୍ଷ ୬୦ ହଜାର ଟଙ୍କା ଆର୍ଥିକ ଅନୁଦାନ ଦେଉଛନ୍ତି। ଏହାକୁ ନେଇ ବାସ୍ତବରେ ସ୍ଥିତି ପରଖିଲା ବେଳେ ଚିକିତ୍ସା କରୁଥିବା ଡାକ୍ତର ପଶ୍ଚିମବଙ୍ଗର ବୋଲି ଜଣା ପଡିବା ସହ ନାକୁ ମାତ୍ର ହାତ ଗଣତି କେତୋଟି ପିଲାଙ୍କୁ ଚିକିତ୍ସା କରାଯାଉଛି। ହେଲେ ସବୁଠୁ ବଡ କଥା ହେଉଛି ରେକର୍ଡରେ ୭୦ ଜଣ ଥିଲାବେଳେ ଡାକ୍ତର ଓ ଷ୍ଟାପ କହୁଛନ୍ତି ଏଠାରେ ୧୨୦ ଜଣ ରୋଗୀ ଚିକିତ୍ସା ହେଉଛନ୍ତି। ବାସ୍ତବରେ କେଉଁଟା ସତ କେଉଁଟା ମିଛ ତାହା ଏବେ ସନ୍ଦେହ ଘେରକୁ ନେଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ଜଣା ପଡିବ ପ୍ରକୃତରେ କେତେ ପିଲା ଚିକିତ୍ସା ହେଉଛି ଆଉ କେତେ ପିଲାଙ୍କ ପାଇଁ ଅର୍ଥ ଆସୁଛି।

## ପ୍ରଧାନମନ୍ତ୍ରୀ ଆବାସ ଅର୍ଥ ହଡ଼ପ ଅଭିଯୋଗ



ବାଲେଶ୍ୱର(ଉତ୍ତର), ୧୮।୧୦(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି-୧ ପଞ୍ଚାୟତ ସେହି ଗାଁର ତାରାମଣି ବେହେରାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି। ତାରାମଣି ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାର କାର୍ଯ୍ୟାଦେଶ ପାଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ବାସହୀନ ହୋଇ ରହିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ତାଙ୍କ ନାମରେ ଆସିଥିବା ଆବାସ ଗୃହ କୁ ଅନ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏବଂ ଅର୍ଥରାଶି ହଡ଼ପ ହୋଇଥିବା ଜଣାପଡିଛି। ଏପରିକି ଏହି ପଞ୍ଚାୟତର ପୂର୍ବରୁ କାର୍ଯ୍ୟ କରୁଥିବା ଜିଆରଏସ ପରିତ୍ରାଣ ଦାସ ତାରାମଣିଙ୍କୁ ମିଳିବାକୁ ଥିବା ମନରେଗା ଯୋଜନାର ଅର୍ଥ ୨୨୬୦୦ ଟଙ୍କା ମଧ ନିଜ ସମ୍ପର୍କୀୟଙ୍କ ନାମରେ ରଖି ଅର୍ଥ ହଡ଼ପ କରିଥିବା ତାରାମଣି ଅଭିଯୋଗ କରିଛନ୍ତି। ଜଣେ ସରକାରୀ କର୍ମଚାରୀ ହୋଇ ଜଣକ ନାମରେ ଆସିଥିବା ଆବାସ ଗୃହ ଅନ୍ୟକୁ କିଭଳି ଦିଆଗଲା ତାହାର ତଦନ୍ତ କରିବାକୁ ତାରାମଣି ଦାବି କରିଛନ୍ତି। ଏ ନେଇ ସେ ବାରମ୍ବାର ତତ୍କାଳୀନ ଭୋଗରାଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ ମଧ କୌଣସି ଫଳ ମିଳିପାରି ନାହିଁ। ଅପରପକ୍ଷରେ ଏ ସମ୍ପର୍କରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ଯେ ପୂର୍ବରୁ କ'ଣ ହୋଇଛି ମୁଁ ଜାଣିନାହିଁ। ଏହାର ତଦନ୍ତ ପରେ କିଛି କହି ହେବ। ସେହିପରି ତତ୍କାଳୀନ ଜିଆରଏସ ତଥା ବର୍ତ୍ତମାନ ବାଲିଆପାଳ ବ୍ଲକରେ କାର୍ଯ୍ୟରତ ପରିତ୍ରାଣ ଦାସ କହିଛନ୍ତି, ଯେ ଏଭଳି ଅଭିଯୋଗ ଭିତ୍ତିହୀନ କହି ଏଡ଼ାଇ ଯାଇଛନ୍ତି।ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ତାରାମଣିଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜଳେଶ୍ୱର ରୋଟାରୀ କ୍ଲବ୍ ପକ୍ଷରୁ ରାଷ୍ଟ୍ର ନିର୍ମାଣ ସମ୍ମାନ




ଜଳେଶ୍ୱର,୧୮।୧୦(ସମିସ): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ଓ ଭୋଗରାଇ ବ୍ଲକର ୧୨ଜଣ କୃତି ଶିକ୍ଷକଙ୍କୁ କ୍ଲବ ପରିସରରେ ରାଷ୍ଟ୍ର ନିର୍ମାଣ ସମ୍ମାନ (ନେସନ ବିଲଡର ଏୱାର୍ଡ)ରେ ସମ୍ବର୍ଦ୍ଧିତ କରାଯାଇଛି। ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ରୋଟାରୀ ଜିଲ୍ଲା ୩୨୬୨ର ୨୭-୨୮ ବର୍ଷର ଜିଲ୍ଲା ପ୍ରାନ୍ତପାଳ ଇନ୍ଦ୍ରଜିତ ସାହୁ, ଲିଟରେସି ଅଧ୍ୟକ୍ଷ ପୂର୍ବତନ ସଭାପତି ସୁବ୍ରତ କୁମାର ରଣା, ପୂର୍ବତନ ସଭାପତି ପ୍ରଫୁଲ୍ଲ ଦାସ, ସଂପାଦକ ଅଂଶୁମାନ ରାଉତ, ଆଇପିପି ଭାସ୍କର ରଜଂନ ସ୍ୱାଇଁ, ପ୍ରାକ୍ତନ ସଭାପତି ବିକାଶ ଧର, ସୁରେଶ ଦାସ, ତାରାପଦ ମହାନ୍ତି, ରାଜେଶ କୁମାର ଖଟୁଆ, ଡା. ଦୀପ୍ତିମୟୀ ମହାପାତ୍ର, ଲକ୍ଷ୍ମୀଧର ହାଁସଦା ପ୍ରମୁଖ ଯୋଗଦେଇଥିଲେ। କୃତି ଶିକ୍ଷକ, ଶିକ୍ଷୟିତ୍ରୀଭାବେ ବାପୁଜୀ ଘଡାଇ, ମମତା ଆଚାର୍ଯ୍ୟ, ମଳୟ ଶୂର, ସତ୍ୟବ୍ରତ ପ୍ରଧାନ, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସପନ୍ଦିତା ଜେନା, ନନୀଗୋପାଳ ପ୍ରଧାନ, ତପନ ସାହୁ, ଶିବଶଙ୍କର ରଣା, ରଣଜିତ ଦାସ, ରତିକାନ୍ତ ଜେନା, ଦିଲ୍ଲୀପ କୁମାର ସେଠୀ ପ୍ରମୁଖଙ୍କୁ ଅତିଥିଗଣ ଉତ୍ତରୀୟ, ମାନପତ୍ର ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା।

## ଚୋରା ବାଲି ଓ ମାଟି ବୋଝେଇ ଗାଡ଼ି ଜବତ

ରାଜଘାଟ, ୧୮।୧୦ (ସମିସ): ବସ୍ତା ଥାନା ଅନ୍ତର୍ଗତ ଅମର୍ଦ୍ଦାରୋଡ ବଜାର ଓ ବସ୍ତା ରେଳ ଷ୍ଟେସନ ଅନତି ଦୂର ଖୁଣ୍ଟା ରେଳଫାଟକ ଦେଇ ତିନୋଟି ହାଇୱାରେ ବେଆଇନ ମାଟି ଓ ବାଲି ଚୋରା ଚାଲାଣ ହେଉଥିବା ସମୟରେ ବସ୍ତା ପୁଲିସ ଏବଂ ଖଣି ବିଭାଗ ଶୁକ୍ରବାର ବିଳମ୍ବିତ ରାତିରେ ଚଢଉ କରି ସମସ୍ତ ଗାଡ଼ିକୁ ଜବତ କରିଥିବା ବେଳେ ୨ଚାଳକଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଅଞ୍ଚଳରୁ ଦୁଇଟି ହାଇୱା ଯୋଗେ ବେଆଇନ ବାଲି ବୋଝେଇ ହୋଇ ବାଲେଶ୍ୱର ଜିଲ୍ଲାକୁ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ପୁଲିସ ଅମର୍ଦ୍ଦାରୋଡ ବଜାରଠାରେ ଚଢାଉ କରି ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ଦୁଇ ଚାଳକକୁ କାବୁ କରିଛି। ଏହି ସମୟରେ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଚଢାଉ କରି ହାଇୱାକୁ ଜବତ କରି ବସ୍ତା ପୁଲିସକୁ ହସ୍ତାନ୍ତର କରିଥିଲେ।

## ଛିନତାଇ ଉଦ୍ୟମବେଳେ ମାଡ଼ିବସିଲେ ଗ୍ରାମବାସୀ; ୩ ଗିରଫ

ବସ୍ତା, ୧୮।୧୦ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ସଦାନନ୍ଦପୁର ଛକ ନିକଟରେ ଛିନତାଇ କରୁଥିବା ଅଭିଯୋଗରେ ୩ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଗୁରୁବାର ରାତିରେ ନାଇକୁଡି ସଦାନନ୍ଦପୁର ଗ୍ରାମର ତାପସ ପରିଡା ବସ୍ତାରୁ ଦୋକାନ କାମ ସାରି ଘରକୁ ଯାଉଥିବା ସମୟରେ ରାଜପଥର କୁଣ୍ଡପୁର ଛକ ଏକ ଢ଼ାବା ନିକଟରେ ତିନି ଜଣ ଯୁବକ ଜଳେଶ୍ୱରକୁ ଯିବାକୁ ରାସ୍ତା ପଚାରି ଥିଲେ। ପରେ ସେମାନେ ଏକ ପଲସର ବାଇକରେ ଦ୍ରୁତ ଗତି ରେ ଆସି ସଦାନନ୍ଦପୁର ଛକ ନିକଟରେ ଅଟକିଥିଲେ।. ତେବେ ତାପସ ନିଜ ଘରକୁ ଯିବାକୁ ଉକ୍ତ ଛକରେ ପହଂଚିବା ପରେ ଯୁବକମାନେ ତାଙ୍କୁ ଅଟକାଇ ପ୍ରବଳ ମାଡ଼ ସହ ମୋବାଇଲ ଫୋନ ନେବାକୁ ଚେଷ୍ଟା କରିବା ସମୟରେ ତାପସ ରାସ୍ତାରେ ଯାଉଥିବା ଗ୍ରାମ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କ ସହଯୋଗ କ୍ରମେ ତିନିଜଣ ଯୁବକକୁ ଅଟକ କରି ଥାନାକୁ ହସ୍ତାନ୍ତର କରାଯାଇଛି। ଯୁବକ ମାନେ ହେଲେ ହଳଦୀପଦା ଫାଣ୍ଡି ଅଧୀନ ଓଡ଼ଙ୍ଗୀ ଗ୍ରାମର ଉତ୍ତମ ପାତ୍ର (୨୦), ଦୀପକ ଦାସ (୨୪) ଏବଂ ଭଣ୍ଡେଶ୍ୱର ଗ୍ରାମର ହିମାଂଶୁ ମୁଦୁଲି (୨୦) । ପୁଲିସ ସେମାନଙ୍କଠାରୁ ପଲସର ବାଇକ, ମୋବାଇଲ ଫୋନ ଜବତ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

## ଭୁଜାଲି ଦେଖାଇ ଲୁଟିନେଲେ ସ୍କୁଟି ଓ ଟଙ୍କା

ରାଜଘାଟ, ୧୮।୧୦ (ସମିସ): ବସ୍ତା ଥାନା ଅଧୀନସ୍ଥ ଅମର୍ଦ୍ଦାରୋଡ ଫାଣ୍ଡି ଅଞ୍ଚଳରୁ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୁଇ ଯୁବକଙ୍କୁ ଭୁଜାଲି ଦେଖାଇ ସ୍କୁଟି ଓ ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବାଲିଆପାଳ ଚୌମୁଖ ଅଞ୍ଚଳର ପ୍ରମୋଥ କୁମାର ଦାସ ତାଙ୍କ ସାଙ୍ଗ ଗୋପୀନାଥ ବାରିକ ଏକ ସ୍କୁଟି ଯୋଗେ କୌଣସି କାମରେ ଗତକାଲି ହଦମୌଦ ଗ୍ରାମକୁ ଆସିଥିଲେ। ସେଠାରୁ କାମ ସାରି ରାତିରେ ଘରକୁ ଫେରୁଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରି ଅମର୍ଦ୍ଦାରୋଡ ଷ୍ଟେସନରେ ଅଟକାଇ ଭୁଜାଲିରେ ଧମକ ଚମକ ଦେବା ସହ ସ୍କୁଟି ଓ ଟଙ୍କା ଲୁଟି ନେଇ ଚମ୍ପଟ୍ ମାରିଥିଲେ। ଘଟଣା ସମ୍ପର୍କରେ ପ୍ରମୋଥ ଶନିବାର ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ବେଳେ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଏହି ଆଖପାଖ ଅଞ୍ଚଳର ଜିସୁ ପାତ୍ର ବୋଲି ପୁଲିସକୁ ସୂଚନା ଦେଇଥିଲେ।






# ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥରେ ବିରାଟ ଗର୍ତ୍ତ

ଭୋଗରାଇ, ୧୮।୧୦(ସମିସ)

ଉତ୍ତର ବାଲେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ହେଉଛି ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ । ଏହା ପଶ୍ଚିମବଙ୍ଗ ସୀମାନ୍ତ ଦୀଘାକୁ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ବସ୍ ଟ୍ରକ୍ କାର ଯାତାୟାତ କରିଥାଏ। ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ନିୟମିତ ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବିଭିନ୍ନ ସମୟରେ ଯାନବାହାନ ଦୁର୍ଘଟଣାଗ୍ରସ୍ତ ହେବା ସହିତ ଅକାଳରେ ଜୀବନ ଯାଉଛି। ମାତ୍ର ଏଥିପ୍ରତି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ବେଫିକର ସାଜିଛନ୍ତି।



**ପୂର୍ତ୍ତ ବିଭାଗ ବେଫିକର**

ଉକ୍ତ ରାଜ୍ୟ ରାଜପଥରେ ଜଳେଶ୍ୱର-ଚନ୍ଦନେଶ୍ୱର ହୋଇ ପ୍ରତ୍ୟେକ ଦିନ ପ୍ରସିଦ୍ଧ ବେଳାଭୂମି ପର୍ଯ୍ୟଟନସ୍ଥଳୀ ଦୀଘା, ଉଦୟପୁର, ତାଳସାରି, ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର, ବିଚିତ୍ରପୁର ଇକୋ ଟୁରିଜିମକୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ତେଣୁ ଶହ ଶହ ବସ୍, କାର, ବାଇକ୍ ଏହି ରାସ୍ତାରେ ଚଳା ଚଳ କରୁଥିବା ବେଳେ ହଜାର ହଜାର ଟ୍ରକ୍ , ଡମ୍ପର, ହାଇୱା, ଟ୍ରାକ୍ଟର ଯୋଗେ ବାଲି,ଗୋଡି ପଥର ଲୁହା ସିମେଣ୍ଟ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପରିବହନ ହେଉଛି। ମାତ୍ର ରାସ୍ତା ଉପରେ ଗର୍ତ୍ତରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇ ଲୋକମାନେ ହେବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି। ବିଶେଷ କରି ବାଇକ୍ ଆରୋହୀ ଅଧିକ ଦୁର୍ଘଟଣାର ଶିକାର ହେଉଛନ୍ତି। କିଛିଦିନ ପୂର୍ବରୁ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ ଗୁଡିକରେ ଠିକାଦାରମାନେ ପିଚୁ ଓ ଗୋଡ଼ି ଦେଇ ପ୍ୟାଚିଂ କରିଥିଲେ। ମାତ୍ର ତିନିମାସରେ ସେହି ରାସ୍ତାରେ ପୁଣି ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାର ଥାନାଛକ, ଚୌକି, ଦେହୁର୍ଦ୍ଦା ଆଦି ଠାରେ ରାସ୍ତା ମଧ୍ୟରେ ବିରାଟ ବିରାଟ ଗର୍ତ୍ତ ଥିବାରୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଅନ୍ୟ ପକ୍ଷରେ ସାତ ଦିନ ମଧ୍ୟରେ ୫୭ ନମ୍ବର ରାଜ୍ୟ ରାଜପଥରେ ସୃଷ୍ଟି ହୋଇଥିବା ଗର୍ତ୍ତ ଗୁଡିକ ମରାମତି କରା ନ ଗଲେ ସ୍ଥାନୀୟ ଜନସାଧାରଣ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାନୁନାହାନ୍ତି ବ୍ୟବସାୟିକ ପ୍ରତିଷ୍ଠାନ

ବାରିପଦା, ୧୮।୧୦(ସମିସ)

ରାଜାରାଜୁଡ଼ା ଅମଳର ବାରିପଦା ସହର ଦିନକୁ ଦିନ ବଢ଼ିବାରେ ଲାଗିଛି। ସେହି ଅନୁଯାୟୀ ତାଳଦେଇ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ସପିଂମଲ୍, ହୋଟେଲ, ରେଷ୍ଟୁରାଣ୍ଟ,






ଶିକ୍ଷାନୁଷ୍ଠାନ, ନର୍ସିଂହୋମ, କ୍ଲିନିକ ଓ ଦୋକାନ ଆଦି ବୃଦ୍ଧି ପାଉଛି। ବାରିପଦା ପୌରାଞ୍ଚଳରେ ବହୁତଳ ବିଶିଷ୍ଟ ପ୍ରାସାଦ କରି ବ୍ୟବସାୟ ବୃଦ୍ଧି କରୁଛନ୍ତି। କିନ୍ତୁ ଅନେକ ପ୍ରତିଷ୍ଠାନଗୁଡ଼ିକ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉନାହାଁନ୍ତି। ଯାହାର ଫଳ ସ୍ୱରୂପ ଭୀଷଣ ଅଗ୍ନିକାଣ୍ଡ ଘଟି ଧନଜୀବନ ହାନି ହେବାର ସମ୍ଭାବନା ରହିଛି। ଅଗ୍ନିଶମ ବିଭାଗର ବିନା ଅନୁମତିରେ ପ୍ରଥମେ କୋଠା ନିର୍ମାଣ ଏକ ପ୍ରଶ୍ନବାଚୀ ହୋଇଥିବା ବେଳେ ନିର୍ମାଣ ଶେଷ ପରେ ବ୍ୟବସାୟ ପ୍ରତିଷ୍ଠାନ ଭାବେ ଅନୁମତି ଅନ୍ୟ ଏକ ପ୍ରଶ୍ନବାଚୀ। ବାରିପଦା ସହରର ଅଧିକାଂଶ ପ୍ରତିଷ୍ଠାନ ଅଗ୍ନି ନିର୍ବାପକ ନିୟମକୁ ଖୁଲମଖୁଲା ଭାବେ ଅବମାନନା କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ବାରମ୍ବାର ଦେଖିବାକୁ ମିଳିଛି। ମୁଖ୍ୟ ବଜାରରେ ଥିବା ଦୋକାନ ସମେତ ବ୍ୟାଙ୍କରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବିଭାଗ ଦ୍ୱାରା ପ୍ରଦତ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନିୟମଗୁଡ଼ିକ ଠିକ୍ ଭାବେ ଅନୁପାଳନ କରାଯାଇନାହିଁ। ଏପରିକି ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଭିଡ଼ରେ ଥିବା ଜନସାଧାରଣ ନିରାପଦ ପ୍ରସ୍ଥାନ

- ସହରର ଅନେକଙ୍କ ନାହିଁ ବିଧିବଦ୍ଧ ବ୍ୟବସ୍ଥା
- ଅନେକ ବିଲ୍ଡିଂରେ ପାଳନ ହେଉନି ଅଗ୍ନି ନିରାପତ୍ତା ନିୟମ
- ନିରାପତ୍ତା ନେଇ ଯାଞ୍ଚ କରୁନି ଅଗ୍ନିଶମ ବିଭାଗ
- ଅଗ୍ନିକାଣ୍ଡ ଘଟିଲେ ଭଗବାନ ଭରସା

ସମ୍ବନ୍ଧୀୟ ସୂଚନା ଟିକକ ତାଙ୍କ ପାଖରେ ନାହିଁ। ଯାହାକୁ ନେଇ ଜିଲ୍ଲା ପ୍ରଶାସନ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ କୋଣସି ଯାଞ୍ଚ ପ୍ରକ୍ରିୟା ହେଉନାହିଁ। ଉକ୍ତ ବହୁ ତଳ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ବେଳେ ଅନେକଙ୍କ ଅଗ୍ନି ନିର୍ବାପକ ପ୍ରମାଣପତ୍ର (ଏନ୍‌ଓସି) ନାହିଁ। ବିପଦ ସଂକୁଳ ଅବସ୍ଥାରେ ଏହା ଚାଲିଥିବା ବେଳେ ନା ଅଛି ଅଗ୍ନି ନିର୍ବାପକ ଯନ୍ତ୍ର ନା ଅଛି ଆଉ କିଛି ସ୍ୱତନ୍ତ୍ର ବ୍ୟବସ୍ଥା। ହଠାତ ଦୁର୍ଘଟଣା ହେଲେ ବହୁ ତଳ ପ୍ରସାଦ ଉପରୁ ତଳକୁ ଆସିବା କଷ୍ଟକର ହୋଇପଡ଼ିବ। କିନ୍ତୁ ଲୋକଙ୍କ ଜୀବନ ସହ ଖେଳ ଖେଳି ମାଲିକ ମାନେ ଲକ୍ଷ ଲକ୍ଷ ଟଙ୍କା ଲୁଟିବାରେ ବ୍ୟସ୍ତ ରହିଛନ୍ତି। ବାରିପଦା ସହରରେ ବାରମ୍ବାର ଅଗ୍ନିକାଣ୍ଡ ଭଳି ସମ୍ବେଦନଶୀଳ ଚିତ୍ର ସାମ୍ନାକୁ ଆସିବା ପରେ ମଧ୍ୟ ଜିଲ୍ଲା ପ୍ରଶାସନ କାହିଁକି ଯାଞ୍ଚ ନକରି ଚୁପ୍ ହୋଇ ରହିଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖୁଲମଖୁଲା ଭାବେ ସରକାରୀ ଗାଇଡ୍ ଲାଇନକୁ ବେଖାତିର କରି ବେଧଡକ ଭାବେ ବେପାର ଜମାଇ ଚାଲିଛନ୍ତି। ଅଗ୍ନି ନିର୍ବାପକ ବ୍ୟବସ୍ଥା ସମେତ ଏନଓସି ପ୍ରଦାନ ଠିକ ଅଛି କି ନାହିଁ ତାହାକୁ ତଦାରଖ କରିବାର ନିହାତି ଆବଶ୍ୟକତା ରହିଛି। ତେବେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବିନା ଟାଉନ ପ୍ଲାନିଂରେ ଘର ନକସା ଅନୁମୋଦନ ହେବାର କୌଣସି ନିୟମ ନଥିଲା ବେଳେ କିପରି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଚାଲୁଛି, ତାହା ପ୍ରଶ୍ନବାଚୀ ଅଟେ। ନିୟମ କାନୁନକୁ ପାଳନ କରୁନଥିବା ଅସାଧୁ ବ୍ୟବସାୟଙ୍କ କ୍ଷେତ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ

# ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ମୟୂରଭଞ୍ଜ ସମ୍ମାନିତ



**ବାରିପଦା, ୧୮।୧୦(ସମିସ):** ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଉଦାହରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ଆଦି କର୍ମଯୋଗୀ ଅଭିଯାନ' ଉପରେ ଜାତୀୟ ସମ୍ମେଳନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନ କରିଥିବା ରାଜ୍ୟ, ଜିଲ୍ଲା, ବ୍ଲକ ଓ ସମ୍ବନ୍ଧିତ ଜନଜାତି ଉନ୍ନୟନ ସଂସ୍ଥାଗୁଡ଼ିକୁ ସମ୍ମାନିତ କରିଛନ୍ତି। ଉତ୍ସବରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ମନ୍ତ୍ରୀ ଜୁଏଲ ଓରାମ ଓ ମନ୍ତ୍ରାଳୟର ସଚିବ ବିଭୁ ନାୟାର ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲାକୁ ଆଦି କର୍ମଯୋଗୀ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ଶ୍ରୀ ସଏଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରସ୍କୃତ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସଏ ଗର୍ବ ଓ ଆନନ୍ଦର ସହିତ ଏହି ସମ୍ମାନ ସାମଗ୍ର ଜିଲ୍ଲାର ବୋଲି କହିଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ ଅନୁଷ୍ଠାନ ଯଥା ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥିମାନଙ୍କର ଏହା ମିଳିତ ପ୍ରୟାସର ଫଳ ବୋଲି କହିଛନ୍ତି। ଅଭିଯାନରେ ଜିଲ୍ଲାର ୧୩୬୩ଟି ଆଦିବାସୀ ବହୁଳ ବସତି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ବୋଲି କହିଛନ୍ତି। ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ସ୍ୱାବଲମ୍ବୀ, ବିକଶିତ ଗ୍ରାମ କରିବା ଏବଂ ଦେଶର ଉନ୍ନତିରେ ସେମାନଙ୍କ ସକ୍ରିୟ ସହଭାଗୀତା ରହିବା ସହିତ ଉନ୍ନତିର ଲାଭ ଆଦିବାସୀ ଅଞ୍ଚଳର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ବନ୍ୟଜାତ ଦ୍ରବ୍ୟକୁ ନେଇ ଉଚିତ୍ ବ୍ୟବସାୟୀକରଣ ଦାବି

**ମୋରଡ଼ା, ୧୮।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଭରିରହିଛି ଔଷଧୀୟ ଶାଳପତ୍ର ଗଛ। ପୁଣି ଶାଳପତ୍ରରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖଲି ଓ ଦନାର ଚାହିଦା ଥିବା ବେଳେ ଜିଲ୍ଲାର ବହୁ ଅଞ୍ଚଳରେ ଲକ୍ଷାଧିକ ସଂଖ୍ୟାରେ ଗରୀବ ମହିଳା ଓ ପୁରୁଷମାନେ ଏହାକୁ ପ୍ରସ୍ତୁତ କରିଥାନ୍ତି। ମାତ୍ର ସରକାରଙ୍କ ଉଦାସୀନତା ଏବଂ ଉଚିତ ବ୍ୟବସାୟୀକରଣ ନହେବା ଯୋଗୁଁ ଶିଳ୍ପବିହୀନ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟ ଉପରେ ନିର୍ଭର କରୁଥିବା କାରିଗର ମାନେ ଅଭାବ ଅନାଟନ ଭିତରେ ଦିନ ଅତିବାହିତ କରୁଛନ୍ତି। ତାକୁ ଲକ୍ଷ୍ୟରେ ରଖି ଦୀର୍ଘ ଦିନଧରି ଶାଳପତ୍ର ଏବଂ ଅନ୍ୟ ବନ୍ୟଜାତ ଦ୍ରବ୍ୟକୁ ନେଇ ଉଚିତ୍ ବ୍ୟବସାୟୀକରଣ କରିବା ନିମନ୍ତେ କୁଟୀର ଶିଳ୍ପ ମାଧ୍ୟମରେ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟନେଇ ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୋରଡ଼ା ବ୍ଲକ ଅଧୀନସ୍ଥ କିଛି ଗ୍ରାମକୁ ଯାଇ ପ୍ରତ୍ୟେକ ଦିନ ଜଙ୍ଗଲରୁ ଶାଳପତ୍ର ତୋଳି ସେହି 'ପତ୍ର ଟିପି' ବେପାରୀଙ୍କୁ ବିକ୍ରି କରି ଯୋଉ ପରିମାଣରେ ଅର୍ଥ ପାଉଛନ୍ତି, ଆଉ ସେତିକି ଅର୍ଥରେ କିଭଳି ତାଙ୍କ ପରିବାରବର୍ଗଙ୍କର ଭରଣପୋଷଣ କରୁଛନ୍ତି ତାଙ୍କର ଦୁଃଖ ଦୁର୍ଦ୍ଦଶା ବୁଝିଥିଲେ। ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ କିମ୍ବା ନ କରୁ ଆଗାମୀ ଦିନରେ ଏହି କୁଟୀର ଶିଳ୍ପକୁ ଆଗକୁ ବଢ଼ାଇବା ଓ ରୋଜଗାର ପାଉଥିବା ବ୍ୟକ୍ତିଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସଂଗଠନ ପ୍ରତିଶ୍ରୁତିବଦ୍ଧ ବୋଲି ମୋରଡ଼ା ବ୍ଲକ ସଭାପତି ପରିତୋଷ ବାରିକ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

- ଶାଳପତ୍ର ତୋଳାଳୀଙ୍କ ପାଇଁ ଅଣ୍ଟା ଭିଡ଼ିଲା ଭଞ୍ଜସେନା

# ପଣ୍ଡିତ ରଘୁନାଥ ମୁର୍ମୁ କେନ୍ଦ୍ରୀୟ ପାଠାଗାର ପ୍ରତିଷ୍ଠା ଦାବି

**ବାରିପଦା, ୧୮।୧୦(ସମିସ):** ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ଯୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁଙ୍କ ନେତୃତ୍ୱରେ ପୁଣିଥରେ ମନ୍ତ୍ରୀ ଓ ପ୍ରଶାସନକୁ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ସହଯୋଗରେ ୬ ଦଫା ଦାବିନେଇ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରସରରେ ପଣ୍ଡିତ ରଘୁନାଥ ମୁର୍ମୁ ସେଣ୍ଟ୍ରାଲ୍ ଲାଇବ୍ରେରୀ ପ୍ରତିଷ୍ଠା କରାଯିବା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାନ୍ତାଳୀ ଭାଷା ପାଇଁ ନିୟମିତ ଅଧ୍ୟାପକ ପଦ ସୃଷ୍ଟି କରିବା ସହ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ସ୍ଥାପନ କରିବା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ୩+ କଲେଜଗୁଡିକରେ ସାନ୍ତାଳୀ ଅନର୍ସ ଖୋଲାଯିବା, ଷ୍ଟାଇପେଣ୍ଡ ଟଙ୍କା ବୃଦ୍ଧି କରାଯିବା। ଦାବିଗୁଡିକ ପୂରଣ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ, ସାଂସଦ, ନେତା, ଜିଲ୍ଲା ପ୍ରଶାସନ ନିକଟରେ ଦାବିପତ୍ର ଦିଆଯାଇ ଆସୁଅଛି ଓ ରାଜ୍ୟପାଳ ମଧ୍ୟ ଆବଶ୍ୟକ ପଦକ୍ଷେପେ ଗ୍ରହଣ କହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ରାଜ୍ୟପାଳଙ୍କ ପ୍ରତଶ୍ରୁତିକୁ ଇତି ମଧ୍ୟରେ ବହୁଦିନ ବିତିଲାଣି, ତଥାପି କାର୍ଯ୍ୟ କିଛି ଆଗେଇ ନାହିଁ। ପ୍ରଶାସନ କି ନେତାଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ମାରିସା ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଏନେଇ ମାରିସା ରାଜ୍ୟ ସଭାପତି ଶ୍ରୀ ମୁର୍ମୁଙ୍କ ଦୀର୍ଘବର୍ଷ ହେଲା ପ୍ରଚେଷ୍ଟା ଜାରି ରହିଛି। ଦାବିଗୁଡ଼ିକ ପୂରଣ ନହେବା ପର୍ଯ୍ୟନ୍ତ ଏଥିପ୍ରତି ଆହୁରି ଅଧିକ ପ୍ରୟାସ କରାଯିବ ବୋଲି ମାରିସା ରାଜ୍ୟ ସଭାପତି ପ୍ରେସ୍ ମାଧ୍ୟମରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ବିକ୍ରମ ସୋରେନ୍, ସୁକିନ୍ଦ୍ର ଟୁଡୁ, ମଙ୍ଗଲ ବେଶ୍ରା, ଗାମ୍ବା ହେମ୍ବ୍ରମ, ରାଜେନ୍ଦ୍ର ମାଝୀ, ଜିତରାୟ ଟୁଡୁ ଓ ଚତୁର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

- ମାରିସାର ଦସ୍ତଖତ ଅଭିଯାନ

## ରାଜ୍ୟସ୍ତରୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା

# ଯାଜପୁରର ଉପେନ୍ଦ୍ରନାଥ ସାରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ

**ବାରିପଦା, ୧୮।୧୦(ସମିସ):** ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଚାଲିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୮ଟି ଜୋନର ଚାମ୍ପିଅନ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଯାଜପୁରର ଉପେନ୍ଦ୍ରନାଥ ସାରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରୀର ବାନିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁ ୨-୧ ସେଟରେ ପ୍ରରାସ୍ତ କରି ଚମ୍ପିଅନ ହୋଇଥିଲା। ପ୍ରତିଯୋଗିତାକୁ ରାଜେଶ ଦାସ, ପ୍ରଦୋଷ ତିପିରିଆ, ଦେବାଶିଷ ପରିଡ଼ା, ଶିବ ଶଙ୍କର ମହାନ୍ତ, ମନୋହର ବେହେରା, ମାନସ ମହାନ୍ତ ପରିଚାଳନା କରିଥିଲେ। ଉଦଯାପନ ଉତ୍ସବ ବାରିପଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥଲା। ମୁଖ୍ୟଅତିଥି ଭାବେ ସମାଜସେବୀ ଓ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଉପ ସଚିବ ରାଜେଶ କୁମାର ପ୍ରଧାନ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ଖିଚିଂ ମନ୍ଦିର ବିକାଶ ଓ କେସନାକୁ ଶିଳ୍ପୀ ଗ୍ରାମ ଘୋଷଣା ଦାବି

**ବାରିପଦା, ୧୮।୧୦(ସମିସ):** ମୟୂରଭଞ୍ଜ ପଥର ଶିଳ୍ପୀମାନଙ୍କ ଗ୍ରାମ କେସନାକୁ 'ଶିଳ୍ପୀ ଗ୍ରାମ' ଭାବେ ଘୋଷଣା କରିବାକୁ ଭଞ୍ଜସେନା ଦାବି କରିଛି। ଏହାସହିତ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତଥା ବିଶ୍ୱରେ କଳା ମୁଗୁନି ପଥରରେ ନିର୍ମିତ ଏକମାତ୍ର ଖିଚିଂ ସ୍ଥିତ ମା' କିଚକେଶ୍ୱରୀ ମନ୍ଦିର ସୁରକ୍ଷା ଓ ଏହାର ଚାରିପାଖରେ ସୌନ୍ଦର୍ଯ୍ୟକରଣ କାମ ପାଇଁ ପାଣ୍ଠି ସହିତ କର୍ପସ ଫଣ୍ଡ ଘୋଷଣା କରିବାକୁ ମଧ୍ୟ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମା' କିଚକେଶ୍ୱରୀଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର ଆଧାରରେ ଯଥାଶୀଘ୍ର ଟେଣ୍ଡର ଆହ୍ୱାନ କରିବା, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୫୦କୋଟି ଟଙ୍କାର ସହାୟତା ରାଶି ତୁରନ୍ତ ପ୍ରଦାନ, ମନ୍ଦିର କାର୍ଯ୍ୟ ସୂଚାରୁରୂପେ ପରିଚାଳନା ପାଇଁ ଅତିକମରେ ୧୦୦କୋଟି ଟଙ୍କାର କର୍ପସ ଫଣ୍ଡ ତୁରନ୍ତ ଘୋଷଣା, କଳା ମୁଗୁନି ପଥରରେ ନିର୍ମିତ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ଏବଂ ଅନ୍ୟାନ୍ୟ ଉପକରଣ ବାବଦରେ ଉପଯୁକ୍ତ ପ୍ରଚାର ପ୍ରସାର କରିବା ଓ ଉଚିତ ବ୍ୟବସାୟୀକରଣ କରିବା ସହ କୁଶଳୀ କାରିଗରଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ସକାଶେ କେସନା ସଂଲଗ୍ନ ୫ଟି ଗ୍ରାମକୁ ନେଇ 'ଶିଳ୍ପୀ ଗ୍ରାମ' ଭାବେ ଘୋଷଣା କରାଯାଉ ବୋଲି ଦାବି ହୋଇଛି। ଦାବିପତ୍ର ଦେବା ସମୟରେ ସଂଗଠନ ପକ୍ଷରୁ ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଯୁବଶାଖା ସଭାପତି ଏସ୍ କେ ରାଜାଖାନ, ସିଙ୍ଗରାୟ ହେମ୍ବ୍ରମ, ସଞ୍ଜୟ ମହାନ୍ତ, ଦୀପକ କୁମାର ବେହେରା, ରୁଦ୍ର ପଟ୍ଟନାୟକ, ପ୍ରଦୀପ ପଣ୍ଡା, ସୁମିତ୍ ରାଉଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ୪୫ ଦିନ ମଧ୍ୟରେ ଦାବି ପୂରଣ ନହେଲ ୪୯ ନଂ ଜାତୀୟ ରାଜପଥ(ଏନଏଚ୍)ର ସିଙ୍ଗଡ଼ା ଛକଠାରେ ହରତାଳ କରାଯିବ ବୋଲି ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

- ୪୫ଦିନ ମଧ୍ୟରେ ପୂରଣ ନହେଲେ ଏନ୍ଏଚ୍‌ରେ ହରତାଳ ଚେତାବନୀ

# ବେତନଟୀ ବ୍ଲକ୍‌ସ୍ତରୀୟ ଆଥ୍‌ଲେଟିକ ମିଟ୍

**ବେତନଟୀ, ୧୮।୧୦(ସମିସ):** ବେତନଟୀ ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷ ବୟସରୁ କମ୍ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ଟି ଗ୍ରୁପ୍‌ରେ ବିଭିନ୍ନ ପ୍ରକାର ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଣାପାଣିସ୍ଥିତ ଖେଳପଡ଼ିଆରେ ୧୮ ତାରିଖ ଦିନ ଅନୁଷ୍ଠିତ ପ୍ରତିଯୋଗିତାରେ କେବଳ କ୍ରିକେଟ୍‌ରେ ବାଳକମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟସମସ୍ତ ଖେଳରେ ଜୁନିଅର ଓ ସିନିଅର ଡିଭିଜନରେ ବିଭକ୍ତ ହୋଇ ଉଭୟ ବାଳକ ଓ ବାଳିକାଗଣ ଅଂଶଗ୍ରହଣ କରିଥିଲେ। ୨୫ଜଣ ଉଚ୍ଚବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ଶିକ୍ଷକ/ଶିକ୍ଷିକାଙ୍କ ସମେତ ମୋଟ ୨୮୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ମଧ୍ୟରେ ମୁଖ୍ୟତଃ କ୍ରିକେଟ୍, ଲମ୍ବଡିଆଁ, ଉଚ୍ଚ ଡିଆଁ, ଡିସକସ୍ ସଟ୍ ପୁଟ ଓ ଜାଭଲିନ ଫିଙ୍ଗା, ୧୦୦ ଓ ୨୦୦ମିଟର ଦୌଡ ଅନ୍ତର୍ଭୁକ୍ତ। ଉତ୍ସବରେ ପୂର୍ବତନ କ୍ରୀଡା ଶିକ୍ଷକ ଓ ବିଶିଷ୍ଟ ସଂଗଠକ ରବୀନ୍ଦ୍ରନାଥ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଛାତ୍ରଜୀବନରେ କ୍ରୀଡାର ମହତ୍ତ୍ୱ ଓ ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କ୍ରୀଡା ମାଧ୍ୟମରେ ଶିକ୍ଷାଲାଭ, ଶାରୀରିକ ଗଠନ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବରିଷ୍ଠ କ୍ରୀଡ଼ା ଶିକ୍ଷକ ହରିଶ ଚନ୍ଦ୍ର ରାଉତ ସମୟାନୁବର୍ତ୍ତିତା ସହ କ୍ରୀଡାର ଉପକାରୀତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବ୍ଲକରୁ ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲକାରୀ ୬୧ଜଣ ପ୍ରତିଯୋଗୀ ଜିଲ୍ଲାକୁ ଚୟନ ହୋଇଥିବାର ଘୋଷଣା କରାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ବେଆଇନ ବାଣ ଜବତ

**ବାରିପଦା, ୧୮।୧୦(ସମିସ):** ଦୀପାବଳି ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ବେଆଇନ ଭାବେ ବାଣ ବିକ୍ରି କରୁଥିବା ବେଳେ ଜବତ କରି ଜଣକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ପାଲବଣି ଅଞ୍ଚଳର ବିବେକାନନ୍ଦ ଜେନା (୩୫)। ପୁଲିସ ପାଟ୍ରୋଲିଂ ବେଳେ ବେଆଇନ ଭାବେ ବାଣ ବିକ୍ରି କରୁଥିବାର ସୂଚନା ମିଳିଥିଲା। ଯାହାକୁ ନେଇ ପାଲବଣି ସ୍ଥିତ ଦୋକାନରେ ପୁଲିସ ଚଢ଼ଉ କରିଥିଲେ। କୋଣସି ଅନୁମତିପତ୍ର ନଥାଇ ବାଣ ବିକ୍ରି କରୁଥିବାର ଜଣାପଡ଼ିଥିଲା।



# ଧନତେରସରେ ଝାଡୁ ଦୋକାନରେ ଭିଡ଼

**ବାରିପଦା, ୧୮।୧୦(ସମିସ):** ଧନତେରସ୍ ଅବସରରେ ବାରିପଦା ସହରରେ ଗ୍ରାହକ ମାନେ ଅଧିକ ଝାଡୁ କିଣୁଥିବାର ପରିଲକ୍ଷିତ ହୋଇଛି। ଧନତେରସରେ ସୁନା, ରୁପା, ପିତ୍ତଳ ଆଦି ମୂଲ୍ୟବାନ ଧାତୁ ସମେତ ବାସନ, ଝାଡୁ, ଲୁଣ କିଣି ଘରକୁ ଆଣିଲେ ମା' ଲକ୍ଷ୍ମୀଙ୍କୁ ଘରକୁ ଆସିଥାନ୍ତି ବୋଲି ପ୍ରାଚୀନ କାଳରୁ ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ସୁନାଗହଣା ଦୋକାନ ଅପେକ୍ଷା ଝାଡୁ ଦୋକାନରେ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଝାଡୁ ଦୋକାନରେ ଭଳିକି ଭଳି ଝାଡୁ ଥିବା ବେଳେ ଦର ମଧ୍ୟ ପୂର୍ବ ଦିନର ତୁଳନାରେ ଅଧିକ ରହିଥିଲା। ତେବେ ଚଳିତ ବର୍ଷ ସୁନା ଦୋକାନରେ ବେଶୀ ଭିଡ଼ ଦେଖିବାକୁ ମିଳିନଥିଲା। ସୁନା ଓ ରୁପା ଦର ହୁ ହୁ ହୋଇ ବୃଦ୍ଧି ପାଇ ନିୟନ୍ତ୍ରଣ ବାହାର ହୋଇଛି। ଯାହାକୁ ଜଣେ ସାଧାରଣ ମଣିଷ କିଣିବା ସ୍ୱପ୍ନ ସାଜିଛି। ତେଣୁକରି ବାରିପଦା ସହରର ସୁନା ଅଳଙ୍କାର ଦୋକାନୀ ମାନେ ଯେତେ ଲୋଭନୀୟ ଅଫର ଦେଲେ ମଧ୍ୟ ଲୋକଙ୍କ ସୁନା ଓ ରୁପା କିଣିବା ଠାରୁ ଝାଡୁ କିଣିବାକୁ ଶ୍ରେୟ ମଣିଥିଲେ। ତେଣୁ ଧନତେରସ୍ ବିଧି ବଞ୍ଚାଇ ମା' ଲକ୍ଷ୍ମୀଙ୍କ ଶୁଭାଶୀର୍ବାଦ ପାଇଁ ଗ୍ରାହକଙ୍କ ଝାଡୁ ଦୋକାନରେ ଭିଡ଼ ଲାଗିଥିଲା। ଫଳରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ସୁନା ଓ ରୁପା ଅଳଙ୍କାର ଦୋକାନରେ ଭିଡ଼ କମ ରହିଥିଲା।

# ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ

ବାରିପଦା, ୧୮।୧୦(ସମିସ)




ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ ୨୦୨୫ର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଏହି ଠକେଇରୁ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଇବାସହ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପ୍ରଶାସନ ଓ ପୁଲିସ ପ୍ରଶାସନର ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ଶୁଭାରମ୍ଭ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ ଓ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ସୁମତି ସିଂ, ପଞ୍ଚମ ବାଟାଲିୟନ କାମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଓ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଯାନ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ ଯେ ଏହା ଆଜିଠାରୁ ଆରମ୍ଭ ହୋଇ ମାସେ ବ୍ୟାପୀ ୧୭ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାରେ ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ବିଭିନ୍ନ ସାଇବର ସୁରକ୍ଷା ସଚେତନତା ପ୍ରଦାନ କରି ସମାଜର ସବୁ ବର୍ଗର ଲୋକଙ୍କୁ ଠକେଇରୁ ସୁରକ୍ଷା ଦେବା ମୁଖ୍ୟ ଲକ୍ଷ୍ୟ। ସାଇବର ଠକମାନେ ନୂତନ ଉପାୟ ଅବଲମ୍ବନ କରି ଲୋକଙ୍କୁ ସେମାନଙ୍କର ଶିକାର ବନାଉଛନ୍ତି। ଯାହାର ପ୍ରମୁଖ କାରଣ ହେଉଛି ଲୋଭ, ଭୟ ଓ ଦାୟିତ୍ୱହୀନତା। ମାଗଣାରେ କିମ୍ବା କମ୍ ଦାମରେ ଅଧିକ ଲାଭ ଆଶାରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦେଣନେଣ କରିବା କିମ୍ବା କୌଣସି ମିଛ ଫୋନକଲ୍ ପାଇ ଭୟାତୁର ହୋଇ କିଛି ତର୍ଜମା ନକରି ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରି ସାଇବର ଠକାମୀର ଶିକାର ହେବାକୁ ପଡ଼େ। ତେଣୁ ଆମେ ସମସ୍ତେ ସଚେତନ ହେବା, ସତର୍କ ରହିବା ଏବଂ ସୁରକ୍ଷିତ ରହିବା। ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ କରିବା ଅଭିଯାନର ମୂଳଲକ୍ଷ୍ୟ, ଯେମିତି କି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନହେବା, ଗୋପନ ଭିଡ଼ିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରି ଆଶାୟୀ ଯୁବପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ୍ ବିକ୍ରି, ଫ୍ରଡ୍ ନିବେଶ ପାଇଁ ପ୍ରବର୍ତ୍ତାଇବା, ଭୟ ଦେଖାଇ ନିର୍ଯାତନା କରିବା, ମହିଳା ଓ କିଶୋରୀ ମାନଙ୍କୁ ନକଲି କଲ୍ ଜରିଆରେ ଯୌନ ନିର୍ଯାତନା, ଗ୍ରାମ ଓ ସେମି ଅର୍ବାନ ଅଞ୍ଚଳ ପ୍ରଥମ କରି ସ୍ମାର୍ଟ ଫୋନ ବ୍ୟବହାରକାରୀ ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକ୍ କଲ୍ ବାବଦରେ ଜ୍ଞାନ ଦେବା, ବରିଷ୍ଠ ନାଗରିକଙ୍କୁ ନିରାପଦ ବ୍ୟାଙ୍କିଂ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା, ଏସ୍ଏଚ୍‌ଜି ଏବଂ ଗୋଷ୍ଠୀ ସମୂହ ଡିଜିଟାଲ ଦେଣନେଣ, ଫେକ ଋଣ, ନକଲି ପୁଞ୍ଜି ନିବେଶ ବାବଦରେ ଏବଂ ବ୍ୟବସାୟୀ ଓ ବୃତ୍ତିଧାରୀଙ୍କୁ ଡାଟା ସିକ୍ୟୁରିଟି, ବୃତ୍ତିଗତ ଶୋଷଣରୁ ସୁରକ୍ଷା, ଡିଜିଟାଲ ପେମେଣ୍ଟରେ ସତର୍କତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯିବ। ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନରେ ଯଥା ସାଇବର ସୁରକ୍ଷା ପ୍ରଚାରପତ୍ର, ଭିଡ଼ିଓ ପ୍ରଦର୍ଶନ, ରେଡିଓ ଜିଙ୍ଗଲ, ସୁରକ୍ଷା ମେସେଜ୍, ଡିବେଟ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ନାଟକ, ସଚେତନତା ରଥ ପରିକ୍ରମା, ପଦଯାତ୍ରା, ସାଇକଲ ଯାତ୍ରା, ସ୍ପଟ କୁଇଜ, ସାଇବର ଅପରାଧ ଉପରେ ସମ୍ମିଳନୀ, ଅନଲାଇନ କୁଇଜ, ରିଲ ମ୍ୟାକିଂ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯିବ। ମାତ୍ର ଜନ ସଚେତନତା କେବଳ ପୁଲିସ ବିଭାଗ ଦ୍ୱାରା ସମ୍ଭବ ନୁହେଁ ବରଂ ସମସ୍ତଙ୍କ ସହଭାଗୀତାରେ ସଫଳ ରୂପାୟନ ସମ୍ଭବ ହେବ ବୋଲି ଆଶାବ୍ୟକ୍ତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।




ସୃଜନିକା

ସକାଳ THE SAKALA
www.sakalaepaper.com



# ପ୍ରାଣ ପ୍ରତିଷ୍ଠା



ବିଚିତ୍ର ବିଶ୍ୱାଳ

ନୂଆ କରି ତିଆରି ହୋଇଥିବା ଏକ ଭବ୍ୟ ମନ୍ଦିରର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଯାଉଥିଲେ ମନ୍ତ୍ରୀ ମହୋଦୟ ଓ ମୁଖ୍ୟ ପୁରୋହିତ । ପାଞ୍ଜି ଦେଖି ଓ ଗ୍ରହ ନକ୍ଷତ୍ରଙ୍କ ଚଳନକୁ ଆକଳନ କରି ବିଗ୍ରହରେ ପ୍ରାଣ ପ୍ରତିଷ୍ଠାର ସମୟ ନିର୍ଘଣ୍ଟ ହୋଇଥିଲା । ଆଉ ଅଳ୍ପ ସମୟ ଥିବାରୁ ଦ୍ରୁତ ଗତିରେ ଚାଲୁଥିଲା ମନ୍ତ୍ରୀଙ୍କ ଗାଡ଼ି ।

ରାସ୍ତାରେ ଜଣେ ମା' ବିକଳ ହୋଇ ସାହାଯ୍ୟ ଭିକ୍ଷା କରୁଥିଲେ । ତାଙ୍କ ଛୋଟ ପୁଅଟି ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡ଼ରେ ପଡ଼ିଥିଲା । ବହୁତ ରକ୍ତ ବୋହିଯାଇଥିଲା । ତାକୁ ତୁରନ୍ତ ଡାକ୍ତରଖାନା ନେବା ଦରକାର ଥିଲା । ତାହେଲେ ହୁଏତ ଛୋଟ ପିଲାଟିର ପ୍ରାଣ ବଞ୍ଚିଯାଇ ପାରେ । ମା' ଜଣକ ନିଜେ ଆହତ ହୋଇ ମଧ୍ୟ ହାତ ହଲେଇ ଚିତ୍କାର କରି ତା' ପୁଅର ପ୍ରାଣ ବଞ୍ଚାଇବା ପାଇଁ ଆକୁଳ ନିବେଦନ କରୁଥିଲେ ।

ମନ୍ତ୍ରୀଙ୍କ ଗାଡ଼ି ଡ୍ରାଇଭର ଯନ୍ତ୍ରବତ୍ ଗାଡ଼ି ଅଟକାଇ ଦେଲା ମା' ଜଣକ ପାଖରେ । ମା'ର ଆଖିରେ ଆଶା ଜାଗି ଉଠିଲା । କିଛି ଚିନ୍ତା ନକରି ଡ୍ରାଇଭର ଜଣକ ଗାଡ଼ିରୁ ଓହ୍ଲେଇ ଗଲା । ପୁଅର ପ୍ରାଣ ବଞ୍ଚିଯିବ ବୋଲି ମା'ର ଆଶା ସଂଚାର ହେଲା ।

ହଠାତ୍ ଗାଡ଼ି ଭିତରୁ ଏକା ସାଙ୍ଗରେ ଚିଲ୍ଲେଇ ଉଠିଲେ ମନ୍ତ୍ରୀ ଓ ପୁରୋହିତ । ଆରେ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ି ଯାଉଛି । ଡେରି ହେଲେ ବିଘ୍ନ ହୋଇଯିବ । ଗାଡ଼ି ରଖି ସିଆଡ଼େ କୁଆଡ଼େ ଯାଉଛୁ? ଶୀଘ୍ର ଆସି ଷ୍ଟିଅରିଂ ଧର ।

ମାଲିକଙ୍କ ଚିତ୍କାର ଶୁଣି ଡ୍ରାଇଭରର ପାଦ ଯୋଡ଼ିକ ଅଟକି ଗଲା । ମା' ଜଣକ କାନ୍ଦି କାନ୍ଦି କହୁଥିଲେ, "ମୋ ପୁଅକୁ ଟିକେ ଶୀଘ୍ର ଡାକ୍ତରଖାନାକୁ ନେଇ ତା' ପ୍ରାଣ ବଞ୍ଚେଇ ଦିଅନ୍ତୁ ଆଜ୍ଞା... ।"

ମା'ଟିର ବିକଳ ଚିତ୍କାର ମନ୍ତ୍ରୀ ଓ ପୁରୋହିତଙ୍କ ପ୍ରାଣକୁ ଭେଦି ପାରିଲା ନାହିଁ । ଗାଡ଼ି ଭିତରୁ ଡ୍ରାଇଭର ଉଦ୍ଦେଶ୍ୟରେ ମନ୍ତ୍ରୀ ଗର୍ଜନ କଲେ, ଏଇ ଶୀଘ୍ର ଆସି ଗାଡ଼ି ଚଲା । ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ିଯାଉଛି । ହଜାର ହଜାର ଲୋକ ସେପଟେ ଅପେକ୍ଷା କରିଛନ୍ତି । ଶୀଘ୍ର ଆସ୍ । ମନ୍ତ୍ରୀଙ୍କ ତାଗିଦରେ ବିଚରା ଡ୍ରାଇଭର ପଛକୁ ଫେରି ଗାଡ଼ି ଭିତରକୁ ଆସିଲା । ମା' ଜଣକ ଛାତିରେ ହାତ ବାଡ଼େଇ ବାଡ଼େଇ ତା' ପୁଅର ପ୍ରାଣ ରକ୍ଷା ପାଇଁ ବିକଳ ମିନତି କରୁଥିଲା । କିନ୍ତୁ ମନ୍ତ୍ରୀ ଓ ପୁରୋହିତ ମନ୍ଦିର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଶୀଘ୍ର ଶୀଘ୍ର ଚାଲିଗଲେ ।

ନୀରବରେ ଡ୍ରାଇଭର ଗାଡ଼ି ଚଳାଉଥିଲା । ତା' ମନ ଭିତରେ ଗୋଟିଏ କଥା ବାରମ୍ବାର ବାଡ଼େଇ ହେଉଥିଲା, ଗୋଟେ ଜୀବନ୍ତ ପିଲାର ପ୍ରାଣ ରକ୍ଷାକୁ ପଛ କରି ଏମାନେ କେଉଁ ପଥର ଦେହରେ ପ୍ରାଣ ପ୍ରତିଷ୍ଠା କରିବାକୁ ଯାଉଛନ୍ତି!

ବିଗ୍ରହ ଦେହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାରି ଫେରିଲେ ମନ୍ତ୍ରୀ । ଡ୍ରାଇଭର ଆଖିରେ କିନ୍ତୁ ନାଚି ଉଠୁଥିଲା ପ୍ରାଣ ରକ୍ଷା ପାଇଁ ସଂଘର୍ଷ କରୁଥିବା ଛୋଟ ପିଲାଟିର ରକ୍ତାକ୍ତ ଶରୀର ଓ ଶୁଖିଲା ମୁହଁ । ■

ଭିରଙ୍ଗ, ତିରଣ
ଜଗତସିଂହପୁର- ୭୫୪୧୩୮
ମୋ: ୯୪୩୮୪୬୮୪୭୪

# ପକ୍ଷହୀନ ଜଟାୟୁ ମୁଁ



କୁନ୍ତଳତା ତ୍ରିପାଠୀ

ବୟୋବୃଦ୍ଧ ଜଟାୟୁ ମୁଁ
ସମୟ ସରସୀର ପ୍ରଭାବିତ ସ୍ରୋତେ ପକ୍ଷହୀନ
ଭାସି ଭାସି ଅଙ୍କା ବଙ୍କା ସର୍ପିଳ ପଥେ
ଝଡ଼ ଝଞ୍ଜା ସହି ସହି ଅରଣ୍ୟ ବାସରେ
ଅନେକ ଅନୁଭୂତିରେ ଜୀବନକୁ ପରଖିଛି ମୁଁ
କେତେ ବ୍ୟଥା ବେଦନାର ସ୍ୱର ଆଙ୍କି ହୋଇ
ସମୟ ପୃଷ୍ଠାରେ ଅଲିଭା ସ୍ୱାକ୍ଷରେ,,
କେତେ ଅବା ଧୋଇ ହୋଇ
ହିସାବ କି ଦେଇ ମୁଁ ପାରିବି?
ନିରେଖି ପାରିନି ତାହା ଆବଶ୍ୟକ ଅନାବଶ୍ୟକ ଭେଦେ
ମାତ୍ର ଇତିହାସ ମୂକସାକ୍ଷୀ ହୋଇ ରୂପରେଖ ଦେଇଥାଏ ତା'ର,
ଜାଣିଛି ମୁଁ ତାହା
ମୃତ୍ୟୁକୁ ଆପଣେଇ ପାରିନି ମୁଁ
ଭୀଷଣ ଏ ଚନ୍ଦ୍ରହାସ ଖଡ଼୍ଗର ଆଘାତେ,
ବଞ୍ଚିଛି ମୁଁ ବଞ୍ଚିଥିବି କର୍ମକ୍ଳାନ୍ତ ଜୀବନେ ମୋ ଅପାରଗ ହୋଇ,
ରାବଣର ବିଦ୍ରୂପ ହସରେ ଯଦିଓ ପ୍ରତାରିତ ମୁଁ - ମାତ୍ର ପ୍ରଚୋଦିତ
ଅପେକ୍ଷମାଣ ମୁଁ ସମ୍ବେଦନାର ସମ୍ମୋହନ ମନ୍ତ୍ରେ,
ହୁଏତ ଏ ହୋଇପାରେ ମୋର ଅନ୍ତିମ ପ୍ରତୀକ୍ଷା,
ମାତ୍ର ନୁହେଁ ଶେଷ ସ୍ୱର
ଅଥଚ ମୋ ଜୀବନର ସର୍ବମୂଲ୍ୟ ଶେଷ ଆଶା ଭରସାର
ଭୂମିକାଟିଏ ନିଭାଇବା ପାଇଁ ।
ରାବଣର ଅଟ୍ଟହାସ୍ୟ,
ବିଚଳିତ କରିପାରିନି ମୋତେ
ମାରି ମରିବାର ପଣ ମୋ' ଭିତରେ
ଶୂନ୍ୟତାରେ ପୂର୍ଣ୍ଣତାର ଉପଲବ୍ଧି ଦେଇ ।

ଅନ୍ତ ହେବ ଦୁରାଚାର
ଅବସାନ ଘଟିବ ଭ୍ରଷ୍ଟର
ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ
ଅନ୍ତିମ ଅଭିଳାଷ ନେଇ
ଯୁଗେ ଯୁଗେ ଜନମେ ଜନମେ
ପକ୍ଷହୀନ ଜଟାୟୁ ମୁଁ ଏବେ ବି ବଞ୍ଚିଛି
ପ୍ରତୀକ୍ଷାର ଘଟିନାହିଁ ଅନ୍ତ । ■

କଟକ
ମୋ: ୮୩୩୯୦୫୧୧୭୩



# ରେ ଜୀବନ!



ପବିତ୍ର ମୋହନ ଦାଶ

ତୁ ନିମନ୍ତ୍ରଣ ଦେଇଯାଉ
ଆକାଶରେ ପହଁରିବା ପାଇଁ
ମୋର ଡେଣା ଗଜୁରେ ନାହିଁ,
ତୁ ପ୍ରେରଣା ଦେଉ
ନଦୀ ସହ ସ୍ୱର ସାଧନା ପାଇଁ
ଗଳାରେ କର୍କଟ ମୋର
କଣ୍ଠ ଫିଟେ ନାହିଁ,
ତୁ ଆଦେଶ ଦେଉ
ତୋଫାନ ସହ ମାତି ଉଠିବା ପାଇଁ
ରକ୍ତରେ ମୋ ନିଶା ମିଶେ ନାହିଁ,
ତୁ ଉତ୍ସାହିତ କରୁ
ସମୁଦ୍ର ସହ ନାଚିବା ପାଇଁ
ପକ୍ଷାଘାତ ଗ୍ରସ୍ତ ମୋର ଗୋଡ଼
ପାଦ ଚଳେ ନାହିଁ,
ରେ ଜୀବନ!
ତୁ କହୁ ଅଜ୍ଞାତ ସହିତ
ଘର ଛାଡ଼ି ଚାଲି ଯିବା ପାଇଁ
ମୁଁ ନାଚାର ଖୋଲେନା କବାଟ
କେଜାଣି କିମ୍ପାଇଁ? ■

ଇଂରାଜୀ ବିଭାଗ
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ
ବାଲିପୁଟ, ପୁରୀ -୭୫୨୦୪୫

# ସୁରେନ୍ଦ୍ରଙ୍କ ଗଳ୍ପରେ ବୌଦ୍ଧ ଚେତନା



ଡକ୍ଟର ବାସନ୍ତୀ ମହାନ୍ତି

କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଗଭୀର ଜୀବନ ଜିଜ୍ଞାସା ଓ ତା'ର ଉପଲବ୍ଧି ହେଲା - "ଜୀବନ ପବିତ୍ର ଓ ଅନାବିଳ । ଜ୍ୟୋତ୍ସ୍ନାର ପ୍ରତିଫଳନ ଏଇ ଶିଶିର ବିନ୍ଦୁରେ ଯେତିକି ଲୋଭନୀୟ ନର୍ଦ୍ଦମାରେ ସୁଦ୍ଧା ସେତିକି ରମଣୀୟ । ପୁଣ୍ୟ ମଧ୍ୟରେ ଜୀବନ ଯେପରି ଶୁଭ୍ର, ସୁନ୍ଦର, ପାପ ମଧ୍ୟରେ ଜୀବନ ମଧ୍ୟ ସେହିପରି ସ୍ୱଚ୍ଛ ଓ ରମଣୀୟ । ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୁଣ୍ୟମୟ ଉପଲବ୍ଧି ଅଛି ।" ଜୀବନର ଏ ଗୂଢ଼ ତତ୍ତ୍ୱକୁ ନିଷ୍କପଟ ଭାବରେ ସେ ତାଙ୍କ ବହୁ ସୃଷ୍ଟିରେ ଉପସ୍ଥାପନା କରିଛନ୍ତି । ଏହି ଚିନ୍ତାଧାରାକୁ ସମ୍ବଳିତ କରି ସୁରେନ୍ଦ୍ରଙ୍କର ବୌଦ୍ଧ ଯୁଗର ଗଳ୍ପଗୁଡ଼ିକ ସମୃଦ୍ଧ । ଏ ପ୍ରକାର ଗଳ୍ପଗୁଡ଼ିକ ସଂଖ୍ୟା ସର୍ବମୋଟ ଛଅଟି । ସେଗୁଡ଼ିକ ହେଉଛି – 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରୀ', 'ପିତା ଓ ପୁତ୍ର', 'ମହାନିର୍ବାଣ' ଓ 'ଉଦ୍ରାମପୁତ୍ର' ।

ଉଦ୍ରାମପୁତ୍ର ମହାଯୋଗୀ ବୌଦ୍ଧ ସନ୍ନ୍ୟାସୀ କଳିଙ୍ଗର ଅଧିବାସୀ ଥିଲେ । ତାଙ୍କ ସମ୍ପର୍କରେ "ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରେ (ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ) ମହାନଦୀ (M.O.-HO-River) ତଟବର୍ତ୍ତୀ ମହାକାନ୍ତାରରେ ମହାଯୋଗୀ ଉଦ୍ର ରାମପୁତ୍ରଙ୍କ ବିବରଣୀ ବର୍ଣ୍ଣିତ ଅଛି ।" ବୌଦ୍ଧଯୁଗର ଗୋଟିଏ ସତ୍ୟ ଆଧାରିତ ଚରିତ୍ରକୁ ନେଇ 'ଉଦ୍ର ରାମପୁତ୍ର' ଗଳ୍ପଟିର ପରିକଳ୍ପନା ହୋଇଛି । ଗଳ୍ପଟିର ବିଷୟବସ୍ତୁ କିନ୍ତୁ ରାମାୟଣ ଯୁଗର ରାଜା ଦଶରଥଙ୍କ ରାଜ୍ୟରେ ଅନାବୃଷ୍ଟିର ନିରାକରଣ ପାଇଁ ଆଜନ୍ମ ବ୍ରହ୍ମଚାରୀ ଋଷ୍ୟଶୃଙ୍ଗଙ୍କ ପଦସ୍ପର୍ଶ ଅଯୋଧ୍ୟା ରାଜ୍ୟରେ କରାଇବା ଓ ରାଜକନ୍ୟା ଶାନ୍ତାଙ୍କୁ ଅର୍ପଣ କରିବା ଉପାଖ୍ୟାନ ସହ ସାମଞ୍ଜସ୍ୟ ରଖେ । ଏ ଗଳ୍ପରେ କଥାବସ୍ତୁ ପ୍ରଧାନ ନୁହେଁ; କିନ୍ତୁ ଜଣେ ସଂସ୍କାରକ ସାଧନା-ନିଷ୍ଠ, ଜିତେନ୍ଦ୍ରୀୟ ନିର୍ବାଣ କାମୀ ବୌଦ୍ଧଭିକ୍ଷୁ ବିଶ୍ୱକଲ୍ୟାଣ ପାଇଁ ତାର ସକଳ ତପଃଫଳ ଉତ୍ସର୍ଗ କରିଦେଇ ପରିଶେଷରେ କିପରି ଜୀବନର ଚିରନ୍ତନ ମଧୁର ଅନୁଭବ ଜାନ୍ତବ କାମନା ନିକଟରେ ଆତ୍ମସମର୍ପଣ କରିଛି ସେହି ଭାବ ସମ୍ପଦ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଜୀବନର ଏକ ଚିରନ୍ତନ ସତ୍ୟ ହିଁ ଗଳ୍ପଟିରେ ମାର୍ମିକ ଭାବରେ ବର୍ଣ୍ଣିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ 'ସାରୀପୁତ୍ତ' ଜୀବନକୁ ବନ୍ଦନା କରୁଥିବା ଅନ୍ୟ ଏକ ସାର୍ଥକ ବୌଦ୍ଧ ଗଳ୍ପ । ଗୌତମ ବୁଦ୍ଧ ଯନ୍ତ୍ରଣା କ୍ଲିଷ୍ଟ ଜୀବନର ଅସାରତା ଓ ନିର୍ବାଣ ତତ୍ତ୍ୱରେ ପ୍ରଭାବିତ ହୋଇ ସାରୀପୁତ୍ତ ଗୃହତ୍ୟାଗୀ ହୋଇ ସଂଘଭୁକ୍ତ ହୋଇଛି । ମା' ରୂପଶ୍ରୀର କୋମଳ ମାତୃ ହୃଦୟ ପୁତ୍ର ବିଚ୍ଛେଦରେ ଖଣ୍ଡବିଖଣ୍ଡିତ ହୋଇପଡ଼ିଛି । ଦିନ ଦିନ ଧରି ସେ ପୁତ୍ରର ଘର ବାହୁଡ଼ାକୁ ପ୍ରତୀକ୍ଷା କରି ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତମାନଙ୍କୁ ଅତିବାହିତ କରୁଛି । ପୁତ୍ର, ପୁତ୍ରବଧୂ, କଳତ୍ରମାନଙ୍କୁ ନେଇ ଏକ ଭରପୂର ସାଂସାରିକ ଜୀବନରେ କାଳ୍ପନିକ ମୋହରେ ସେ ମୋହଗ୍ରସ୍ତ ହୋଇ ପଡ଼ିଛି । ରିଷ୍ଟ ଖଣ୍ଡନ ପାଇଁ ବ୍ରାହ୍ମଣ ଦେବତାଙ୍କୁ ପୂଜା ଆରାଧନା ଅର୍ଘ୍ୟ ଦେଇଛି । ଅବଶେଷରେ ସାରୀପୁତ୍ତ ଫେରିଛି କିନ୍ତୁ ପୁତ୍ର ରୂପରେ ନୁହେଁ ଭିକ୍ଷୁ ରୂପରେ । ଗୌତମୀ ପ୍ରଜାପତିଙ୍କ ସହକର୍ମିଣୀ ପାଇଁ ସେ ମାତା ରୂପଶ୍ରୀଙ୍କୁ ଭିକ୍ଷା ରୂପରେ ଚାହିଁଛନ୍ତି । ସାରୀପୁତ୍ତଙ୍କର ଏ ଭିକ୍ଷାରେ ରୂପଶ୍ରୀର ମାତୃ ହୃଦୟ ଆର୍ତ୍ତନାଦ କରି ଉଠୁଛି । ସେ ନିର୍ବାଣ ନୁହେଁ ଜୀବନ ଚାହାନ୍ତି ବୋଲି ନିଷ୍ଠୁର ଭାବରେ ବହୁବାଞ୍ଛିତ ପୁତ୍ରକୁ ରିକ୍ତ ହସ୍ତରେ ଫେରେଇ ଦେଇଛନ୍ତି । ଜୀବନର ଏ ମହାର୍ଘ ଜୟଗାନ ଭିତରେ ବୁଦ୍ଧଙ୍କର ସକଳ ଧର୍ମୋପଦେଶ, ନିର୍ବାଣୋନ୍ମୁଖୀ କାମନା ଓ ଜୀବନକୁ ଯନ୍ତ୍ରଣାମୁକ୍ତ କରିବାର ପ୍ରଚେଷ୍ଟା ମ୍ଳାନ ହେଲା ଭଳି ଅନୁଭୂତ ହୁଏ, କାରଣ ଜୀବନ ଥିଲେ ଯନ୍ତ୍ରଣା ଅଛି, କାମନା ଅଛି ପୁଣି ଆନନ୍ଦବୋଧ ଅଛି ।

'ଅମ୍ବାପଲ୍ଲୀ' ଗଳ୍ପ ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ନିକଟରେ ସମର୍ପିତା ଅସହାୟ ନାରୀତ୍ୱର ଆହତ ଆତ୍ମଲିପି । ବୌଦ୍ଧ ଧର୍ମଦର୍ଶନର ପୃଷ୍ଠପୀଠିକାରେ ଗଳ୍ପଟି ଅବସ୍ଥା ବାଧ ନାରୀତ୍ୱର ହାହାକାର ଗଳ୍ପର ଭାବସମ୍ପଦ । ରୂପଶ୍ରୀ ଭଳି ଗଣତନ୍ତ୍ରର ବର୍ବର ସାମୂହିକ ନିଷ୍ପତ୍ତି ତାର ନାରୀତ୍ୱକୁ ଅବମାନନା କରିଛି । ସେ ଗଣ ଭୋଗ୍ୟା ହୋଇଛି । ବୈଶାଳୀର ସ୍ୱାର୍ଥ ପାଇଁ ସେ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ସ୍ୱପ୍ନ ଓ ସମ୍ଭାବନାକୁ ବିସର୍ଜନ ଦେଇଛି । 'ଥେରୀ ଗାଥା'ରେ ଅମ୍ବାପଲ୍ଲୀର ସ୍ୱରଚିତ ଗୋଟିଏ ଆତ୍ମକାହାଣୀ ମୂଳକ କବିତାରେ ଏହିପରି ଗୋଟିଏ ଗଣିକାର ବ୍ୟର୍ଥ ନାରୀତ୍ୱର ଅଶ୍ଳୀଳ ଚିତ୍ର ବର୍ଣ୍ଣିତ ହୋଇଛି । ଅମ୍ବାପଲ୍ଲୀ ଥିଲା ବିଦୂଷୀ । ଜୀବନର ବ୍ୟର୍ଥତା ଓ ହା'ହତାଶକୁ ତିଳତିଳ ଉପଲବ୍ଧି କରି ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ବିଭୂତି ସତ୍ତ୍ୱେ ସେ ଜୀବନ ବିଦ୍ୱେଷୀ ହୋଇପଡ଼ିଛି । ତା'ର ବଞ୍ଚିତ ମାତୃତ୍ୱର ଆହତ ସ୍ୱାକ୍ଷର 'ଜୀବକ' ଯାହାକୁ ଦିନେ ସେ ଆହତ ଅଭିମାନରେ ପରିତ୍ୟାଗ କରିଦେଇଥିଲା, ତାକୁ ଅତି ନିକଟରେ ପାଇ ସୁଦ୍ଧା ମାତୃତ୍ୱର ଉତ୍ତାପ ପ୍ରଶମିତ କରିପାରୁ ନାହିଁ । ଦେହ ସର୍ବସ୍ୱ ହେବା ପାଇଁ ତତ୍କାଳୀନ ସମାଜ ତାକୁ ଅନୁବନ୍ଧିତ କରିଥିଲେ ସୁଦ୍ଧା ଆତ୍ମାର ତୀବ୍ର ଆହ୍ୱାନ ତାକୁ ଉନ୍ମନା କରିଛି । ଏକ ପକ୍ଷରେ ତା' ଶରୀରକୁ ବନ୍ଦନା କରୁଥିବା ବିମ୍ବିସାର ଓ ଅନ୍ୟ ପକ୍ଷରେ ଶରୀରର କାମନା ବାସନାକୁ ତୁଚ୍ଛ କରି ଆତ୍ମାର ଊର୍ଦ୍ଧ୍ୱଗତି ପାଇଁ ସନ୍ଦେଶ ପ୍ରଦାନ କରୁଥିବା ଗୌତମବୁଦ୍ଧ, ଭୁବନ ମୋହିନୀ ବେଶରେ ସଜ୍ଜିତା ଆମ୍ରପାଲ୍ଲୀ ଜୀବନର ବହୁବାଞ୍ଛିତ ନିଷ୍ପତ୍ତିକୁ ଗ୍ରହଣ କରିନେଇଛି ।

'ମଧୁମତ୍ତାର ରାତ୍ରୀ' କିନ୍ତୁ ନାରୀ ପ୍ରତି ଚିରାଚରିତ ବିଚାର ଧାରାର ଏକ ନୀରବ ବିଦ୍ରୋହ । ଏ ଜନ୍ମରେ ନହେଲେ ସୁଦ୍ଧା ନାରୀ ପ୍ରତି ସାମାଜିକ ବିଧି ବ୍ୟବସ୍ଥାକୁ ମୌନ ପ୍ରତିବାଦ କରି ପରଜନ୍ମରେ ନାରୀତ୍ୱର ମହନୀୟ ଆବେଦନକୁ ଗଣଭୋଗ୍ୟା ନାରୀଟିଏ ଅନୁଭବ କରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି । ସେଥିପାଇଁ ସେ ନିର୍ବାଣ ତତ୍ତ୍ୱର ମହିମା ପ୍ରଚାର କରୁଥିବା ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ବାରମ୍ବାର ପରଜନ୍ମ ସମ୍ପର୍କରେ ଉତ୍ପୀଡ଼କ ପ୍ରଶ୍ନ ପ୍ରଚାରି ଅସ୍ଥିର କରିଦେଇଛି । ତପୋକ୍ଲିଷ୍ଟ ସଂଯମପିଣ୍ଡିତ ଏ ବୌଦ୍ଧ ଭିକ୍ଷୁମାନଙ୍କ ସାଧନାକୁ ନିଜର ମଧୁମତ୍ତ ଆକର୍ଷଣରେ ମୋହଗ୍ରସ୍ତ କରି ସେହି ବିଦ୍ରୋହ ବ୍ୟଞ୍ଜକ ପ୍ରଶ୍ନ କରିଛି । 'ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ ନିବେଦିତ ହେବା ହିଁ କ'ଣ କୁସୁମର ଭବିତବ୍ୟ'? ଏ ଗଭୀର ଜିଜ୍ଞାସା ଅନ୍ତରାଳରେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟରେ ଆଜୀବନ ପ୍ରତିପାଳିତା ଓ ନାରୀତ୍ୱକୁ ଅନ୍ୟର ପାଦତଳେ ନିବେଦିତ କରୁଥିବା ନାରୀଟିଏ 'ହୁଏତ କାମନା କରୁଥିଲା ଏକ ନାମହୀନ ଜନପଦର ଅଖ୍ୟାତ ଅଜ୍ଞାତ କୋଣରେ କେଉଁ ଏକ ସାମାନ୍ୟ ଗୃହସ୍ଥଳୀର ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ ।'

'ପିତା ଓ ପୁତ୍ର' ଗଳ୍ପ ସୁରେନ୍ଦ୍ର ମହାନ୍ତିଙ୍କ ଏକ ବହୁ ଚର୍ଚ୍ଚିତ ଗଳ୍ପ । ରୁଚିପୂର୍ଣ୍ଣ ସମ୍ଭ୍ରାନ୍ତ ଭାଷା ଶୈଳୀ ଓ ବିଷୟବସ୍ତୁର ନାଟକୀୟ ଉପସ୍ଥାପନାରେ ଉକ୍ତ ଗଳ୍ପଟି ତାଙ୍କ ସୃଷ୍ଟି ଅନ୍ୟ ସମସ୍ତ ଗଳ୍ପଠାରୁ ଅଗ୍ରଗଣ୍ୟ ମନେହୁଏ । ଗଳ୍ପଟିର କଥାବସ୍ତୁ ଅପେକ୍ଷା ଆଙ୍ଗିକ ଶୈଳୀ ବେଶ୍ ଆକର୍ଷଣୀୟ । ତାଙ୍କର ଅନ୍ୟାନ୍ୟ ବୌଦ୍ଧଯୁଗୀୟ ଗଳ୍ପ ଭଳି ଏଥିରେ ବୌଦ୍ଧ ଧର୍ମ ଦର୍ଶନର ବ୍ୟାଖ୍ୟା ନାହିଁ । ମଗଧର ରାଜା ଅଜାତଶତ୍ରୁଙ୍କର ପୁତ୍ର ଉଦାୟୀ ଓ ତାଙ୍କର ପରବର୍ତ୍ତୀ ତିନିଜଣ ବଂଶଧର ପିତୃହନ୍ତା ଥିଲେ । ପ୍ରଜାମାନେ ଏଥିରେ ଉତ୍ତେଜିତ ହୋଇ କାଶୀରାଜା ଶିଶୁନାଗଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରିଥିଲେ । ଇତିହାସର ଏହି ସତ୍ୟକୁ ଆଧାର କରି ପିତା ଓ ପୁତ୍ର ଗଳ୍ପ ପରିକଳ୍ପିତ ହୋଇଛି । ସ୍ରଷ୍ଟା ଯେତେ ନିଷ୍ଠୁର ନିର୍ମମ ନିଷ୍କରୁଣ ହେଲେ ସୁଦ୍ଧା ନିଜ ସୃଷ୍ଟି ନିକଟରେ ସେ ସର୍ବଦା ଅସହାୟ, କ୍ଷମାସ୍ନିଗ୍ଧ ଓ କରୁଣାମୟ । କିନ୍ତୁ ପିତୃତ୍ୱର ଅନୁଭବ ନହେବା ପର୍ଯ୍ୟନ୍ତ ସ୍ରଷ୍ଟାର ଏ ଅମୃତମୟ ଉପଲବ୍ଧି ଆସେ ନାହିଁ । ଉକ୍ତ ଗଳ୍ପରେ ଏହି ସତ୍ୟ ଉପସ୍ଥାପିତ ହୋଇଛି ।

'ମହାନିର୍ବାଣ' ଗଳ୍ପ ନାୟକ ବୌଦ୍ଧଭିକ୍ଷୁ ନୀଳୋତ୍ପଳ ଶତ ସାଧନା ଓ ସଂଯମ ଭିତରେ ଯେଉଁ ଅନିର୍ବଚନୀୟ, ଅଦ୍ୱୟ ଶୂନ୍ୟତାର ଅନୁଭବ ପାଇ ନଥିଲେ ମଧୁବ୍ରତାର ପେଲବ କରତଳ ସ୍ପର୍ଶ କରି ତାହା ପାଇଛନ୍ତି ବୋଲି ସ୍ୱୀକାର କରନ୍ତି । ଦେହର କ୍ଷୁଧାରେ ଆତ୍ମାର ଅଭୀପ୍ସା ମଳିନ ହୋଇପଡ଼ିଛି । ଏ ମହାସୁଖର ଅନୁଭବ ଭିତରେ ସେ ନିର୍ବାଣର ମହାଶୂନ୍ୟତା ଉପଲବ୍ଧି କରିଛନ୍ତି । ପ୍ରବୃତ୍ତି ଓ ନିବୃତ୍ତିର ସଂଘର୍ଷ ଭିତରେ ପ୍ରବୃତ୍ତି ଜୟଲାଭ କରିଛି । ନିର୍ବାଣ ଅପେକ୍ଷା ଜୀବନ ହୋଇ ଉଠିଛି ଅଧିକ କାମ୍ୟ । ବୌଦ୍ଧ ଦର୍ଶନ ତତ୍ତ୍ୱରେ ଏସବୁ କିନ୍ତୁ ସ୍ଖଳନ । ସେଥିପାଇଁ ବ୍ରହ୍ମଦଣ୍ଡ ଭୋଗିବାକୁ ପଡ଼େ । ଜୀବନର କ୍ଷଣଭଙ୍ଗୁରତା ଉପଲବ୍ଧି ପାଇଁ ଘୋର ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବାକୁ ହୁଏ । ନୀଳୋତ୍ପଳ ସେହି ଅଶୁଭ ଭାବନା ଅଭ୍ୟାସରେ ସମ୍ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇସାରିବା ପରେ ସୁଦ୍ଧା ମଧୁବ୍ରତାର ଶବପିଣ୍ଡ ତାଙ୍କର ସକଳ ଶୀଳ ସଂଯମକୁ ଚୂର୍ଣ୍ଣୀଭୂତ କରିଦେଇଛି । ମଧୁବ୍ରତାର ଉଲଗ୍ନ ଶବ ପିଣ୍ଡକୁ ଆଲିଙ୍ଗନ କରି ସେ ଅଗଣିତ କ୍ଷୁଧିତ ଚୁମ୍ବନରେ ଆଚ୍ଛନ୍ନ କରିଦେଇଛନ୍ତି । ନିର୍ବାଣର ମହାସୁଖକୁ ଅସ୍ୱୀକାର କରି ଜୀବନର କ୍ଷଣଭଙ୍ଗୁରତା ଭିତରେ ସେ ଅମୃତର ସନ୍ଧାନ କରିଛନ୍ତି ।

ସୁରେନ୍ଦ୍ରଙ୍କ ବୌଦ୍ଧଯୁଗୀୟ ଗଳ୍ପଗୁଡ଼ିକରେ ତାଙ୍କର ଗଭୀର ଅଧ୍ୟବସାୟ ଓ ଅଧ୍ୟୟନର ଚିତ୍ର ସୁସ୍ପଷ୍ଟ । ଏ ଗଳ୍ପଗୁଡ଼ିକରେ "ଜୀବନ ସଂଭୋଗର ନହବତରେ ପୁଷ୍କଳ ହେବ କି ତ୍ୟାଗ, ସଂଯମ ଓ କୃଚ୍ଛ୍ର ସାଧନାର ନିରବିଚ୍ଛିନ୍ନ ଯନ୍ତ୍ରଣା ଜର୍ଜରିତ ହୋଇ ନିର୍ବାଣ ନିମନ୍ତେ ବୁଦ୍ଧସଂଘ ଓ ଧର୍ମ ଆଶ୍ରା କରିବ ।" ଏ ଉତ୍ପୀଡ଼କ ଜିଜ୍ଞାସାରେ ବ୍ୟକ୍ତି ଅସ୍ଥିର ହୋଇ ପଡ଼ିଛି । ଏ ଜୀବନ ଜିଜ୍ଞାସା ଓ ଜୀବନର ଅନ୍ୱେଷଣ ଭିତରେ ମନେହୁଏ ଜୀବନ ସଂଭୋଗୀ ସୁରେନ୍ଦ୍ର ମହାନ୍ତି ଜୀବନର ହିଁ ବନ୍ଦନା କରିଛନ୍ତି । ତାଙ୍କ ଚରିତ୍ରଗୁଡ଼ିକ ସାଧନା ପିଣ୍ଡିତ ଜୀବନ ଭିତରେ ଯେତିକି ମର୍ଯ୍ୟାଦାବନ୍ତ ଓ ଗୁରୁଗମ୍ଭୀର ତା'ଠାରୁ ଅଧିକ ରମଣୀୟ ହୋଇଛନ୍ତି । ସ୍ଖଳନ ଓ ପାପାଚାର ମଧ୍ୟରେ ଜୀବନ ହିଁ ତାଙ୍କର ପରମକାମ୍ୟ, ନିର୍ବାଣ ନୁହେଁ । ଏ ସତ୍ୟ ସ୍ପଷ୍ଟ ଓ ନିର୍ଭୀକ ଭାବରେ ବହୁ ଚରିତ୍ରଙ୍କ ମୁହଁରେ ସେ ଉଦ୍‌ଘୋଷଣା କରିଛନ୍ତି । ■

ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍- ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ମୋ: ୯୪୩୭୦୩୩୦୭୪

## ପୂଜା ପତ୍ରିକା ପରିଚୟ

### ସୁଚିତ୍ରା

ସଂପାଦକ : କନ୍ଦର୍ପ ବେହେରା




ଡଇଁଚା, ରେଢ଼ାଖୋଲ
ଜି: ସମ୍ବଲପୁର-୭୬୮୧୦୬
ମୂଲ୍ୟ:୫୦ ଟଙ୍କା

ସୃଜନର ସ୍ପନ୍ଦନ 'ସୁଚିତ୍ରା'ର ଶାରଦୀୟ ସଂଖ୍ୟା ୨୦୨୫ ଆମର ହସ୍ତଗତ ହୋଇଛି । କନ୍ଦର୍ପ ବେହେରାଙ୍କ ସଂପାଦନାରେ ପ୍ରକାଶିତ 'ସୁଚିତ୍ରା'ର ଚଳିତ ସଂଖ୍ୟାଟି କେତେ ଜଣ ବରିଷ୍ଠ, ଯୁବ ଲେଖକଙ୍କ କବିତା, ଗପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ସାକ୍ଷାତକାରରେ ସମୃଦ୍ଧ ହୋଇଛି । କବିତା ବିଭାଗରେ କ୍ଷମାନିଧି ଭୋଇଙ୍କ 'ତୁମେ', ରମାକାନ୍ତ ଜେନାଙ୍କ 'ଶବ୍ଦ ସହ ସାମ୍ନାସାମ୍ନି', ଦେବାଶିଷ ଚକ୍ରବର୍ତ୍ତୀଙ୍କ 'ନାକ୍‌ଟିଦେଉଳ', ଐଶ୍ୱର୍ଯ୍ୟା ମିଶ୍ରଙ୍କ 'ଶୂନ୍ୟା', ବିକାଶୀ ପ୍ରିୟଦର୍ଶିନୀ ରାଉତଙ୍କ 'ତୋ ଅମୃତ ପରଶରେ', ଇପ୍‌ସିତା ପ୍ରିୟଦର୍ଶିନୀ ପରିଡ଼ାଙ୍କ 'ମୃତ୍ୟୁ ପରର ଆତ୍ମା', ସନ୍ତୋଷିନୀ ଦାଶ (ଗିରି) ଙ୍କ 'ଜୀବନ', ସନ୍ତୋଷ କୁମାର ରଥଙ୍କ 'ସେଲ୍‌ଫି ବ୍ୟାଧି', ଡକ୍ଟର ଅନୀଲ କୁମାର ସାହୁଙ୍କ 'ପ୍ରୀତିପର୍ଣ୍ଣା' ଆଦି କବିତାରେ ସାମାଜିକ ବାସ୍ତବତା, ମଣିଷ ଜୀବନ ନାନା ଦ୍ୱନ୍ଦ୍ୱ, ସଂଘର୍ଷ, ନାରୀ ମନର ଅକୁହା ବେଦନା ପ୍ରତିଫଳିତ ହୋଇଛି । ସେହିପରି ବିପିନ ମହାନନ୍ଦଙ୍କ 'ସେଇ ଝିଅଟିର ଦୁଇ ନୀଳ ଆଖି', ଗାୟତ୍ରୀ ସିଂହଙ୍କ 'ଡୋରି', ସ୍ରୋତସ୍ୱିନୀ ପରିଡ଼ାଙ୍କ 'ଆଖିର କଥା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ତେବେ ପ୍ରବନ୍ଧ, ପ୍ରଥମ ବହିର ସ୍ମୃତି, ଧର୍ମ, ସାକ୍ଷାତକାର, କଥାବାର୍ତ୍ତା, ପର୍ଯ୍ୟଟନ, ପିଲାଙ୍କ ପୃଷ୍ଠା, ସମ୍ବଲପୁରୀ କବିତା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ସୁଚିତ୍ରା'ର ଶାରଦୀୟ ବିଶେଷାଙ୍କର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଆଗାମୀ ଶତାବ୍ଦୀ

ସଂପାଦକ : ସେକ୍ ମସୁଦ୍ ଅଲି




ଏମ୍-୬୮, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର- ୯
ମୂଲ୍ୟ:୫୦ ଟଙ୍କା

ସାହିତ୍ୟ ପତ୍ରିକା 'ଆଗାମୀ ଶତାବ୍ଦୀ'ର ଶାରଦୀୟ ବିଶେଷାଙ୍କ -୨୦୨୫ ସେକ୍ ମସୁଦ୍ ଅଲିଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡକ୍ଟର ସତ୍ୟ ନାରାୟଣ ମିଶ୍ରଙ୍କ 'ଦୁର୍ଗତିନାଶିନୀ ଦୁର୍ଗତି', ଗୌରହରି ଦାସଙ୍କ 'ସୁରେନ୍ଦ୍ର ମହାନ୍ତିଙ୍କ ସ୍ପର୍ଶରେ ଶିଳା ଶାଳଗ୍ରାମ ପାଲଟୁଥିଲା', ଦାଶ ବେନହୁରଙ୍କ 'ଈଶ୍ୱର ତତ୍ତ୍ୱ', ଡକ୍ଟର ବିଜୟାନନ୍ଦ ସିଂହଙ୍କ 'ପୁଣ୍ୟତୋୟା ବିରୂପା-ଚିତ୍ରୋତ୍ପଳା ଭୂମିରେ ସ୍ୱାଧୀନତା ସଂଗ୍ରାମ', ଡକ୍ଟର ଶିଶିର ବେହେରାଙ୍କ 'ସଖୀତତ୍ତ୍ୱ ଓ ସନ୍ଥ ହାଡ଼ିବନ୍ଧୁ ଦାସ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଚିନ୍ତନଶୀଳ ହୋଇଛି । ସେହିପରି ସଦାଶିବ ଦାଶଙ୍କ 'ଏଇତ ଜୀବନ', ପ୍ରୀତିଧାରା ସାମଲଙ୍କ 'ମାଟିର ସଂସାର', ତୁହିନାଂଶୁ ରଥଙ୍କ 'ମୁଁ ସମୟ ପାଲଟି ଯାଏ', ସୁଶାନ୍ତ କୁମାର ନାୟକଙ୍କ 'ବର୍ଷା ଭିଜା କୋହ', ବିରଜା ରାଉତରାୟଙ୍କ 'ମେଘବର୍ଣ୍ଣା ଅଶ୍ରୁ' ଆଦି କବିତାଗୁଡ଼ିକରେ ମଣିଷ ଜୀବନର ଯନ୍ତ୍ରଣା, ସାଂପ୍ରତିକ ସମୟର ଚିତ୍ର ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି । ଗଳ୍ପ ବିଭାଗରେ ପଞ୍ଚାନନ କାନୁନ୍‌ଗୋଙ୍କ 'ଭଉଁରୀ', ସେକ୍ ମତଲୁବ ଅଲିଙ୍କ 'ଅନନ୍ତ ଅଭିସାର', ମାନସୀ ଦାସଙ୍କ 'ପୁତ୍ର କଳତ୍ର ଧନ ପାଇ', ସୁସ୍ମିତା ରଥଙ୍କ 'ଜୁଆର' ଆଦି ଗଳ୍ପ ହୃଦୟସ୍ପର୍ଶୀ ହୋଇଛି । 'ଆଗାମୀ ଶତାବ୍ଦୀ' ଏହି ସଂଖ୍ୟାର ପ୍ରତିଟି ଲେଖା ବେଶ୍ ଭାବଗର୍ଭକ ଓ ଆକର୍ଷଣୀୟ ହୋଇଛି । ■

### ସୁଗନ୍ଧ

ସଂପାଦକ : ଦୀପ୍ତି ଖଣ୍ଡୁଆଳ



ସିହା, ଏରସମା
ଜଗତସିଂହପୁର-୭୫୪୧୩୯
ମୂଲ୍ୟ:୧୦୦ ଟଙ୍କା

ଦୀପ୍ତି ଖଣ୍ଡୁଆଳଙ୍କ ସଂପାଦନାରେ ପ୍ରକାଶିତ 'ସୃଜନର ସୁଗନ୍ଧ'ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ପାର୍ବଣ – ୨୦୨୫ ପ୍ରକାଶ ପାଇଛି । ଏହି ସଂଖ୍ୟାରେ 'ସ୍ମରଣୀୟ ଗଳ୍ପ'ରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର', ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଦସ୍ୟୁ ହୃଦୟର ଦେବତା' ଦୁଇଟି ହୃଦୟସ୍ପର୍ଶୀ ଗପ ପ୍ରକାଶିତ ହୋଇଛି । 'କବିତା ବିଭାଗ'ରେ ସୀତାକାନ୍ତ ମହାପାତ୍ର, ବନଜ ଦେବୀ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ସ୍ୱପ୍ନା ମିଶ୍ର, ପିନାକୀ ମିଶ୍ର ପ୍ରମୁଖଙ୍କ କବିତାଗୁଡ଼ିକର ଆତ୍ମିକ ଓ ଆଙ୍ଗିକ ଉଭୟ ବିଭବ ମନଛୁଆଁ ହୋଇଛି । ସେହିପରି ଆର୍ଯ୍ୟ ଯଜ୍ଞଦତ୍ତ, ସତ୍ୟ ମିଶ୍ର, ଗୌରହରି ଦାସ, ଅରବିନ୍ଦ ରାୟ, ଅଜୟ ସ୍ୱାଇଁ, କୃପାସାଗର ସାହୁ ପ୍ରମୁଖଙ୍କ ଗପଗୁଡ଼ିକରେ ସାଂପ୍ରତିକ ସମୟର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଚିହ୍ନା ମାଟି: ଅଚିହ୍ନା ମଣିଷ', ଦାଶରଥି ଜେନାଙ୍କ 'ବ୍ରହ୍ମ ଓ ବିଶର ମହାନ୍ତି', ଡ. ସାରଦା ପ୍ରସାଦ କରଙ୍କ 'ଜୀବନ ଜିଇଁବାର ବିକଳ୍ପ କଳା ହସଟିଏ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସେଭଳି କାଶୀନାଥ ନନ୍ଦୀ ଓ ଗାୟତ୍ରୀ ଦାସଙ୍କ ମିନି ଗପ ଦୁଇଟି ମାର୍ମିକ ହୋଇଛି । ବଙ୍ଗାଳୀ ନନ୍ଦଙ୍କ ଦ୍ୱାରା ଅନୂଦିତ ହଦାତ୍ ହସନ୍ ମଣ୍ଟୋଙ୍କ 'ମିଷ୍ଟର୍ ଆଣ୍ଡ ମିସେସ୍'କୁ ଅନୁବାଦ ଗଳ୍ପ ଆକର୍ଷଣୀୟ ହୋଇଛି । 'ସୁଗନ୍ଧ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ବାଣ ବିସ୍ଫୋରଣରେ ଆହତ ଦୁଇ ଯୁବକଙ୍କ ମୃତ୍ୟୁ

ତିଗିରିଆ, ୧୮ ।୧୦ (ସମିସ): ତିଗିରିଆ ବାଣ ବିସ୍ଫୋରଣ ଘଟଣାରେ ଆହତ ଦୁଇ ଯୁବକଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମର ତେଲିସାହିର ଜୈନିକ ବ୍ୟକ୍ତି ଙ୍କ ଘରେ ଗତ ୧୪ ତାରିଖ ଦିନ ସକାଳେ ବେଆଇନ ଭାବେ ବାଣ ତିଆରି କରୁଥିବା ସମୟରେ ପୂର୍ବ ପ୍ରସ୍ତୁତ ବାରୁଦ ଗଦା ରେ ନିଆଁ ଲାଗି ଗ୍ରାମର ଗରିବ ଶ୍ରେଣୀର ହୋଇଥିବା ବେଳେ ପାପୁନ ଘରର ରୋଜଗାରିଆ ପୁଅ ଥିଲେ। ବିବାହ ପାଇଁ ତାଙ୍କର ନିର୍ବନ୍ଧ ସରିଥିବା ବେଳେ ଆଉ କିଛିଦିନ ପରେ ବିବାହ ହୋଇଥାନ୍ତା। ତାଙ୍କର ମୃତ୍ୟୁରେ ପରିବାର ଦୁଃଖରେ ଭାଙ୍ଗିପଡିଛି। ଆଜି ସକାଳେ ମୃତ୍ୟୁ ବରଣ କରିଥିବା ପାପୁନଙ୍କ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନ ରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ

**■ ଦୁର୍ଘଟଣା ପରେ ବି ପ୍ରଶାସନ ନିରବ**
**■ ପୁଲିସ ଉପସ୍ଥିତିରେ ଚାଲିଛି ବାଣ ବ୍ୟବସାୟ**

ଦୁଇ ଯୁବକ ପାପୁନ ବେହେରା ଓ ବିପ୍ଳବ ସାହୁ ଆହତ ହୋଇଥିଲେ। ପାପୁନଙ୍କ ଶରୀରର ୯୫ ଭାଗରୁ ଅଧିକ ଅଂଶ ପୋଡି ଯାଇଥିବା ବେଳେ ବିପ୍ଳବଙ୍କ ଶରୀରର ମଧ୍ୟ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିଲା। ଉଭୟ ଆହତଙ୍କୁ ସଙ୍ଗେ ସଙ୍ଗେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲ କୁ ଚିକିତ୍ସା ପାଇଁ ପଠାଯାଇଥିଲା। ପରେ ସେଠାରୁ ଉଭୟଙ୍କୁ କଟକର ଏକ ଘରୋଇ ମେଡ଼ିକାଲ ରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ଆହତ ଦୁଇ ଯୁବକଙ୍କର ମୃତ୍ୟୁ ହୋଇଛି।

ମୃତ୍ୟୁ ବରଣ କରିଥିବା ପାପୁନଙ୍କ ପରିବାର ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନ ରେ ଶେଷ କୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ବିପ୍ଳବଙ୍କ ଶବ ଗ୍ରାମରେ ପହଞ୍ଚି ନଥିବା ଜଣାପଡିଛି। ଉଭୟ ଯୁବକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଣ ବିସ୍ଫୋରଣ କାରଣରୁ ଦୁଇଟି ମୂଲ୍ୟବାନ ଜୀବନ ଚାଲିଗଲାପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ପୁଲିସ ଉପରେ ଏହାର କୌଣସି ପ୍ରଭାବ ପଡିବା ଦେଖିବାକୁ ମିଳିନାହିଁ। ଘଟଣା ଘଟିବା ଦିନ ସ୍ଥାନୀୟ ପୁଲିସ ପ୍ରଶାସନ ଲୋକ ଦେଖାଣିଆ ପୁରୁଣା ତିଗିରିଆ ଗ୍ରାମରେ ଚଢ଼ାଉ କରି କିଛି ବାଣ ଜବତ କରିବା ସହିତ ୭ ଜଣଙ୍କୁ ଗିରଫ କରିଥିଲା । ତେବେ ବର୍ତ୍ତମାନ ଗ୍ରାମରେ ବେଧଡକ ବାଣ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ପୁଲିସର ଉପସ୍ଥିତି ରେ ଲୋକ କାର, ବାଇକ ସାହାଯ୍ୟରେ ଗ୍ରାମକୁ ଆସି ହଜାର ହଜାର ଟଙ୍କାର ବାଣ କିଣି ନେଉଥିବା ଦେଖିବାକୁ ମିଳିଛି। ସଂପୃକ୍ତ ଘଟଣା




ମୃତ ଦୁଇ ଯୁବକ ଓ ତାଙ୍କ ପରିବାର ଲୋକେ ଙ୍କୁ ଉପହାସ ସଦୃଶ ହୋଇଛି। ପୁଲିସ ବାଣ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ବଟି ନେଇ ଖୋଲାଖୋଲି ବେଆଇନ ବାଣ ବ୍ୟବସାୟକୁ ପ୍ରଶୟ ଦେଉଥିବାର ସାଧାରଣ ରେ ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ଲାଞ୍ଚ ଖୋର ପୋଲିସ ଅଧିକାରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ବେଆଇନ ବାଣ ବ୍ୟବସାୟ କୁ ଏହି ଥାନା ଅଧିନ ମାନପୁର ଗ୍ରାମ ପରି ସମ୍ପୂର୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ ପାଇଁ ସାଧାରଣ ରେ ଦାବି ହୋଇଛି।

**■ ଚିକିତ୍ସା ସାରି ଡାକ୍ତରଖାନାରୁ ଫେରୁଥିଲେ**

# ଦୁର୍ଘଟଣାରେ ୨ ମୃତ, ୬ ଗୁରୁତର

ବଲାଙ୍ଗିର, ୧୮ ।୧୦ (ସମିସ): ଚିକିତ୍ସା ପାଇଁ ସୁଦୂର ବୁର୍ଲା ଭିମସାର୍ ଡାକ୍ତରଖାନାକୁ ଏକ ବୋଲେରୋରେ ଯାଇଥିଲେ। ଡାକ୍ତର ଦେଖାଇବା ସହ ଔଷଧପତ୍ର କିଣି ଘରକୁ ଫେରୁଥିଲେ। ହେଲେ ବାଟ ଅଧରୁ ଟେକିନେଲା କାଳଯମ। ବଲାଙ୍ଗିର-ବରଗଡ଼ ୨୬ନଂ ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଗୋବିନ୍ଦପୁରର କବିରାଜ ଜଗତ (୫୦) ଏବଂ କଳାହାଣ୍ଡି ଜିଲ୍ଲା ଡୁମୁରାର ମନିଜର ସେଠିଆ (୪୫)। ସେହିଭଳି, ଏହି





ଦୁର୍ଘଟଣାରେ ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ, ନୂଆପଡ଼ା ଜିଲ୍ଲା ଗୋବିନ୍ଦପାଲି ଗାଁର ମୋତିରାମ ତାଣ୍ଡି (୪୫), ମକରନ୍ଦ ତାଣ୍ଡି (୫୦), ଲମ୍ବୋଦର ଜଗତ (୬୫), ଚତୁର ତାଣ୍ଡି (୪୪) ଚାଳକ ଡିଙ୍ଗର ଜାଲ ଓ ମୃତ ମନିଜରଙ୍କ ସ୍ତ୍ରୀ ବିଳାସ ସେଠିଆ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସମସ୍ତେ ଏକ ବୋଲେରୋରେ ଗୁରୁବାର ବୁର୍ଲା ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ନେଇ ଶୁକ୍ରବାର ରାତିରେ ଘରକୁ ଫେରୁଥିଲେ। ରାତିରେ ଫେରିବା ବେଳେ ୨୬ନଂ ଜାତୀୟ ରାଜପଥର ଜାମସରଠାରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ କବିରାଜଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମନିଜର ପ୍ରାଣ ହରାଇଥିଲେ। ଅନ୍ୟ ଗୁରୁତରମାନଙ୍କୁ ପୁଇଁନ୍ତଲା ପୁଲିସ ପହଞ୍ଚି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ କିଭଳି ଏହି ଦୁର୍ଘଟଣା ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ। ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେଇଥିବା କୁହାଯାଉଛି। କିନ୍ତୁ ପୁଲିସ ଏ ସଂପର୍କରେ କିଛି ସ୍ପଷ୍ଟ କରିନାହିଁ।

**■ ଅନୁକମ୍ପା ନିଯୁକ୍ତି ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଆବେଦନ ସମୟସୀମାରୁ ଦସ୍ତାବିଜ୍ ଦାଖଲ ସମୟ ଅବଧି ବାଦ୍ ଦେବାକୁ ନିର୍ଦ୍ଦେଶ

କଟକ, ୧୮ ।୧୦ (ସମିସ): ଅନୁକମ୍ପାମୂଳକ ନିଯୁକ୍ତି ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୃତ୍ୟୁ ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଇତ୍ୟାଦି ଦସ୍ତାବିଜ୍ ଦାଖଲ ପାଇଁ ଉତ୍ତରାଧିକାରୀ ନେଇଥିବା ସମୟକୁ ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ସମୟସୀମାରୁ ବାଦ୍ ଦେବାକୁ ହାଇକୋର୍ଟ କହିଛନ୍ତି। ଏଥିସହ, ଦସ୍ତାବିଜ୍ ଦାଖଲରେ ବିଳମ୍ବ ଆଧାରରେ ଆବେଦନକାରୀଙ୍କ ଆବେଦନକୁ ଖାରଜ କରାଯିବା ନେଇ ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରଶ୍ମିତା ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ରାୟ ଦେଇଛନ୍ତି। ଉକ୍ତ ଆବେଦନକୁ ୩ ମାସ ମଧ୍ୟରେ ବିଚାର କରାନଗଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ପକେଟରୁ ଦୈନିକ ୫୦୦ଟଙ୍କା ଲେଖାଏଁ ଆବେଦନକାରୀଙ୍କୁ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀଙ୍କ ପିତା ଭଞ୍ଜନଗରର ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୧୦ ମସିହାରେ ମୃତ୍ୟୁ ହୋଇଥିଲା। ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ବିଭିନ୍ନ ପ୍ରମାଣପତ୍ର ହାସଲ ବିଳମ୍ବ ହେତୁ ସେ ଧାର୍ଯ୍ୟ ସମୟରେ ଏଗୁଡ଼ିକ ଦାଖଲ କରିପାରିନଥିଲେ। ଫଳରେ ତାଙ୍କର ଆବେଦନକୁ କର୍ତ୍ତୃପକ୍ଷ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନ୍ୟାୟିକ ମାମଲାରେ ଯେଉଁଭଳି ଲିମିଟେସନ୍ ଆକ୍ଟ ୧୯୬୩ରେ ସୀମା ଅବଧି ଗଣନା କରିବା ସମୟରେ ରାୟ, ଆଦେଶ ଏବଂ ଡିକ୍ରିର କପି ପାଇବା ପାଇଁ ଲାଗିଥିବା ସମୟକୁ ବାଦ୍ ଦେବା ପାଇଁ ବ୍ୟବସ୍ଥା ରହିଛି, ସେହିଭଳି ବ୍ୟବସ୍ଥା ଅନୁକମ୍ପା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ନଥିଲେ ବି ଏଥିରୁ ସମାନ ଜ୍ଞାନ ଆହରଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି।

**■ ଜୁଡିସିଆଲ ଏକାଡେମୀରେ ଦିନିକିଆ କର୍ମଶାଳା**

# ମାନବଚାଲାଣ ଓ ଗୋତି ଶ୍ରମିକ ସମସ୍ୟା ଦୂର ପାଇଁ ସୋସିଆଲ ଅଡିଟ୍ ହେଉ: ମୁଖ୍ୟ ବିଚାରପତି

କଟକ,୧୮ ।୧୦(ସମିସ): ସମ୍ପ୍ରତି ମାନବ ଚାଲାଣ ଓ ଗୋତି ବା ବନ୍ଧକ ଶ୍ରମିକ ସମସ୍ୟା ଚିନ୍ତାର ବିଷୟହୋଇଛି। ଏହାର ଦୂରୀକରଣ ପାଇଁ ସୋସିଆଲ ଅଡିଟ୍‌ର ଆବଶ୍ୟକତା ରହିଛି। ବିଶେଷକରି ଏହା ସରକାରଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ନୀତି ପ୍ରଣୟନ ସହ ନିର୍ଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କରିବା ଉଚିତ। ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି

ଜଷ୍ଟିସ ହରୀଶ ଟଣ୍ଡନ ଆଜି ଏହା କହିଛନ୍ତି। କାମ ପାଇଁ ଦେଶାନ୍ତର ହେଉଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଚିହ୍ନଟ ସହ ସେମାନଙ୍କୁ ସଚେତନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଜଷ୍ଟିସ ଟଣ୍ଡନ ଆହ୍ୱାନ ଦେଇଛନ୍ତି।

ସେ କହିଥିଲେ ଯେ ପ୍ରବାସନର ଜାତୀୟ ହାର ୨୧.୬ ପ୍ରତିଶତ ଥିବା ବେଳେ ସେଥିରୁ ଓଡ଼ିଶାର ଅବଦାନ ୭୮ ପ୍ରତିଶତ। ଏଣୁ ପ୍ରବାସନ ଏକ ଚିନ୍ତାଜନକ ବିଷୟ ହୋଇଥିବାରୁ ବାହାରକୁ ପ୍ରବାସନରେ ଯାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଡିଟ କରାଯିବା ଦରକାର। ମାନବଚାଲାଣ ଓ ବନ୍ଧକ ଶ୍ରମିକ ପଛରେ ଗରିବୀ, ସାମାଜିକ ବାଧ୍ୟବାଧକତା ଓ ଉନ୍ନତ ଜୀବନଯାପନ ଓ ଅଧିକ ଅର୍ଥ ଉପାର୍ଜନ କରିବାର ଆଶା ପ୍ରମୁଖ କାରଣ ବୋଲି ସେ କହିଥିଲେ।

କର୍ମଶାଳାରେ ସ୍ୱାଗତ ଭାଷଣ ପ୍ରଦାନ କରି ଜଷ୍ଟିସ୍ କେ.ଆର.ମହାପାତ୍ର ମାନବଚାଲାଣ ରୋକିବା ପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଇଣ୍ଟରନ୍ୟାସନାଲ ଜଷ୍ଟିସ୍ ମିଶନର ଜାତୀୟ ଉପ-ସଭାପତି ଡାନିଏଲ ଅଜୟ ଭର୍ଗିସ ନିଜର ବକ୍ତବ୍ୟ ମାଧ୍ୟମରେ ରାଜ୍ୟର ମାନବ ଚାଲାଣ ନେଇ ଏନ୍‌ସିଆର୍‌ବିର ତଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ସଭା ପରେ ବୈଷୟିକ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସଂଜୀବ କୁମାର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ ମାନବାଧିକାର କମିସନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ ପ୍ରମୁଖ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ଜଗନ୍ନାଥ କୋଇଲା ଖଣିରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି

ତାଳଚେର,୧୮ ।୧୦(ସମିସ): ତାଳଚେର ଜଗନ୍ନାଥ କୋଇଲା ଖଣିରେ ବେଆଇନ କୋଇଲା ଗଚ୍ଛିତ ସହ କୋଇଲାକୁ ମାଟି ଓ ପଥର ଦର୍ଶାଇ ଲୁଟ୍ ହୋଇଛି। ହଜାର ହଜାର କୋଟି ଟଙ୍କାର କୋଇଲାକୁ ନିମ୍ନମାନର ଦର୍ଶାଇ ହଡ଼ପ କରାଯାଉଛି। ଷ୍ଟକ୍‌ରେ ମୁଣ୍ଡା କୋଇଲାକୁ ଗୁଣ୍ଡ କରି ଚାଲାଣ କରାଯାଉଛି। ଷ୍ଟକ୍‌ୟାର୍ଡରେ ଗୁରୁବାର ସନ୍ଧ୍ୟାରେ ଏସ୍ଏସ୍ ବିଏଲ୍ଏ ନାମକ ଠିକାସଂସ୍ଥା କୌଣସି ଅନୁମତି ନ ଥାଇ କୋଇଲା ଡମ୍ପିଂ କରୁଥିଲା। ଖବର ପାଇ ବିଧାୟକ ଶ୍ରୀ ପ୍ରଧାନ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ଜଗନ୍ନାଥ କୋଇଲା ଖଣିର ଷ୍ଟକ୍‌ୟାର୍ଡ ଗୋଟିଏ ସ୍ଥାନରେ ଥିବା ବେଳେ ଖଣି ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ



ଭଲ କୋଇଲାକୁ ପଥର କୋଇଲା ଦର୍ଶାଇ ତା' ଉପରେ ମାଟି ଘୋଡ଼ାଇ ହଡ଼ପ ହେଉଛି। ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ତାଳଚେର ବଲଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ କ୍ଲବ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏପରି ଅଭିଯୋଗ କରିବା ସହ ଏଥିରେ ଖଣି କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା କହିଛନ୍ତି।

ଜଗନ୍ନାଥ କୋଇଲା ଖଣିର ୪ନମ୍ବର ଖଣି ଭିତରେ ବିଭିନ୍ନ ସ୍ଥାନରେ କୋଇଲା ଗଦା କରାଯାଉଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଜଗନ୍ନାଥ କୋଇଲା ଖଣିରେ ଏଭଳି ଘୋଟାଲାକୁ ନେଇ ସେ ଗୋପାଳପ୍ରସାଦ ଥନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଏତଲାକୁ ପଞ୍ଜିକୃତ କରାଯାଇନଥିଲା। ଉକ୍ତ ଘଟଣାକୁ ନେଇ ସେ ତାଳଚେର ଖଣି ଉପନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କିଛି କୋଇଲା ଖଣ୍ଡକୁ ପରୀକ୍ଷା କରିବା ପାଇଁ ସାଙ୍ଗରେ ନେଇଥିଲେ। ତେବେ ଦୀର୍ଘ ମାସ ଧରି ଖଣି ଭିତରେ ଏପରି ଅନିୟମିତତା ହେଉଥିବା ବିଧାୟକ ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ଜଗନ୍ନାଥ ଖଣିର ମହାପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ, ଖଣି ପରିଚାଳକ ଓ ଠିକାଦାରଙ୍କ ସହ କିଛି ବଡ଼ ଅଧିକାରୀଙ୍କ ହାତ ଥିବା ସେ ଅଭିଯୋଗ

**ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କଲେ ତାଳଚେର ବିଧାୟକ**

କରିଛନ୍ତି। ବର୍ଷବର୍ଷ ଧରି ଏଭଳି ଅନିୟମିତତା ଯୋଗୁଁ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଉଥିବା ସେ କହିଛନ୍ତି।

ଏ ସଂପର୍କରେ ତାଳଚେର ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଶ୍ରୀକାନ୍ତ କୁମାର ମାଣିକଙ୍କୁ ପଚାରିବାରୁ ସେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ। ଅନ୍ୟପକ୍ଷରେ ତାଳଚେର ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ କହିଛନ୍ତି, ଜଗନ୍ନାଥ କୋଇଲା ଖଣିରେ ହୋଇଥିବା ଅନିୟମିତତା ନେଇ ତଦନ୍ତ ଆରମ୍ଭ ହୋଇଛି। ମାଟିରେ ପୋତାଯାଇଥିବା କୋଇଲାଗୁଡ଼ିକୁ ପରୀକ୍ଷା ପାଇଁ ଅଣାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପନିର୍ଦ୍ଦେଶକ ସାମଲ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ଅଶାନ୍ତ...

ତେଣୁ ସେମାନେ ଏହାକୁ କଦାପି ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଭାବେ ଜଣାଇଦେଇଛନ୍ତି।

ତେଣୁ 'ଜୁଲାଇ ଚାର୍ଟର'ରେ ଦସ୍ତଖତ ପୂର୍ବରୁ ଆନ୍ଦୋଳନକାରୀ ଆଜି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଲୋଗାନମାନ ଦେଇ ସେମାନେ ଲୋକ ସଂସଦ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଦେଇଥିଲେ। ପୁଲିସ ସେମାନଙ୍କୁ ଅଟକାଇବାରୁ ଆହୁରି ଉଗ୍ର ହୋଇପଡ଼ିଥିଲେ। ପୁଲିସ ସହିତ ମଧ୍ୟ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିମାଡ଼ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ପୁଲିସକୁ ସାଉଣ୍ଡ ଗ୍ରେନେଡ ମଧ୍ୟ ବ୍ୟବହାର କରିବାକୁ ପଡ଼ିଥିଲା।। ଏଥିରେ ଉତକ୍ଷିପ୍ତ ହୋଇ ବିକ୍ଷୋଭକାରୀମାନେ ପୁଲିସ୍ ଗାଡ଼ି ଓ କଣ୍ଟ୍ରୋଲ ରୁମ୍‌ରେ ନିଆଁ ଲଗାଇ ଦେଇଥିଲେ। ଏହି ହିଂସା ପରେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି।

### ଘାରିଲା ଅକ୍ଟୋବର...

ଗତି କରି ଅକ୍ଟୋବର ୨୩ ତାରିଖ ସକାଳ ସୁଦ୍ଧା ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ହେବାକୁ ଥିବା ଏହି ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବ। ତାପରେ ଏହା ତାମିଲନାଡୁ, ପୁଡୁଚେରୀ ଏବଂ ନିକଟସ୍ଥ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡକୁ ଆଗେଇବ। ଏହାର ପ୍ରଭାବରେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗରରେ ଘଣ୍ଟା ପିଛା ପବନର ଗତି ୩୦ରୁ ୪୦ କିମି ପବନ ବହିପାରେ। ୨୨ରେ ଏହା କ୍ରମଶଃ ବଢ଼ି ଘଣ୍ଟାପିଛା ୪୦ରୁ ୫୦ ଓ ୨୩ରେ ୪୫ରୁ ୫୫କିମି ପବନ ବହିବାର ଆଶା କରାଯାଉଛି।

ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କତା ଜାରି କରାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ଦକ୍ଷିଣ ବଙ୍ଗୋପସାଗର, ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଅଛନ୍ତି, ସେମାନେ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଉପକୂଳକୁ ଫେରି ଆସିବାକୁ କୁହାଯାଇଛି। ଏହା ସହିତ ମତ୍ସ୍ୟଜୀବୀମାନେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗର ଓ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୯ ତାରିଖ ଅର୍ଥାତ୍ ରବିବାର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ୩୦ରୁ ୪୦ କିମି ବେଗର ପରବ ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୦ ଓ ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ଆକଳନ କରାଯାଇଛି।

### ଖୋଲିଲା ଶିମିଳିପାଳ...

ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ଏହି କଟକଣା ଜାରି ରହିବ। ସେହିପରି ଶିମିଳିପାଳରେ ଥିବା ଯାତ୍ରୀ ନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.tourism.com) ୱେବସାଇଟ୍‌ରେ ଅଗ୍ରୀମ ବୁକିଂ କରିପାରିବେ।

ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଗତବର୍ଷ ଯଶିପୁରଠାରେ ନୂତନ କରି ଖଇରୀ ବାଘୁଣୀ ସ୍ମୃତିରେ ପ୍ରତିଷ୍ଠିତ ସଂଗ୍ରହାଳୟ ପର୍ଯ୍ୟଟକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ର ପାଲଟିଛି। ଏଥିସହ ଦୁଃସାହସିକ କ୍ରୀଡ଼ା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକଲିଂ ଭଳି କିଛି ନୂଆଧରଣର କ୍ରୀଡ଼ାର ମଧ୍ୟ ବ୍ୟବସ୍ଥା ରହିଛି। ତାଛଡ଼ା ଶିମିଳିପାଳ ଭିତରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳରେ ନେଚର୍ ଗେମିଂର ସୁବିଧା କରାଯାଇଛି।

### ଏଥର ଦୁଇଦିନ...

କୋର୍ଟ ବନ୍ଦ ରହିବ। ଅନ୍ୟପକ୍ଷରେ, ନୂଆପଡ଼ାରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହୋଇଥିବାରୁ ଏଠାରେ ସରକାରୀ କାର୍ଯ୍ୟାଳୟ ତଥା କୋର୍ଟ ଖୋଲା ରହିବ।

ସେହିପରି ନୂଆପଡ଼ା ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ଜିଲ୍ଲାରେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏନେଇ ଉଭୟ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଜେଲ୍‌ରେ ଜେରା...

କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାର ରତ୍ନବାଳା ଶତପଥୀ କହିଛନ୍ତି ଯେ ଚାକିରି ପାଇଁ ପିଲା ଯୋଗାଡ଼ କରିବା ଏବଂ ବସ୍ ରାଜ୍ୟ ବାହାରକୁ ପଠାଇବାରେ ମୁନା ମହାନ୍ତି ଓ ଶ୍ରୀକାନ୍ତ ମହାରାଣାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଅଭିମନ୍ୟୁ ଦୋରା ତାଙ୍କର ଦଶପଲ୍ଲା ଘରେ ମୁନା ଓ ଶ୍ରୀକାନ୍ତକୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ୩୦ରେ ତିନୋଟି ବସ୍ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଥିବା ସେ କହିଛନ୍ତି।

**■ ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଘାଟିତ**

# ଏଣିକି ଅନ୍‌ଲାଇନ୍‌ରେ ମିଳିବ ଜମି ଡିମାର୍କେସନ୍ ସେବା

ଭୁବନେଶ୍ୱର୧୮ ।୧୦(ସମିସ): ଜମି ରେଜିଷ୍ଟ୍ରେସନ ପାଇଁ ସ୍ଲଟ୍ ବୁକିଂଠାରୁ ଆରମ୍ଭ କରି ଡିମାର୍କେସେନ ପର୍ଯ୍ୟନ୍ତ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ। ଯେଉଁଦିନ ଜମି ଡିମାର୍କେଶନ ହେବ, ସେହିଦିନ ଆବେଦନକାରୀଙ୍କୁ ଉପସ୍ଥିତ ରହିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଜସ୍ୱ ବିଭାଗର ଅନ୍‌ଲାଇନ ୱେବସାଇଟକୁ ଯିବାକୁ ପଡିବ। ସେଥିରେ ମୋବାଇଲ ନମ୍ବର ପଞ୍ଜୀକରଣ

**■ ରାଜସ୍ୱ ଆଇନରେ ସଂଶୋଧନ ଏବଂ ସଂସ୍କାର ଆଣାଯିବା ଜରୁରୀ: ସୁରେଶ ପୂଜାରୀ**
**■ ସରକାରୀ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ**

କରି ଜମି ଡିମାର୍କେସେନ ପାଇଁ ଆବେଦନ କରିବାକୁ ହେବ। ପରେ ଆବଶ୍ୟକ ଜମିଜମା କାଗଜପତ୍ର ସହ ଫି' ଦେବାକୁ ପଡ଼ିବ। ଆବେଦନ ଦାଖଲ କରିବା ପରେ ତହସିଲଦାର ଆବେଦନ ଯାଞ୍ଚ କରିବେ ଏବଂ ଆବେଦନକାରୀଙ୍କ ମୋବାଇଲ ନମ୍ବରକୁ ଏସ୍ଏମ୍ଏସ୍‌ରେ ତାରିଖ ଆସିଯିବ। ସେହିଦିନ ତହସିଲ ଅଧିକାରୀ ଏବଂ ଅମିନ ଆସି ଜମିର ଡିମାର୍କେସେନ କରିବେ।

ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି) ଠାରେ ଆୟୋଜିତ ଦୁଇ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦଘାଟନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇ ପଡିଛି। ରାଜସ୍ୱ ସେବା ସଠିକ୍ ଭାବରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଶ୍ରୀ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ଆଧୁନିକ ବୈଷୟିକ ଜ୍ଞାନର ଉପଯୋଗ କରି ରାଜସ୍ୱ ସେବାକୁ ଆହୁରି କ୍ରିୟାଶୀଳ କରାଯାଇପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦାଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ ହୋଇଥିବା ବେଳେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜସ୍ୱ ପର୍ଷଦର ସଦସ୍ୟ ଦେଓରଞ୍ଜନ କୁମାର ସିଂହ ଆଇନର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଆୟୁକ୍ତଙ୍କ ସଚିବ ନିହାର ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


**VEHICLE FOR SALE**

Tata Ace EV , Model - 2023, Registration No-OD-02-CL-6834, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

**ସତ୍ୟପାଠ**

ସତ୍ୟପାଠ ନଂ ୧୩୫୫/୧୪.୧୦.୨୦୨୫ ମୁଁ ପ୍ରଶାନ୍ତ କୁମାର ମହାନ୍ତି , ପିତା- ବ୍ରଜକିଶୋର ମହାନ୍ତି,ସା - ପୁଣ୍ଡିଲୋ, ପୋ - ଇଙ୍କାପଡ଼ା, ଥାନା- କୁଦାନଗରୀ, ଜିଲ୍ଲା - କେନ୍ଦ୍ରାପଡ଼ା ଘୋଷଣା କରୁଛି କି, ଦେବବ୍ରତ ମହାନ୍ତି ଏବଂ ଓମ ମହାନ୍ତି ଜଣେ ଏବଂ ସମାନ ବ୍ୟକ୍ତିଙ୍କ ନାମ ଅଟେ, ଯିଏ କି ମୋର ପୁଅ। ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ମହାନ୍ତି ନାମ ରହିଥିବାବେଳେ ଆଧାରକାର୍ଡରେ ତାହା ଓମ ମହାନ୍ତି ହୋଇଛି। ଆଜିଠାରୁ ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ନାମ ବ୍ୟବହାର କରଯିବାକୁ ମୁଁ ଘୋଷଣା କରୁଛି।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 10/10/2025. I Prasanna Kumar Sahoo, S/o- Udayanath Sahoo, Aadhaar no- 8807 8625 1753 declare that I have changed my name from Prasanna Kumar Sahoo to Prasanna Sahoo. Henceforth I shall be known as **Prasanna Sahoo** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur vide no. 924 dated 16/10/2025, I, Jayakudi Jani D/o- Late Deba Jani, W/o- Late Dambaru Jani, resident of Vill.- New Hirli, Po.- Agnipur, Ps./Dist.- Nabarangpur, Odisha, PIN- 764059 state that, I have changed my name from **DAIKHUDI JANI** to **JAYAKUDI JANI**. Henceforth I shall be known as **JAYAKUDI JANI** for all future purposes.

**AFFIDAVIT**

I, Devaraj Tripathi, S/o- Late Ananda Chandra Tripathi, resident of plot no 1203/A, Nilakanthanagar, Nayapalli, P.s- Nayapalli, PIN-751012, Bhubaneswar, Odisha declare by this affidavit No. 848 dtd- 17/10/2025 that for all purposes I shall be known and signed as Devaraj Tripathi according to my Matric Certificate and Aadhar Card, instead of Devraj Tripathi which reflects in some of my documents.

**AFFIDAVIT**

I, MONALISHA ROUT, Wife of Tarun Kumar Rout, R/o Subhadra, Apartment, Po: KIIT P.S.Infocity, Bhubaneswar, PIN:-751024, Dist: Khordha, Odisha, declare by this affidavit No.70AA409213, Dtd:11.07.2025, that now onwards I shall be known as Monalisha Nayak for all future purposes.
**MONALISHA NAYAK**

**AFFIDAVIT**

By virtue of an affidavit CF No.9 sworn before Executive Magistrate, Bhubaneswar on Dtd.16.10.2025 I, Sudha Jerendina Lakra, W/o- Hemant Kujur, R/o Plot No.333, Jayadev Vihar, Nayapalli, Bhubaneswar, Dist.- Khordha- 751013 declare that I have changed the name of my daughter from rhia Elisha Kujur to Rhea Elisha Kujur. Henceforth, she will be known as **Rhea Elisha Kujur** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-377E, ତା.11.10.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଭୁବନେଶ୍ୱର, ସମ୍ବଲପୁର ଓ ଅନୁଗୁଳ ୟୁନିଟ୍ ଠାରେ ଏବଂ ଶାସନ-ସରଲା (3ୟ ଓ ୪ର୍ଥ ଲାଇନ), କରପଡ଼ା-ଭୁଡ଼ାପଙ୍କ (3ୟ ଓ ୪ର୍ଥ ଲାଇନ), ଶାଳଗାଁ-ଭୁଡ଼ାପଙ୍କ (3ୟ ଓ ୪ର୍ଥ ଲାଇନ)ର ଅବଶିଷ୍ଟ ଷ୍ଟେସନ / ସ୍ଥାନ ସମ୍ବନ୍ଧୀୟ ସେବା ଭବନ, ସଙ୍କେତ ଏବଂ ଦୂରସଂଚାର ରୁମଗୁଡ଼ିକରେ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ (Precision) AC ଏବଂ 2TR ସ୍ପ୍ଲିଟ୍ ACର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଓ ପ୍ରଚଳନ ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 119.23 ଲକ୍ଷ, EMD : ₹ 2,09,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.11.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ କରିଥିବା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଛି।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟେ ଆକାରଣଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର କାଗଜପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-137/CI/25-26

**AFFIDAVIT**

By virtue of an Affidavit (SL No. 01, date- 18.10.2025) Sworn Before the Executive Magistrate, Padampur. I, **Pooja Budek** (new name), D/o Banamali Budek, permanent & current resident of At- Bubuda, Po- Dahigaon, Ps- Buden, Dist- Bargarh, PIN- 768036, Odisha declare that I have changed my name from **Kumari Pooja Budek** (old name) to **Pooja Budek** (new name). Henceforth, I shall be known as **Pooja Budek** (new name) for all purposes.
**Pooja Budek**

**AFFIDAVIT**

By virtue of an Affidavit (SL No. 04, date- 16.10.2025) Sworn Before the Executive Magistrate, Padampur. I, **Shibashrita Panda** (new name), S/o- Kallola Kumar Panda, permanent & current resident of AT- Padampur (Kapsila), Po- Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Sibashrita Panda** (old name) to **Shibashrita Panda** (new name). Henceforth, I shall be known as **Shibashrita Panda** (new name) for all purposes.
**Shibashrita Panda**

# ସଞ୍ଜ ନଇଁଲେ ବଢୁଛି ଦନ୍ତାହାତୀର ଉତ୍ପାତ

ଉଦଳା/କପ୍ତିପଦା, ୧୮।୧୦(ସମିସ): ସଞ୍ଜ ନଇଁଲେ ଆସୁଛି, ଆଉ ସାଇତା ସ୍ୱପ୍ନକୁ ଉଜାଡ଼ି ଦେଇ ଚାଲିଯାଉଛି। ୫ଦିନ ହେବ ଦୁଇଟି ପରିବାରକୁ କରିଛି



ଟାର୍ଗେଟ। ନିଜ ହାକିମାତି ଜାହିର କରୁଛି। ଗାଁକୁ ପଶିଲେ ପ୍ରତି ଘର ଉପରେ ଜରିପାଲ ଟଙ୍ଗା ଯାଇଥିବା ଦେଖିବେ। ଯାହା ଦେଖି ମନରେ ଅନେକ ପ୍ରଶ୍ନ ଉଠିବ। ହେଲେ ରାତି ବିତାଇବା ପାଇଁ ଗ୍ରାମବାସୀଙ୍କ ମୁଣ୍ଡ ଉପର ଛାତ ପାଲଟିଛି ଏହି ଜରିପାଲ। ଘର ଥିବା ସତ୍ତ୍ୱେ ଗ୍ରାମବାସୀ ଛାତ ଉପରେ ରାତି ବିତାଉଛନ୍ତି। କାହିଁକି ନା ଏହି ଗାଁରେ ସଞ୍ଜ ହେଲେ ଚାଲିଛି ଗୋଟିଏ ବେଙ୍ଗଲୀ ଦନ୍ତା ହାତୀର ରାଜୁତି। ଏଭଳି କିଛି ଚିତ୍ର ଦେଖିବାକୁ ପାଇବେ କପ୍ତିପଦା ବନାଞ୍ଚଳ ଅଧୀନ ଅନନ୍ତପୁର ଅଞ୍ଚଳରେ। ଉପରବାରଡାଙ୍ଗୁଆ ଗ୍ରାମରେ ବସବାସ କରନ୍ତି ୫୦ରୁ ଅଧିକ ପରିବାର। ଶିମିଳିପାଳ ପାଦଦେଶରେ ଥିବା ଏହି ଗ୍ରାମବାସୀଙ୍କ ନିଦ ହଜାଇଛି ଗୋଟିଏ ବେଙ୍ଗଲୀ ଦନ୍ତା। ବାଟ ହୁଡ଼ି ଆସି ଶିମିଳିପାଳ ଜଙ୍ଗଲରେ ରହିଥିବା ବେଙ୍ଗଲୀ ଦନ୍ତା ହାତୀ ସନ୍ଧ୍ୟା ହେଲେ ଗ୍ରାମକୁ ପଶୁଛି, ଆଉ ୫ ଦିନ ହେବ ଗ୍ରାମରେ ପଶି ୨ଟି ଘରକୁ ଟାର୍ଗେଟ କରି ପଶୁଛି। କାହାର ଚାଳଛପର ଭାଙ୍ଗି ନଷ୍ଟକରି ଦେଲାଣି ତ ଆଉ କାହାର କାନ୍ଥ ଭାଙ୍ଗି ଦେଲାଣି। କେବଳ ସେତିକି ନୁହେଁ ସେହି ଘରେ ଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଚାଉଳ ଖାଇ ଦେବା ସହିତ ଅନ୍ୟ ସାମଗ୍ରୀ ନଷ୍ଟ କରି ଦେଉଛି। ସେହିପରି ତାଳସରି ଏବଂ ଭୁଣ୍ଡାସାହିରେ ମଧ୍ୟ ୫ରୁ ଅଧିକ ଘର ଭାଙ୍ଗି ସାରିଲାଣି ଦନ୍ତା। ପ୍ରତି ଦିନ ସନ୍ଧ୍ୟା ହେଲେ ଅମାନିଆ ବେଙ୍ଗଲୀ ଦନ୍ତା ଏହି ଗ୍ରାମକୁ ପଶୁଛି। ଆଉ ଗ୍ରାମବାସୀ ଘଉଡ଼ାଇଲେ ଯାଉ ନାହିଁ ବରଂ ଗାଁ ଭିତରେ ପଶି ବୁଲୁଛି। ଯେଉଁଥି ପାଇଁ ଗ୍ରାମବାସୀ ରାତି ହେଲେ ଛାତ ଉପରେ ପାଲ ଟାଣି ତାହାରି ଭିତରେ ରହି ଜୀବନ କାଟୁଛନ୍ତି। ଏକ ପ୍ରକାର ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ କରି ସାରିଲାଣି ଏହି ଦନ୍ତା। ଗ୍ରାମବାସୀ ଏନେଇ ବନ ବିଭାଗକୁ ଖବର ଦେଇଥିବା ବେଳେ ବନ ବିଭାଗ କାଁ ଭାଁ କେତେବେଳେ ଆସି ହାତୀକୁ ଗ୍ରାମକୁ ଆସିବାକୁ ଅଟକାଇବା ଚେଷ୍ଟା କରି ଚାଲିଯାଉଛି। ହେଲେ ହାତୀକୁ ଉକ୍ତ ଅଞ୍ଚଳରୁ ଘଉଡ଼ାଇ ପାରୁନାହିଁ। ଯାହା ପାଇଁ ଗ୍ରାମବାସୀ ବନ ବିଭାଗକୁ ନେଇ ଅସନ୍ତୋଷ ବାଢ଼ିଛନ୍ତି। ସବୁପରେ ଗ୍ରାମବାସୀଙ୍କ ନିଦ ହଜାଇଥିବା ଏହି ଦନ୍ତାହାତୀକୁ ତୁରନ୍ତ ଘଉଡ଼ାଇ ଦିଆ ନ ଗଲେ



ଆଗାମୀ ଦିନରେ ଯେ ଗ୍ରାମରେ ବଡ଼ ଅଘଟଣ ନ ଘଟିବ ତାହା କହିବା ମୁସ୍କିଲ।

## କାର୍ ଓ ବାଇକ ମୁହାଁମୁହିଁ ଧକ୍କା, ବାଇକ ଚାଳକ ମୃତ

ବାରିପଦା, ୧୮।୧୦(ସମିସ): ବାରିପଦା ସହର ବାଇପାସ ୧୮ ନମ୍ବର ଜାତୀୟ ରାଜପଥର ମୁର୍ଗାବାଡ଼ି ଛକ ନିକଟରେ କାର୍ ଓ ବାଇକ ମୁହାଁମୁହିଁ ଧକ୍କା ଫଳରେ ବାଇକ୍ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଞ୍ଜପୁର ଥାନା ଅଧୀନ ବିଜୟରାମଚନ୍ଦ୍ର ଅଞ୍ଚଳର ଅଶୋକ ଘୋଷ। ଶୁକ୍ରବାର ବିଳମ୍ବିତ ରାତିରେ ନମ୍ବର ବିହୀନ କାରଟି ୧୮ ନମ୍ବର ଜାତୀୟରାଜପଥରେ ଯାଉଥିବା ବେଳେ ଝୁବୁଲି ପେଟ୍ରୋଲ ପମ୍ପ ନିକଟରେ ବାଇକ ସହ ଦୁର୍ଘଟଣା ହୋଇଥିଲା। ଭାରସାମ୍ୟ ହରାଇ ଅଶୋକ ବାଇକ୍ସହ ରାସ୍ତାରେ ପଡ଼ିଯିବାରୁ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା ବେଳେ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇବା ପରେ ଚାଳକ ଜଣକ ଫେରାର ହୋଇଯାଇଛି। ଲୋକେ ଭଞ୍ଜପୁର ଥାନା ପୁଲିସକୁ ଖବର ଦେବାରୁ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପିଆରଏମ ହସ୍ପିଟାଲକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମୃତ ଅଶୋକ ଘରୋଇ ସ୍କୁଲରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି, କାମ ସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କ ମୃତ୍ୟୁ ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଆଜି ବନ୍ଦ ରଖାଯାଇଥିଲା।

## ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ




ବାରିପଦା, ୧୮।୧୦(ସମିସ): ସ୍ଥାନୀୟ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ପୋଷଣ ମାସ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ସ୍ଥାନୀୟ ବାବୁସାହି ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧ୍ୟାପିକା ଓ ଛାତ୍ରୀମାନେ କୁନି କୁନି ପିଲାମାନଙ୍କୁ ବିଭିନ୍ନ ପ୍ରକାର ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେବାସହିତ ସ୍ଥାନୀୟ କିଶୋରୀ ଓ ଯୁବତୀମାନଙ୍କୁ ରକ୍ତହୀନତା ଓ ମେଦବହୁଳତା ରୋଗରୁ ନିଜକୁ କିପରି ରକ୍ଷା କରିପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ପୋଷଣ ମାସ ପାଳନ ଅବସରରେ ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀମାନଙ୍କ ମଧ୍ୟରେ ରକ୍ତହୀନତା ଓ ମେଦବହୁଳତା ରୋଗଠାରୁ ଦୂରେଇ ରହି କିପରି ନିରାମୟ ଜୀବନଯାପନ କରିହେବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକା ସିଂହ ଉକ୍ତ ସଭାକୁ ସମ୍ବୋଧିତ କରିଥିଲେ। ଶ୍ରୀମା ମହିଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଜ୍ୟୋତ୍ସ୍ନା ପାତ୍ର ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ରୋଗରୁ ମୁକ୍ତି କିପରି ମିଳିପାରିବ ବୁଝାଇଥିଲେ। ଗୃହବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବସ୍ମିତା ଜେନା, ଅଧ୍ୟାପିକା ସତ୍ୟବତୀ ଦାସ, ପ୍ରଭାସିନୀ ଖୁଣ୍ଟିଆ, ଶୁଭ୍ରାନ୍ତି ରେଖା ରାୟ, ଅନୁଜା ସାହୁ, ପ୍ରଶିକ୍ଷିକା ବଲମ ଦିନା ଟେଟେ ପ୍ରମୁଖ ସଭା ପରିଚାଳନା କରିବା ସହିତ କାର୍ଯ୍ୟକ୍ରମକୁ ଆଗେଇନେଇଥିଲେ।

## ରାଷ୍ଟ୍ରୀୟ ପୋଷଣ ମାସ ଉଦ୍‌ଯାପିତ

ମହୁଲଡିହା, ୧୮।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ଆଇସିଡିଏସ ମିଟିଂ ହଲ୍‌ରେ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପ୍ରେମଲତା ସେଠିଙ୍କ ନେତୃତ୍ୱରେ ସଭାରେ ଏବିଡିଓ ଟଙ୍କଧର ମହାନ୍ତ, ବିଇଓ କୁଞ୍ଜବିହାରୀ ପ୍ରଧାନ, ବିଏସ୍ଏସ୍ଓ ରଶ୍ମିରଞ୍ଜନ ମଲ୍ଲିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସ୍ୱାର୍/ ଏଆଇଏଫ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ ଯୋଗଦେଇ ଖାଦ୍ୟ ପ୍ରଦର୍ଶନୀ ଦେଖିବା ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆମେରିକା-ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ଅଙ୍ଗନବାଡିକୁ ଯୋଗାଇ ଦିଆଯାଉଥିବା ଖାଦ୍ୟରେ ବିଭିନ୍ନ କିସମ ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତକରି ଅଙ୍ଗନବାଡି କର୍ମୀ ସଭାରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର ପଙ୍କଜିନୀ ବାରିକ, ସରସ୍ୱତୀ ନାଏକ, ସାବିତ୍ରୀ ଦଳେଇ ପରିଚାଳନା କରିଥିଲେ। ଶେଷରେ ସୁପରଭାଇଜର ଗୀତାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାହି କଲେଜରେ ରାଷ୍ଟ୍ରୀୟ ପୋଷଣ ମାସ

ବଡସାହି, ୧୮।୧୦(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଅଧକ୍ଷ ରଞ୍ଜନ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ବିନୋଦ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅଧକ୍ଷ ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଏବଂ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଜୀବନ ପଣ୍ଡିତ, ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡ. ରିତୁଲତା ବିଶ୍ୱାଳ ନିଜ ମତପ୍ରକାଶ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ବଡ଼ସାହି ହସ୍ପିଟାଲର ଡ. ନିଶାନ୍ତ ବଳିଆରସିଂ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ସୁସ୍ଥ ଜୀବନ ପାଇଁ ଉପଯୁକ୍ତ ପୋଷଣର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଅନ୍ତର୍ଯ୍ୟାମୀ ବେରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପାଷ୍ଟମୀ ଉତ୍ସବ ପ୍ରସ୍ତୁତି

କରଞ୍ଜିଆ, ୧୮।୧୦(ସମିସ): କରଞ୍ଜିଆ ସ୍ଥିତ ସଂକଳ୍ପ ସେବାଟ୍ରଷ୍ଟ ଗୋଶାଳାରେ ଗୋପାଷ୍ଟମୀ ପାଳନ ହେବ। ସଭାପତି ଧରଣୀ ଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୋଶାଳା ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୪ଶହରୁ ଊର୍ଦ୍ଧ୍ୱ ଗୋମାତା ରହିଛନ୍ତି। ଚଳିତ ବର୍ଷ ଗୋ-ସଚେତନ କାର୍ଯ୍ୟକ୍ରମ, କଳସ ଯାତ୍ରା, ଗୋପୂଜନ ସହିତ ଯଜ୍ଞ କାର୍ଯ୍ୟହେବ ବୋଲି ବୈଠକରେ ସ୍ଥିର ହେଇଛି। ଗୋପାଷ୍ଟମୀ ତିନିଦିନ ଧରି ହେବ। ବୈଠକରେ କମିଟିର ସମ୍ପାଦକ ପ୍ରଶାନ୍ତ କୁମର ମିଶ୍ର, ସୁଧାଂଶୁ ପାତ୍ର, ରାଜୁ ଗ୍ରହାଚାର୍ଯ୍ୟ, ଦେବାଶିଷ ବେହେରା, ଭୀମ ପାତ୍ର, ଚନ୍ଦନ ପାତ୍ର, ବାବୁଲି ଦାସ, ଲିଟୁ ମହାପାତ୍ର, ତାପସ ଦାସ, ଲୁଲୁ ଚୌଧୁରୀ, ସନାତନ ଗାଗରାଇ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଟ୍ରଷ୍ଟର ଆଇନ ପରାମର୍ଶ ଡାଟା ଜ୍ୟୋତିର୍ମୟୀ ବାରିକ୍‌ଙ୍କ ପିତା ପ୍ରଫୁଲ୍ଲ ଚନ୍ଦ୍ର ବାରିକ୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ପରେଡ଼ ଚୟନ ଶିବିର ପାଇଁ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କ ଗସ୍ତ

ବାରିପଦା, ୧୮।୧୦(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ନିମନ୍ତେ ଦିଲ୍ଲୀର ରାଜପଥରେ ଆୟୋଜିତ ହେବାକୁ ଯାଉଥିବା ପରେଡରେ ଭାଗ ନେବାପାଇଁ ଜାତୀୟ ସେବା ଯୋଜନା ପକ୍ଷରୁ 'ପରେଡ ଚୟନ ଶିବିର' ଆୟୋଜିତ ହୋଇଯାଇଛି। ରାଜ୍ୟସ୍ତରୀୟ ପ୍ରାକ୍-ସାଧାରଣତନ୍ତ୍ର ପରେଡ ଚୟନ ଶିବିର ୭ଦିନ ଧରି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହେଉଅଛି। ଏଥିରେ ଯୋଗଦେବା ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ପରେଡ ଚୟନ ଶିବିରରେ ମନୋନୀତ ହୋଇଥିବା ୧୬ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ସୀମାନ୍ତ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡଃ ଶରତ କୁମାର ପଡ଼ିଆରୀ ଭୁବନେଶ୍ୱର ଗସ୍ତ କରିଛନ୍ତି। ସେମାନଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଶୁଭେଚ୍ଛା ଜଣାଇଛନ୍ତି। ଗସ୍ତ ସମୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍ଏସଏସ ବ୍ୟୁରୋ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ, ସହକାରୀ ରେଜିଷ୍ଟ୍ରେର ସନ୍ଦୀପ କୁମାର ତନ୍ତୀ, ବ୍ୟୁରୋ ବିଭାଗୀୟ ଅଧିକାରୀ ସୁସ୍ମିତା ପାତ୍ର, ସହାୟକ ଅଜୟ କୁମାର ବଳ ଏବଂ ପୋଗ୍ରାମ ଅଫିସର ହରମୋହନ ମହାନ୍ତ ଉପସ୍ଥିତ ଥିଲେ। ଶିବିରରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ସ୍ୱେଚ୍ଛାସେବୀମାନେ ଭାଗନେବେ। ଏଥିରେ ଯୋଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ଆଗକୁ ପୂର୍ବ-ଜୋନ ପ୍ରାକ୍ ସାଧାରଣତନ୍ତ୍ର ଚୟନ ଶିବିରରେ ଯୋଗଦେବେ।

## ସାଇବର ସଚେତନତା କାର୍ଯ୍ୟକ୍ରମ

କୁଳିଅଣା, ୧୮।୧୦(ସମିସ): ଅଦୃଶ୍ୟ ସାଇବର ଅପରାଧର ପ୍ରାଦୁର୍ଭାବ ରୋକିବା ପାଇଁ ଚାନ୍ଦୁଆ ଥାନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନେଇ ଆଲୋଚନାଚକ୍ର ଥାନା ଓଆଇସି ଲକ୍ଷ୍ମଣ ନାୟକଙ୍କ



ପୌରହିତରେ ଅନୁଷ୍ଠିତ ହୋଇଥିଲା। ଭିଡିଓ କନ୍‌ଫରେନସିଂ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସାଇବର ଅପରାଧିମାନେ କିପରି ଅପରାଧିକ କାର୍ଯ୍ୟକଳାପ କରୁଛନ୍ତି, ସେନେଇ ସମସ୍ତେ ସଚେତନ ରହିବାକୁ ଆଲୋଚନା କରିଥିଲେ। ଏଥିରେ ଚାନ୍ଦୁଆ ଥାନା ଅଧିକାରୀ ଶ୍ରୀ ନାୟକ, ବି ରାୟ, ଜମାଦାର ରବୀନ୍ଦ୍ର ସିଂ, କନଷ୍ଟେବଳ ଏସ କେ ମହାନ୍ତ, ମହାଶ?ବେତା ଦାସ, ଇନ୍ଦ୍ରଜିତ ନାଏକ, ସମାଜସେବୀ ରବିନ ଦଣ୍ଡପାଟ, ଆଇନଜୀବୀ, ଥାନା କର୍ମଚାରୀ, ହୋମଗାର୍ଡ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏମ୍ଏଫ୍‌ସି କୋର୍ଟର ନୂତନ କୋଠା ଉଦ୍‌ଘାଟିତ

ବେତନଟୀ, ୧୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ, ବଡ଼ସାହି ଓ ବୈସିଙ୍ଗା ଅଞ୍ଚଳର ବାସିନ୍ଦାଙ୍କର ବର୍ଷ ବର୍ଷର ଅପେକ୍ଷା ପୂରଣ ହୋଇଛି। ଦୀର୍ଘ ସମୟ ଧରି ଭଡା ଘରେ ଚାଲୁଥିବା ବେତନଟୀ



ଜେଏମ୍ଏଫ୍‌ସି କୋର୍ଟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପଣ୍ଡୁଗଡ଼ିଆରେ ଅବସ୍ଥିତ ଏହି ନୂତନ କୋର୍ଟ ଗୃହରେ ଦେୱାନୀ ଓ ଫୌଜଦାରୀ ଅଦାଲତର କାର୍ଯ୍ୟକ୍ରମ ଆରମ୍ଭ ହେବ। କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ। ଏହାସହ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ବିଚାରପତି ସୁଦିପ୍ତ ଆଚାର୍ଯ୍ୟ, ଜିଲ୍ଲା ଭିଜିଲାନ୍ସ କୋର୍ଟ ବିଚାରପତି, ଫାମିଲି କୋର୍ଟ ବିଚାରପତି, ପୋକ୍ସ କୋର୍ଟ ବିଚାରପତି, ସିଜିଏମ ଦେବାଶିଷ ମହାନ୍ତି, ଏଡିଜେ ୧ ସତ୍ୟନାରାୟଣ ପାତ୍ର, ଏଡିଜେ ୨ ସୁମନ ମିଶ୍ର, ରେଜିଷ୍ଟ୍ରାର, ଏସ୍‌ଡିଜେଏମ, ବେତନଟୀ କୋର୍ଟର ଜଜ୍ ରଶ୍ମି ନାରାୟଣୀ ମିଶ୍ର, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜେଏମଏଫ୍‌ସି, ଓକିଲ ସଂଘର ସଭାପତି ଦେବବ୍ରତ ପରିଡ଼ା, ସମ୍ପାଦକ ପ୍ରବୀର କୁମାର ବାରିକ ଏବଂ ଜିଲ୍ଲା ବାର୍ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ପାଞ୍ଚ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

କୁଳିଅଣା, ୧୮।୧୦(ସମିସ): କୁଳିଅଣା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ନବଜୀବନ ଶିକ୍ଷା ସଂସଦ ଓଡ଼ିଶା ଦ୍ୱାରା ଆୟୋଜିତ ପାଞ୍ଚ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରଫୁଲ୍ଲ କୁମାର ମହାଳିକ, ଗଣେଶ ପ୍ରସାଦ ମହାପାତ୍ର ଓ କପ୍ତିପଦାର ପ୍ରୋମଦ ଦାସ ଉପସ୍ଥିତ ଥିଲେ। ଅନୁଷ୍ଠାନର ଶାନ୍ତନୁ କୁମାର ଦାସ ସ୍ୱାଗତ ଭାଷଣ ଏବଂ ଗଣେଶ ଭାଇ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶ୍ରୀମା' ମହାବିଦ୍ୟାଳୟ, ବାରିପଦାର ପ୍ରାକ୍ତନ ଅଧକ୍ଷ ପ୍ରକାଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗଣେଶ ମହାପାତ୍ର କୃତଜ୍ଞତା ଜ୍ଞାପନ ଜଣାଇଥିବା ବେଳେ ଶାନ୍ତନୁ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ମହୁଲଡିହା, ୧୮।୧୦(ସମିସ): ଠାକୁରମୁଣ୍ଡା ବ୍ଲକର ୧୬ଟି କ୍ଲଷ୍ଟର ମଧ୍ୟରୁ ୧୦ଟି କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବ୍ଲକ ସାତକୋଶିଆ କ୍ଲଷ୍ଟରର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁପ୍ତଥିବା ପ୍ରତିଭାର ବିକାଶ ପାଇଁ 'ସୁରଭି' କାର୍ଯ୍ୟକ୍ରମ ବୋଲି ମତ ଦେଇଥିଲେ। ସାତକୋଶିଆ ହାଇସ୍କୁଲ ପରିସରରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନ ଏବଂ ସମ୍ମାନିତ ବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ୍ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ମତ ରଖିଥିଲେ। ସିଆରସିସି ଜ୍ୟୋତିରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଉତ୍ସବରେ ସରପଞ୍ଚ ଚାନ୍ଦମଣି ଜାରିକା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାତକୋଶିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ରଣା, ସାତକୋଶିଆ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୁବନ ପାତ୍ର, ପୂର୍ବତନ ସିଆରସିସି ସୁଶାନ୍ତ ନାଏକ, ଅଖାପଲାଣ କ୍ଲଷ୍ଟର ସିଆରସିସି ମନୋରଞ୍ଜନ ଲୁଗୁନ ଯୋଗଦେଇଥିଲେ। ସାତକୋଶିଆ ମଧ୍ୟ ଇଂରାଜୀ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ସାହୁଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ସାତକୋଶିଆ ପଞ୍ଚାୟତର ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସହଦେବ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସୁକାନ୍ତି ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଉଦଳା:** ଉଦଳା ବ୍ଲକର ନୀଳଶୈଳ ଉଚ୍ଚ ବିଦ୍ୟାଳୟ, ନୂଆଗାଁଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଅଛି। ୧୨ଟି ବିଦ୍ୟାଳୟର ମୋଟ ୩୫୭ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ବବ୍ରୁବହାନ ବେହେରାଙ୍କ ସଭାପତିତ୍ୱରେ ଓ କ୍ଲଷ୍ଟର ସିଆରସିସି ତପନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ନୂଆଗାଁ ପଞ୍ଚାୟତର ସମିତି ସଭ୍ୟ ସୀତା ଟୁଡୁ, ମୁଖ୍ୟବକ୍ତା ବହୁବନ୍ଧ କ୍ଲଷ୍ଟରର ପୂର୍ବତନ ସିଆରସିସି ସରସ୍ୱତୀ ଟୁଡୁ ଏବଂ ସମ୍ମାନିତ ଅତିଥି ଭାବେ ନୂଆଗାଁ ଆଶ୍ରମର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ନାଏକ, ଅଦାପାଳ କ୍ଲଷ୍ଟରର ସିଆରସିସି ମହେଶ୍ୱର ସାହୁ, ସମାଜସେବୀ ରେଣ୍ଟା ଟୁଡୁ, ନୂଆଗାଁର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂ, ଦାମସାହି ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଡ଼ାଚରଣ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଓ ତଥା ବିଆରସିସି ମିନତୀମଞ୍ଜରୀ ପଣ୍ଡା, ଉଦଳା ବ୍ଲକ ମୁଖ୍ୟ ବକ୍ତା ଭାବେ ଏବିଓ ସନ୍ଧ୍ୟାରାଣୀ ବାରିକ ଏବଂ ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ମହାନ୍ତ, ବରିଷ୍ଠ ଶିକ୍ଷକ ଯୋଗେନ୍ଦ୍ର କୁମାର ସାହୁ ମଞ୍ଚାସୀନ ଥିଲେ। ସଭାରେ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଦେବବ୍ରତ କର ଭୋଳାନାଥ ବେହେରା, ଗୋବର୍ଦ୍ଧନ ଦାସ, ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଉଦଳା ଏନ୍ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଦଳା ପିଏମଶ୍ରୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇଥିଲେ। ଉଦଳା ଏନ୍ଏସିର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟବକ୍ତା, କାଉନସିଲର ଶରତ ଚନ୍ଦ୍ର ଦାସ ଓ ବିଶ୍ୱରଞ୍ଜନ ମୋଦି ଏବଂ ଏବିଓ ମିନତିମଞ୍ଜରୀ ପଣ୍ଡା ଓ ସନ୍ଧ୍ୟାରାଣୀ ବାରିକ୍ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି କ୍ଲଷ୍ଟରର ସିଆରସିସି ଗୌରଚନ୍ଦ୍ର ବିନ୍ଧାଣି ସଂଯୋଜନା କରିଥିଲେ। ମଞ୍ଚାସିନ ଅତିଥିଙ୍କର ପରିଚୟ ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ମିନାକ୍ଷୀ ମିଶ୍ର ଓ ସଂଯୁକ୍ତା ଶତପଥୀ। ଶିକ୍ଷକ ସତ୍ୟେନ୍ଦୁ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

**ଠାକୁରମୁଣ୍ଡା:** ବ୍ଲକ ସ୍ଥିତ ଭରାଣ୍ଡିଆ ପଞ୍ଚାୟତ ମିରିଗିମୁଣ୍ଡି ହାଇସ୍କୁଲ ପରିସରରେ ଆଞ୍ଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଇଓ କୁଞ୍ଜବିହାରୀ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ସରପଞ୍ଚ ଅନିତା ଗୁମୁଲିଆ, ମୁଖ୍ୟବକ୍ତା ଭାବେ ଆକାଶ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶରତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲାବେଳେ ମଞ୍ଚ ପରିଚାଳନା ଶିକ୍ଷକ ରଙ୍ଗାଧର ସେନାପତି କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ସୁଶାନ୍ତ କୁମାର ସେଠୀ ସଂଯୋଜନା କରିଥିଲେ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଭରାଣ୍ଡିଆ ଆଞ୍ଚଳିକ ସାଧନା କେନ୍ଦ୍ରର ଛାତ୍ରଛାତ୍ରୀ ଶିଶୁ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ରକ୍ତଦାନ ଶିବିର, ୧୫ ୟୁନିଟ୍ ସଂଗୃହୀତ

ବୈଶିଙ୍ଗା, ୧୮।୧୦(ସମିସ): ମହୁରୀସ୍ଥିତ ନିତା କମ୍ପ୍ୟୁଟର ସେଣ୍ଟରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିତା କମ୍ପ୍ୟୁଟର ସେଣ୍ଟରର ପରିଚାଳନା ନିର୍ଦ୍ଦେଶିକା ରଶ୍ମୀରେଖା ପାଣିଗ୍ରାହୀଙ୍କ ଜନ୍ମଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଓ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମାଜସେବୀ ଶାନ୍ତନୁ ପଣ୍ଡା, ସାମ୍ବାଦିକ ଶାନ୍ତନୁ ପଣ୍ଡା, ପ୍ରକାଶ ବେହେରା, ସତ୍ୟପ୍ରକାଶ ପ୍ରଧାନ, ଅବିନାଶ ପଣ୍ଡା, ରଣଜିତ ନାୟକ ପ୍ରମୁଖଙ୍କ ସହିତ ବୈଶିଙ୍ଗା ଥାନା ଓ ଅଗ୍ନିଶମ ବିଭାଗର ଏକାଧିକ ଅଧିକାରୀ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରୁ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପ୍ୟୁଟର ସେଣ୍ଟରର ସୋନାଲି ବେହେରା, ତ୍ରିପ୍ତି କୁମାରୀ ବେରା, ପ୍ରିୟଦର୍ଶିନୀ ବିଶ୍ୱାଳ, ଜ୍ୟୋତି ବାରିକ, ପାର୍ବତୀ ସିଂ, ନନ୍ଦିନୀ ସିଂ, ଯଶୀତା ସୁମନ, ନିଶିଥ ନମନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସ୍ଥାନୀୟ ସାମ୍ବାଦିକ ଦୀପକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

## ସିଡିଓଇ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଅନୁସ୍ଥାପନ କାର୍ଯ୍ୟକ୍ରମ

ବାରିପଦା, ୧୮।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଅନୁସ୍ଥାପନ (ଇଣ୍ଡକ୍ସନ) କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ଶତପଥି ନିଜ ବକ୍ତବ୍ୟରେ ଦୂରବର୍ତ୍ତୀ ଏବଂ ଅନଲାଇନ୍ ଶିକ୍ଷାକୁ ବର୍ତ୍ତମାନ ତଥା ଭବିଷ୍ୟତର ଆବଶ୍ୟକତା ବୋଲି ବିବେଚନା କରିଥିଲେ। ଏହା କିପରି ସମସ୍ତଙ୍କୁ ସଶକ୍ତ କରିଥାଏ, ସମୟ ଏବଂ ସ୍ଥାନର ସୀମାବଦ୍ଧତା ଅତିକ୍ରମ କରି ଶିକ୍ଷାକୁ ସର୍ବସୁଲଭ କରିଥାଏ ସେ ବିଷୟରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ବହୁଦିନର ପ୍ରତୀକ୍ଷା ପରେ ବିଶ୍ୱବିଦ୍ୟାଳୟରେ ପୁଣିଥରେ ଡିଷ୍ଟାନ୍ସ କୋର୍ସ ଆରମ୍ଭ ହୋଇଥିବାରୁ ଏହାର ପ୍ରଚ୍ଛଦପଟରେ ଥିବା




ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ମୟୂରଭଞ୍ଜର ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଳ ଲୋଚନ ବାରିକ ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ଦୂରବର୍ତ୍ତୀ ଶିକ୍ଷା ଛାତ୍ରଛାତ୍ରୀଙ୍କ ଜୀବନରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବ ବୋଲି ମତପ୍ରକାଶ କରିଥିଲେ। ସିଡିଓଇର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଦୂରବର୍ତ୍ତୀ ଏବଂ ଅନଲାଇନ୍ ଶିକ୍ଷାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ଏଥିସହ ୟୁଜିସିର ବିଭିନ୍ନ ମାପଦଣ୍ଡକୁ ନେଇ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବାକୁ ସିଡିଓଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସିଡିଓଇର ଅଧ୍ୟାପକ ଅଧ୍ୟାପିକା ଗଣ ଯଥା ସାମାଜିକ କାର୍ଯ୍ୟକ୍ରମ ବିଭାଗର ଡ. ସୁଜୟ କୁଣ୍ଡୁ, ଅର୍ଥନୀତି ବିଭାଗର ବିଶ୍ୱଜିତ ଷଡ଼ଙ୍ଗୀ, ଓଡ଼ିଆ ବିଭାଗର ଡ. ବିନ୍ଧ୍ୟେଶ୍ୱରୀ କଳିଆ ଓ ଇଂରାଜୀ ବିଭାଗର ପ୍ରୀତିଲଗ୍ନା ସନ୍ତୋଷୀ ମହାକୁଡ଼ ପାଠ୍ୟକ୍ରମଗୁଡ଼ିକର ପରିଚୟ ସବିଶେଷ ଆଲୋଚନା କରିଥିଲେ। ଶେଷରେ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଡିଓଇର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଖଣି ଅଞ୍ଚଳରେ ୬୧୬୭ ଖାଉଟି ଇ-କେୱାଇସିରୁ ବଞ୍ଚିତ

ଯୋଡ଼ା, ୧୮।୧୦(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଥିବା ପଡ଼ି କାର୍ଡ ହିତାଧିକାରୀଙ୍କ ଚିନ୍ତା ବଢ଼ିଯାଇଛି। କିଛି ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ଖାଉଟିଙ୍କ ଇ-କେୱାଇସି ନ ଥିଲେ କିମ୍ବା ନ ହେଲେ ନେଇ ଚାଉଳ ପାଇବାରୁ ବଞ୍ଚିତ ରହିବା ଘୋଷଣା ପରେ ଗରିବ ପରିବାରଙ୍କ ଚିନ୍ତା ବୃଦ୍ଧି ପାଇଛି। ଯୋଡ଼ା ପରି ଖଣି ଜଙ୍ଗଲ ଅଞ୍ଚଳରେ ଅତି ନିମ୍ନ ଆର୍ଥିକ ଶ୍ରେଣୀର ପରିବାର ମଧ ବସବାସ କରୁଛନ୍ତି। ରାତି ପାହିଲେ ଅନ୍ୟ ଘରେ କାମ କଲେ ନିଜ ଘର ଚଳିବା ଏମାନଙ୍କର ଦୈନନ୍ଦିନ ଜୀବନ ସାରଣୀ। କିଛି ଆଦିବାସୀ ଜଙ୍ଗଲରୁ ପତ୍ର କାଠି ଆଣି ବିକ୍ରି କରିବା ସହ ଅନେକ ବୃଦ୍ଧବୃଦ୍ଧା ଘର ଜଗିବା କାର୍ଯ୍ୟ କରନ୍ତି। ସମୟ ଅଭାବ ସତ୍ତ୍ୱେ ଅନେକ ବାର ଇ-କେୱାଇସି ପାଇଁ ଦୌଡ଼ି ଦୌଡ଼ି ଖାଲି ହାତରେ ଫେରିଥିବା ଗଣମାଧ୍ୟମକୁ ଜଣାଇଛନ୍ତି। କେତେ ବେଳେ ମାତ୍ରାଧିକ ଭିଡ଼ ତ ପୁଣି କେତବେଳେ ଇଣ୍ଟରନେଟ ନ ଥିବା ନେଇ ହଇରାଣ ହୋଇଛନ୍ତି। କେହି କେହି ଏମିତି ଅଛନ୍ତି ଯିଏ ବିନା ସାହାଯ୍ୟରେ ଇ-କେୱାଇସି କେନ୍ଦ୍ରକୁ ଯାଇ ପାରିବେ ନାହିଁ। ରୋଗୀ ଓ ଶିଶୁ ମଧ ଇ-କେୱାଇସିରୁ ବଞ୍ଚିତ ରହିଛନ୍ତି। ଏପରି ସ୍ଥଳେ ଆଗକୁ ପଡ଼ି କାର୍ଡ ଦ୍ୱାରା ଚାଉଳ ପାଇବାରୁ ବଞ୍ଚିତ ରହିଲେ ନିଜର ଭରଣପୋଷଣ କେମିତି ହୋଇପାରିବ ବୋଲି ଚିନ୍ତା ପ୍ରକଟ କରିବା ସହ ଆଗକୁ ସରକାର ଆଉ କିଛି ସମୟ ଦେବା ସହିତ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ବୃଦ୍ଧବୃଦ୍ଧା, ଶାରୀରିକ ଅକ୍ଷମ ମହିଳା ପୁରୁଷଙ୍କୁ ଇ-କେୱାଇସି ନିମନ୍ତେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ଯୋଗାଣ ଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ପୌରପାଳିକାରେ ୧୧୦୮ ଜଣ ଇ-କେୱାଇସିରୁ ବଞ୍ଚିତ ଥିବା ବେଳେ ବଡ଼ବିଲ ପୌରପାଳିକାରେ ୧୪୦୯, ଯୋଡ଼ା ବ୍ଲକରେ ୩୬୫୦, ମୋଟ ୬୧୬୭ ଖାଉଟି ଇ-କେୱାଇସିରୁ ବଞ୍ଚିତ ରହିଛନ୍ତି। ସେହିପରି ସ୍ଥାନୀୟ ରିଟେଲରମାନଙ୍କ ଚିନ୍ତା ମଧ ବଢିଛି। ଚାଉଳ ପାଇବାରୁ ବଞ୍ଚିତ ରହିବା ଖାଉଟି ଦୋକାନକୁ ଆସି ଚାଉଳ ନ ପାଇ ଫେରିଲେ ଗାଳି ମନ୍ଦ କରିବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିବା ନେଇ ସଂଶୟ ଦେଖାଦେଇଛି। ରାସନ୍ କାର୍ଡ କେବଳ ୫କିଲୋ ଚାଉଳର ପ୍ରଶ୍ନ ନୁହେଁ ଜଣେ ପଡି କାର୍ଡଧାରୀ ପାଇଁ ଜୀବନ ଜୀବିକା ସହ ତାର ଶିକ୍ଷା ସ୍ୱାସ୍ଥ୍ୟ ଆବାସ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ବୋଲି ସରକାରଙ୍କୁ ହୃଦୟଙ୍ଗମ କରିବାକୁ ହେବ ବୋଲି ଖାଉଟି ଦାବି କରିଛନ୍ତି।

## ମା' ଶ୍ୟାମାକାଳୀ ପୂଜା ପାଇଁ ଚଳଚଞ୍ଚଳ ପୁରପଲ୍ଲୀ





ବେଲବାହାଲି, ୧୮।୧୦(ସମିସ): ଆଲୋକର ପର୍ବ ଦୀପାବଳି ଆସିଥିବା ବେଳେ ମା' କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଆନନ୍ଦପୁର ଉପଖଣ୍ଡ ବର୍ତ୍ତମାନ ଚଳଚଞ୍ଚଳ ହୋଇଉଠିଛି। ବେଲବାହାଲି ଗ୍ରାମର ସର୍ବପୁରାତନ ମା'କାଳୀଙ୍କ ପୂଜାର୍ଚ୍ଚନା ପାଇଁ ପୂଜା ମଣ୍ଡପରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ମା' କାଳୀଙ୍କ ପୂଜା ୫୬ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟିର ସଭାପତି ତାପସ କୁମାର ଜେନା, ସମ୍ପାଦକ ମୋହନ ଚରଣ ସାହୁ ଏବଂ କମିଟିର ବରିଷ୍ଠ ସଦସ୍ୟଙ୍କ ନେତୃତ୍ୱରେ ପ୍ରସ୍ତୁତି କାର୍ଯ୍ୟ ଜାରିରହିଛି। ଜିଲ୍ଲା ବାହାରୁ ଆସିଥିବା ମୂର୍ତ୍ତି କାରିଗରଙ୍କ ଦ୍ୱାରା ମା' ଶ୍ୟାମାକାଳୀଙ୍କ ସମେତ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଭଳି ମୂର୍ତ୍ତି ନିର୍ମାଣ କରିବା ସହ ଏମାନଙ୍କ ମଧ୍ୟରୁ ବଡ଼ କିଏ, ଏହାର ଉତ୍ତର ଦର୍ଶକ ରଖିବା ନେଇ କମିଟିର ବରିଷ୍ଠ ସଦସ୍ୟ ନବଘନ ପଣ୍ଡା ପ୍ରକାଶ କରିଛନ୍ତି। ମା'ଙ୍କ ପୂଜା ସୋମବାର ରାତିରୁ ଆରମ୍ଭ ହେବାକୁ ଥିବାରୁ ପୂଜା ମଣ୍ଡପ, ତୋରଣ ଓ ମୂର୍ତ୍ତି ସାଜସଜ୍ଜା ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଦୃଶ୍ୟ ତୋରଣ ସମେତ ଅଧିକ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ବହୁ ପୁରାତନ ଓ ଏଠାରେ ନିଷ୍ଠାର ସହ ପୂଜା ହେଉଥିବାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥାଏ। ପ୍ରତ୍ୟେକ ଦିନ ହୋମ ସହ ସନ୍ଧ୍ୟା ଆଳତି ପରେ ଭୋଗ ଲାଗି ହୋଇଥାଏ। ଚଳିତ ବର୍ଷ ୮ ଦିନ ଧରି ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସହ ପ୍ରତିଦିନ ସନ୍ଧ୍ୟାରେ ମୀନାବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ବରିଷ୍ଠ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାର ସହିତ ପୂଜା ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କମିଟିର ଉପଦେଷ୍ଟା ସଞ୍ଜୟ ଦାସ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ମାନସ ସାହୁ, ମୁଖ୍ୟ ପୂଜା କର୍ତ୍ତା ରାମଚନ୍ଦ୍ର ସାହୁ, ସଦସ୍ୟ ପ୍ରଶାନ୍ତ ସାହୁ, ସୁଶାନ୍ତ ଜେନା, ସଞ୍ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ହିମାଂଶୁ ଶେଖର ସାହୁ, ବିଜୟ ସାହୁ, ଭୀମସେନ ସାହୁ ସମେତ ଶତାଧିକ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

### କେନ୍ଦୁଝରରେ କାରଖାନା ବିରୋଧୀଙ୍କ ରଣହୁଙ୍କାର

# ଏସାର୍‌କୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ






କେନ୍ଦୁଝର, ୧୮।୧୦(ସମିସ):

ଏସାର ମିନମେଣ୍ଟ ଲିମିଟେଡ କାରଖାନାକୁ ବିରୋଧ କରି ବିରୋଧୀ ମଞ୍ଚ ତରଫରୁ ରଣହୁଙ୍କାର ଦିଆଯାଇଛି। ଦାବିପୂରଣ ନହେଲେ ଆଗାମୀଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ପ୍ରଶାସନକୁ ଚେତାଇ ଦେଇଛନ୍ତି।

କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଟିକରପଡା ଏବଂ କାଦଗଡ ମୌଜାରେ ହେବାକୁ ଥିବା ଏସାର ମିନମେଣ୍ଟ କମ୍ପାନୀର ବେନିଫିକେସନ ପ୍ରକଳ୍ପକୁ ବିରୋଧ କରି ଏସାର ମିନମେଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ଶନିବାର ବ୍ୟାପକ ଜନଆନ୍ଦୋଳନ ହେବା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଛି। ୨ ହଜାରରୁ ଅଧିକ ପୁରୁଷ ଓ ମହିଳା କେନ୍ଦୁଝର ମୋଚିଗାଁ ଛକ ନିକଟରୁ ବିଭିନ୍ନ ପ୍ଲାକାର୍ଡ ଧରି ରାଲିରେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାରେ ସାମିଲ ନେତୃବୃନ୍ଦ ପ୍ରଶାସନ ବିରୋଧରେ ଗର୍ଜିଥିଲେ। କାରଖାନା ପାଇଁ ଅନ୍ୟ ଅଞ୍ଚଳରେ ଅନେକ ଜାଗା ରହିଥିବାବେଳେ କେନ୍ଦୁଝର ଜିଲ୍ଲାର ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଟିକରପଡା, କାଦଗଡ ଏବଂ ଆଖପାଖ ଅଞ୍ଚଳର ୫ଟି ପଞ୍ଚାୟତର ଚାଷଜମିରେ କାରଖାନା ସ୍ଥାପନ ପାଇଁ ପ୍ରଶାସନର ବ୍ୟଗ୍ରତା ଚାଷୀ ଏବଂ ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ପେଟକୁ ଲାତ ମାରିବା ଭଳି ହେଉଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

ବିରୋଧୀ ମଞ୍ଚର ଅଭିଯୋଗ ଅନୁସାରେ, ସରକାର ବାଧ କରି ପ୍ରଶାସନକୁ ଲଗାଇ ଜନଶୁଣାଣି ଅଧିକାରର ଉଲ୍ଲଙ୍ଘନ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଚଳିତବର୍ଷ ଜାନୁୟାରୀ ୧୮ ତାରିଖ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ଉପରେ ଜନମତ ସଂଗ୍ରହ କରିବା ପାଇଁ ଉଦ୍ଦିଷ୍ଟ ଥିଲା; କିନ୍ତୁ ସରକାର ବଳପ୍ରୟୋଗ କରି ସଭା ସ୍ଥଳକୁ ସ୍ଥାନୀୟ ଅଧିବାସୀମାନଙ୍କୁ ପ୍ରବେଶ କରିବାକୁ ମଧ ଦେଇ ନଥିଲେ। କାରଖାନା ହେବାକୁ ଥିବା ସ୍ଥାନରେ ପ୍ରଦୂଷଣ ପ୍ରଭାବର ଅପର୍ଯ୍ୟାପ୍ତ ମୂଲ୍ୟାଙ୍କନ ହେବାକୁ ଥିବା ଆନ୍ଦୋଳନକାରୀମାନେ ଦାବି କରିଥିବାବେଳେ ଦୈନିକ ୪୦ ହଜାର ମେଟ୍ରିକ୍ ଟନ୍ ଲୁହାପଥରକୁ ପେସିବା ଏବଂ ଗ୍ରାଇଣ୍ଡିଂ କରିବା ଦ୍ୱାରା ୧୦ କିଲୋମିଟର ବ୍ୟାସାର୍ଦ୍ଧରେ ବ୍ୟାପକ ପ୍ରଦୂଷଣ ସମସ୍ୟା ସୃଷ୍ଟି ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏଠାରେ କାରଖାନା ହେବା ଦ୍ୱାରା କୃଷି ଓ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ବିରୋଧି ମଞ୍ଚ ଅଭିଯୋଗ କରିଥିବାବେଳେ ସେ ଅଞ୍ଚଳର ୩ ହଜାର ଏକର ଜମି ବାୟୁ ଓ ଜଳ ପ୍ରଦୂଷଣ କାରଣରୁ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏଥିସହ କାରଖାନା ଏବଂ ଆଖପାଖ ଅଞ୍ଚଳରେ ଜଳ ସଂପଦର ଅବକ୍ଷୟ ଏବଂ ଜଳ ପ୍ରଦୂଷଣ, ସ୍ଥାନୀୟ ଜଳସେଚନ ଭିତ୍ତିଭୂମି ଉପରେ କୁପ୍ରଭାବ, ଦୁର୍ବଳ ସଂପ୍ରଦାୟର ବିସ୍ଥାପନ ଏବଂ ଜୀବିକା କ୍ଷତି ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ; କାରଖାନା ହେବା ଫଳରେ ଶବ୍ଦ ପ୍ରଦୂଷଣ, ଜନସ୍ୱାସ୍ଥ୍ୟ ଓ ଶିକ୍ଷାକୁ ବିପଦଗାମୀ କରିବା ସହିତ ଅଧିବାସୀମାନଙ୍କର ସମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପ୍ରଶାସନ ଜନକଲ୍ୟାଣ ଅପେକ୍ଷା କର୍ପୋରେଟ ଲାଭକୁ ଅଧିକ ପ୍ରାଥମିକତା ଦେଉଥିବା ଅଭିଯୋଗ କରି ପରିବେଶୀୟ ମଂଜୁରୀ ରିପୋର୍ଟକୁ ଆନ୍ଦୋଳନକାରୀ ପ୍ରତ୍ୟାଖ୍ୟାନ କରୁଥିବା କହିଥିଲେ। ୫ଗୋଟି ପଞ୍ଚାୟତର ଜନସାଧାରଣଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରିଥିଲେ।

ସବୁ ପ୍ରଚଳିତ ଶିଳ୍ପ ପ୍ରକଳ୍ପ ଗ୍ରାମସଭାର ବୈଧ ସମ୍ମତି ବିନା ଚାଲିଛି ତେଣୁ ସେଗୁଡିକୁ ପଞ୍ଚମ ଅନୁସୂଚୀ ଅଞ୍ଚଳରେ ତୁରନ୍ତ ବନ୍ଦ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏଥିସହିତ ଅବୈଧ ଜମି ଅଧିଗ୍ରହଣ ଓ ପରିବେଶୀୟ ଉଲ୍ଲଙ୍ଘନ ସଂପର୍କରେ ରାଜ୍ୟସ୍ତରୀୟ ସ୍ୱାଧୀନ କମିଟି ଦ୍ୱାରା ତଦନ୍ତ କରାଯିବାକୁ ଦାବି କରିଥିଲେ। ପ୍ରଭାବିତ ଜମି ଓ ବନ ଅଞ୍ଚଳଗୁଡିକୁ ଆଦିବାସୀ ସମୁଦାୟଙ୍କୁ ପୁନର୍ବାସିତା କରାଯିବା, ପିଇଏସ୍‌ଏ ଆଇନ ୧୯୯୬ ଏବଂ ଜଙ୍ଗଲ ଅଧିକାର ଆଇନ ୨୦୦୬ର କଠୋର ରୂପେ ପ୍ରୟୋଗ ସୁନିଶ୍ଚିତ କରାଯିବା, ଭବିଷ୍ୟତରେ କୌଣସି ପ୍ରକଳ୍ପ ଅନୁମୋଦନ ପୂର୍ବରୁ ସ୍ଥାନୀୟ ଗ୍ରାମସଭା ସହିତ ପରାମର୍ଶ ନିଶ୍ଚିତ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ।

ଏହି ଆନ୍ଦୋଳନରେ ଏସାର ମିନମେଣ୍ଟ ବିରୋଧୀ ମଞ୍ଚର ସଭାପତି ମଧୁସୂଦନ ସାହୁ ଏବଂ ସଂପାଦକ ଠାକୁର ମାର୍ଡି ନେତୃତ୍ୱ ନେଇଥିବାବେଳେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଜଣାଶୁଣା ଜନ ଆନ୍ଦୋଳନ ନେତା ଲିଙ୍ଗରାଜ ଆଜାଦ, ବୈତରଣୀ ସୁରକ୍ଷା ମଞ୍ଚର ନେତା ଅଶୋକ ଠକ୍କର, ଅଲ୍ ଇଣ୍ଡିଆ କ୍ଷେତ୍ ମଜଦୁର ସଂଘର ବାସୁଦେବ ଦାସ, ଶ୍ରୀକାନ୍ତ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ଥିଲେ। ମହାଦେଇଯୋଡା, ନୂଆଗାଁ, ଗୋପୀନାଥପୁର, ରାଇସୁଆଁ, ଜନାର୍ଦ୍ଦନପୁର ଅଞ୍ଚଳର ୨ ହଜାରରୁ ଅଧିକ ପୁରୁଷ ଓ ମହିଳା ସାମିଲ ହୋଇଥିବାବେଳେ ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ।

### ଆର୍‌ଏମ୍‌ସିରେ ବଡ଼ଧରଣର ଘୋଟାଲା

## ସମ୍ପାଦକଙ୍କୁ ତୁରନ୍ତ ବଦଳି ଆଦେଶ

ଆନନ୍ଦପୁର, ୧୮।୧୦(ସମିସ): ଆନନ୍ଦପୁର ନିୟନ୍ତ୍ରୀତ ବଜାର କମିଟି (ଆରଏମ୍‌ସି)ରେ ସରକାରୀ ଅନୁଦାନର ଦୁରୁପଯୋଗ ଓ ନୀତିନିୟମ ଉଲଂଘନ କରି ସରକାରୀ ଅର୍ଥ ତୋଷାରପାତ ହେଉଥିବା ଗୁରୁତର ଅଭିଯୋଗ ହୋଇଛି। କୃଷକଙ୍କ ପାଇଁ ଆସୁଥିବା ଅନୁଦାନକୁ ଘସିପୁରା ବ୍ଲକ୍‌ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଦ୍ଦେଶ୍ୟମୂଳକ ଭାବେ ଖର୍ଚ୍ଚ କରାଯାଉଛି। ସୁଆଁପଦା ହାଟରୁ ଅପେକ୍ଷାକୃତ କମ୍ ଆୟ ହେଉଥିବାବେଳେ ଏଠାରେ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ୨୦୨୧-୨୨ ଆର୍ଥିକବର୍ଷରେ ଏହି ହାଟରୁ ମାତ୍ର ୮୦ହଜାର ୧୭୦ ଟଙ୍କା ଆୟ ହୋଇଥିଲା କିନ୍ତୁ ଖର୍ଚ୍ଚ ହୋଇଛି ୧୭ଲକ୍ଷ ୧୯ହଜାର ୯୬୩ଟଙ୍କା। ସେହିପରି ୨୦୨୨-୨୩ରେ ୭୦ହଜାର ୫୨୫ଟଙ୍କା ଆୟ ହୋଇଥିବାବେଳେ ୪୨ଲକ୍ଷ ୟାର୍ଡ ମରାମତି, ରାସ୍ତା ନିର୍ମାଣ, ସାନିଟାରୀ ସାମଗ୍ରୀ ଯୋଗାଣ ପାଇଁ ଆସିଥିବା ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାମକୁ ସିଧାସଳଖ ଜଣେ ବ୍ୟକ୍ତିଙ୍କ ହାତକୁ ଟେକି ଦିଆଯାଇଛି। ଉପରୋକ୍ତ ନିର୍ମାଣ କାର୍ଯ୍ୟର ତଦାରଖ ମଧ



କରାଯାଉ ନଥିବା ଅଭିଯୋଗ ହୋଇଛି। ଆରଏମ୍‌ସି ପରିସରରେ ହେଉଥିବା ସରକାରୀ ଯୋଜନାଭିତ୍ତିକ କାର୍ଯ୍ୟକ୍ରମ ନାଁରେ ଅନୁଦାନ ବାଟମାରଣା, ହାତଗଣତି ଲୋକରେ କାର୍ଯ୍ୟକ୍ରମ ସୁଆଁପଦା ହାଟରୁ ସ୍ୱଳ୍ପ ଆୟ, ବିପୁଳ ଅର୍ଥ ଖର୍ଚ୍ଚ ଦର୍ଶାଇ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ, ଆନନ୍ଦପୁର ବ୍ଲକ୍‌ର ବେଲବାହାଲି, କୋଳିମାଟି, ଧକୋଠା ହାଟର ଉନ୍ନତୀକରଣ ପାଇଁ ଆଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାପ୍ତାହିକ ହାଟର ବିକାଶ ପାଇଁ ଆସିଥିବା ଅନୁଦାନକୁ ମନଇଚ୍ଛା ଖର୍ଚ୍ଚ କରାଯାଇ ଠିକାଦାର ପୋଷା ଚାଲିଛି। ଖଡ଼େଶ୍ୱର ହାଟପିଣ୍ଡି, ଘସିପୁରା ମାର୍କେଟ କମ୍ପ୍ଲେକ୍ସ ମରାମତି, ଆର୍‌ଏମ୍‌ସି ପରିସର ୱେ ବ୍ରିଜ୍ ନିର୍ମାଣ, ଗୋଦାମ ମରାମତି, ଶାଳପଡ଼ା ମାର୍କେଟ ୱାର୍ଡ ମରାମତି, ବରପଦା ମାର୍କେଟ ୟାର୍ଡ ମରାମତି, ସୁନ୍ଦରାପାଳ ମାର୍କେଟ କାର୍ଯ୍ୟରେ କୃଷକଙ୍କୁ ସାମିଲ କରାଯାଉନି କି ସେମାନଙ୍କୁ ଅବଗତ କରାଯାଉନାହିଁ। ଏପରି ଘଟଣାରେ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସମ୍ପାଦକ ଶକ୍ତିଧର କାଣ୍ଡିଙ୍କୁ ତୁରନ୍ତ ତାଙ୍କ ପଦରୁ ଅପସାରଣ କରାଯାଇଛି। ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦର ମହାପ୍ରବନ୍ଧକ (ଜିଏମ୍) ଧରିତ୍ରୀ ମିଶ୍ର ସରକାରୀ କର୍ତବ୍ୟ ପାଳନରେ ତାଙ୍କର ନିରାଶାଜନକ ପ୍ରଦର୍ଶନକୁ ବିଚାର କରି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଚିଠି ସଂଖ୍ୟା ୩୫୦୦/୧୫.୧୦.୨୫ ଅନୁସାରେ ବୋର୍ଡ କର୍ତ୍ତୃପକ୍ଷଙ୍କଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ଆନନ୍ଦପୁରର ଆର୍‌ଏମ୍‌ସି ଦୈନନ୍ଦିନ ସରକାରୀ କାର୍ଯ୍ୟ ପାଇଁ ଆବଶ୍ୟକ ଅନ୍ତରୀଣ ବ୍ୟବସ୍ଥା କରିବାକୁ ଅଧ୍ୟକ୍ଷ ତଥା ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।

## ପରମାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଏସ୍‌ସି ନର୍ସିଂ ଆରମ୍ଭ

ଆନନ୍ଦପୁର, ୧୮।୧୦ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଅଗ୍ରଣୀ ଅନୁଷ୍ଠାନ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ପଦକ୍ଷେପ ଗ୍ରହଣ କରିଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଦ୍ୟାଳୟରେ



ସଫଳତା ଅର୍ଜନ ପରେ ଏବେ ସ୍ୱାସ୍ଥ୍ୟକ୍ଷେତ୍ରରେ ସେବା ଯୋଗାଇବାକୁ ଏହି ଅନୁଷ୍ଠାନ ପକ୍ଷରୁ ଚଳିତ ଶିକ୍ଷାବର୍ଷରୁ ବିଏସ୍‌ସି ନର୍ସିଂ ଶିକ୍ଷାଦାନ ପାଇଁ ସରକାର ଅନୁମତି ଦେଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବେଶ୍ ସୁଦୃଢ଼ ରହିଛି। ସରକାର ବିଏସ୍‌ସି ନର୍ସିଂ ପାଇଁ ୬୦ ଜଣ ବିଦ୍ୟାର୍ଥୀ ପଢ଼ିବାର ଅନୁମତି ଦେଇଛନ୍ତି। ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ପରମାନନ୍ଦ ଗ୍ରୁପ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଶିକ୍ଷାନୁଷ୍ଠାନ ହରିହର ଇନଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନ୍ସ ରଖାଯାଇଛି। ଅତ୍ୟାଧୁନିକ ଭିତ୍ତିଭୂମିରେ ଶିକ୍ଷାଦାନ ବ୍ୟବସ୍ଥା ସହ ପ୍ରଶିକ୍ଷକଙ୍କ ଦ୍ୱାରା ଏହି ଅନୁଷ୍ଠାନ ପରିଚାଳିତ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ିବାକୁ ଆଗ୍ରହ ପ୍ରକାଶ ପାଇଛି। ଏହାସହିତ ଜିଏନ୍‌ଏମ୍ ଏବଂ ବି ଫାର୍ମ ଖୋଲିବା ପାଇଁ ଆବେଦନ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଆଗକୁ ୧୦୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହସ୍ପିଟାଲ ଖୋଲିବାକୁ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ପଦକ୍ଷପ ନେଉଥିବା ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ କୁମାର ସାହୁ ସୂଚନା ଦେଇଛନ୍ତି।

## ଦୁର୍ଗାଦେଇପୁରରୁ ବାଲି ଚୋରି

ଡୁରୁମୁଙ୍ଗା, ୧୮।୧୦(ସମିସ): ପାଟଣା ତହସିଲ ଅଧୀନ ବୈତରଣୀ ନଦୀର ଦୁର୍ଗାଦେଇପୁର ବାଲିଘାଟରୁ ବାଲି ଚୋରି କାରାଯାଇ ଚାଲାଣ କରାଯାଉଥିବା ନେଇ ଖଣି ଲିଜଧାରୀ ସଂଗ୍ରାମ କେଶରୀ ଲେଙ୍କା ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଲିଜଧାରୀ ସଂଗ୍ରାମ ଲେଙ୍କା ଏହି ଘାଟକୁ ଲିଜ ଆକାରରେ ନେଇଥିବା ବେଳେ ଦିନରାତି ଏଠାରୁ ଟ୍ରାକ୍ଟର ଯୋଗେ ବାଲି ଚୋରାଇ ନେଉଛନ୍ତି।



ଅଭିଯୋଗ ପରେ ପାଟଣା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବାଲି ଘାଟରେ ଚଢ଼ଉ କରିଥିଲେ ହେଁ କୌଣସି ଗାଡି ଜବତ କରି ନଥିବା ବେଳେ ଆଗକୁ ଚଢ଼ଉ ଜାରି ରହିବ ବୋଲି ପାଟଣା ଥାନାଧିକାରୀ ମାନସ ମହାକୁଳ କହିଛନ୍ତି।

### ଦୀପାବଳିଯୋଗୁଁ ହରିଚନ୍ଦନପୁର ଅଭିଯୋଗ ଶୁଣାଣି ସ୍ଥଗିତ

କେନ୍ଦୁଝର, ୧୮।୧୦(ସମିସ): ଦୀପାବଳି ଅବସରରେ ସରକାରୀ ଛୁଟି ଘୋଷଣା ପରେ ୨୦ ଅକ୍ଟୋବର, ୨୦୨୫ (ସୋମବାର)ରେ ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ସାଧାରଣ ଅଭିଯୋଗ ଶୁଣାଣି ସ୍ଥଗିତ ରଖାଯାଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ସମସ୍ତ ସରକାରୀ କାର୍ଯ୍ୟାଳୟ ଅକ୍ଟୋବର ୨୦ ତାରିଖରେ ବନ୍ଦ ରହିବ। ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ପାଇଁ ପରବର୍ତ୍ତୀ ତାରିଖ ନିର୍ଦ୍ଧାରିତ ସମୟରେ ସୂଚିତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜବତ ଦୁଇଚକିଆ ଯାନ ହସ୍ତାନ୍ତର ମେଳା ଓ ସଚେତନତା

ଯୋଡ଼ା/ଚମ୍ପୁଆ/ବାଲିବନ୍ଧ/ବଡ଼ବିଲ/ଡୁରୁମୁଙ୍ଗା, ୧୮।୧୦ (ସମିସ): କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ଶନିବାର ଜିଲ୍ଲାବ୍ୟାପୀ ସମସ୍ତ ଥାନାରେ ଜବତ ତଥା ଥାନା ମାଲଗୋଦାମରେ ପଡ଼ି ରହିଥିବା ଦୁଇଚକିଆ ଗାଡ଼ିଗୁଡ଼ିକୁ ସମ୍ପୃକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଉପଯୁକ୍ତ ଗାଡ଼ି ମାଲିକଙ୍କ ଉପସ୍ଥିତିରେ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇ ଏହି ଜବତ ଯାନ ଓ ମୋବାଇଲ ଫୋନ୍ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଯୋଡା ଥାନାରେ ୧୩ଟି ଦୁଇଚକିଆ ଯାନ ସେମାନଙ୍କ ଆଇନଗତ ମାଲିକଙ୍କୁ ଶୁକ୍ରବାର ହସ୍ତାନ୍ତର ହୋଇଥିଲା। ଚୋରି, ନିଖୋଜ ତଥା ସାମାନ୍ୟ ଅପରାଧ ହେତୁ ଜବତ ହୋଇଥିବା ଏହି ଦୁଇଚକିଆ ଯାନଗୁଡିକୁ ସେମାନଙ୍କ ଯୋଗ୍ୟ ମାଲିକଙ୍କୁ ଫେରାଇ ଦିଆଯାଇଛି। ଏଥିପାଇଁ ମାଲିକଙ୍କଠାରୁ କୌଣସି ଜରିମାନା ଆଦାୟ କରାଯାଇ ନ ଥିବା ଜଣାପଡିଛି। ଯୋଡା ଥାନା ଆଇଆଇସି ପ୍ରଶାନ୍ତ ସାମଲଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯୋଡ଼ା ଥାନାଗୃହରେ ଏକ ସାଇବର ଅପରାଧର ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବାମେବାରୀ ଥାନାରେ ମଧ ୬ଟି ବାଇକ୍‌କୁ ଯୋଗ୍ୟ ବିବେଚିତ କରି ହସ୍ତାନ୍ତର କରାଯାଇଥିବା ଆଇଆଇସି ଯୋସ କେତନ ଭୋଇ ସୂଚନା ଦେଇଛନ୍ତି।



ସେହିପରି ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପ୍ରାୟ ୧୬ଟି ଗାଡ଼ି ହସ୍ତାନ୍ତର ହୋଇଥିବା ବେଳେ ଗାଡି ମାଲିକମାନେ ଉପଯୁକ୍ତ କାଗଜପତ୍ର ଦେଖାଇ ନେଇଥିଲେ। ଡ୍ରଙ୍କ ଏଣ୍ଡ ଡ୍ରାଇଭ, ଦ୍ରୁତ ଗାଡିଚାଳନା, ଆବଶ୍ୟକ କାଗଜପତ୍ର ନଥାଇ ଗାଡି ଚାଳନା ଆଦି କ୍ଷେତ୍ରରେ ପୁଲିସ ତନଖି ବେଳେ ଗାଡିକୁ ଜବତ କରାଯାଇଥିଲା। ସବଇନସପେକର ହିମାଂଶୁ ପ୍ରଧାନ, ନିତିସ ବେହେରା, ଏଏସଆଇ ଲକ୍ଷ୍ମଣ ମୁର୍ମୁ, ହାବିଲଦାର ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦାଙ୍କ ଉପସ୍ଥିତିରେ ଯାନବାହନଗୁଡିକର ୧୫ ଜଣ ମାଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବା ବେଳେ ୪ ଜଣ ମାଲିକ ଉପସ୍ଥିତ ରହି ଗାଡିଗୁଡିକର ପ୍ରମାଣପତ୍ର ଜମା କରିଥିଲେ। ଅନ୍ୟମାନେ ମଧ ପ୍ରମାଣପାତ୍ର ଥାନାରେ ଜମା କରି ନିଜ ନିଜ ଗାଡ଼ି ନେଇପାରିବେ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସେହିକ୍ରମରେ ବଡ଼ବିଲ ଥାନା ପରିସରରେ ବହୁ ଦିନରୁ ଜବତ ହେଇ ପଡିଥିବା ପ୍ରାୟ ୫୧ଟି ଦୁଇ ଚକିଆ ଗାଡିକୁ ତାଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟମାନେ ମଧ ଉପଯୁକ୍ତ ପ୍ରମାଣ ଦେଇ ନିଜର ଗାଡି ଫେରସ୍ତ ନେଇପାରିବେ ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ ସୂଚନା ଦେବା ସହ ଆଗାମୀ ଦିନରେ ଚୋରି ହୋଇଥିବା ମୋବାଇଲ ଫୋନଗୁଡିକ ମଧ ପ୍ରକୃତ ମାଲିକ ମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି। ବଡ଼ବିଲ ଥାନାଧିକାରୀ ଅଶୋକ ନାୟକ, ପ୍ରଭାତ ସାହୁ ଓ ଦେବାଶିଷ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

ପାଟଣା ଥାନାରେ ଦୁର୍ଘଟଣା ଓ ବିବିଧ ମାମଲାରେ ଜବତ ହୋଇ ପଡିରହିଥିବା ବାଇକ୍ ମଧ୍ୟରୁ ୮ଟି ବାଇକକୁ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାଧିକାରୀ ମାନସ କୁମାର ମହକୁଳ ଏସଆଇ ଲକ୍ଷ୍ମଣ ମାଝୀ, ଏଏସଆଇ ଧନେଶ୍ୱର ପାତ୍ର, ଗୌରହରି ଗର୍ଡିଆ ପ୍ରମୁଖ ସାମିଲ ହୋଇଥିଲେ। ଡୁରୁମଙ୍ଗା ଥାନାରେ ଗୋଟିଏ ମାତ୍ର ବାଇକ ମାଲିକଙ୍କୁ ହସ୍ତାନ୍ତର ହୋଇଥିବା ବେଳେ ଅନ୍ୟ ଗାଡ଼ି ସବୁ ପର୍ଯ୍ୟାୟକ୍ରମେ ମାଲିକଙ୍କୁ ହସ୍ତାନ୍ତର ହେବ ବୋଲି ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି। ସେହିଭଳି ସାଇବର କ୍ରାଇମ୍ ଉପରେ ସଚେତନତା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକଙ୍କ ସହ ଭିଡିଓ ଆଭାସି କନଫ୍ରେନ୍ସରେ ଯୋଡ଼ି ହୋଇ ସଚେତନତା କରିଥିଲେ। ମାର୍କେଟ କମିଟି ତରଫରୁ ସଭାପତି ବୁଲୁ ଭଞ୍ଜ, ସମ୍ପାଦକ ଅଜୟ ବେହେରା, ସାମାଜିକ କର୍ମୀ ଅଜୟ ଦାଶ, ଯତୀନ୍ଦ୍ର ଦାଶ, ଦିନବନ୍ଧୁ ମିଶ୍ର, ଦକ୍ଷପ୍ରସାଦ ଦାଶ, ଅୟସକାନ୍ତ ନାୟକ, ପ୍ରଦୀପ ବେହେରା, ଅଜୟ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଟୋଲଙ୍କପଡ଼ାରେ କ୍ଲଷ୍ଟରସ୍ତରୀୟ 'ସୁରଭି'



ବେଲବାହାଲି, ୧୮।୧୦(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଆନନ୍ଦପୁର ବିଇଓ ହରିହର ଦଳାଇ ଯୋଗଦେଇଥିବା ବେଳେ ସଭାକୁ ଟୋଲଙ୍କପଡା ୟୁଜିୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଜେନା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଇଓ ଶରତ ରାଉତ, ଟୋଲଙ୍କପଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ସାହୁ, କଣ୍ଡୁଳାଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କମଳ ଲୋଚନ ସାହୁ, ହରିଡାପାଳ କ୍ଲଷ୍ଟର ସିଆରସିସି ପ୍ରଦୀପ ରାଉତ ଯୋଗ ଦେଇଥିଲେ। ଅପରାହ୍ନରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ମିନତି ମହାରଣା, ସମ୍ମାନିତ ଅତିଥି ଭାବରେ ଏବିଓ ହେମେନ୍ଦ୍ର ମହାନ୍ତି, ଏସଏମସି ଅଧ୍ୟକ୍ଷ ବୈଲୋଚନ ମହାରଣା ଯୋଗଦେଇଥିଲେ। ଶିକ୍ଷକ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଗାଇଡ ଶିକ୍ଷକମାନେ ସହଯୋଗ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲାକୁ ସୁନା ଦରରେ ବାଲି ଚାଲାଣ ଅଭିଯୋଗ

# ବାଲି ଲୁଟ୍ ଘଟଣାରେ ଗ୍ରାମବାସୀଙ୍କ ଧାରଣା ସ୍ଥଗିତ

ଆନନ୍ଦପୁର, ୧୮।୧୦ (ସମିସ):



ଲିଜ ନଥିବା ସ୍ଥାନରୁ ବାଲି ଲୁଟ୍ ହେଉଥିବା ଘଟଣାର ତଦନ୍ତ ଦାବିରେ ଗତ ୨ ଦିନ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାକୁ ଆଜି ଦିନ ୩ଟାରେ ଆଲୋଚନା ପରେ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ହାଟଡିହି ତହସିଲ ଅଧୀନ ହାବଳେଶ୍ୱର, ଡିମିରିଆ, ଜମ୍ବରା, କରଗୋଳାରୁ ବେଆଇନ ଭାବେ ବାଲି ଲୁଟ୍ ହେଉଛି। ସେହିପରି ଆନନ୍ଦପୁର ତହସିଲ ଅଧୀନ କୁମଡ, ବୁଢ଼ୀକୁଦ, ବେଲବାହାଳି, ଟୋଲଙ୍କପଡ଼ା, ଭାଟିଶିରାରୁ ବାଲି ଲୁଟ୍ ହୋଇ ମୟୂରଭଞ୍ଜ ଜିଲ୍ଲାରେ ସୁନା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଘଷିପୁରା ତହସିଲ ଅଧୀନ ରେମାଳ, ଖାଇଲୋ, କାଠପାଳ, ମଙ୍ଗଳପୁର, କେଶଦୁରାପାଳ ବୀରଗୋବିନ୍ଦପୁର ଆଦି ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ବନ୍ଦ ପାଇଁ ଯଜ୍ଞ ପ୍ରସାଦ ସାହୁ ଦାବି କରିଛନ୍ତି। କରଗୋଳାରେ ଚାଲିଥିବା ବାଲି ଲୁଟ୍ ସମ୍ପର୍କରେ ପ୍ରଶାସନ ଅବଗତ ଥିବା କହିଛନ୍ତି ବିଭାଗୀୟ ଅଧିକାରୀ। ମାଫିଆଙ୍କ ଦ୍ୱାରା ନଦୀ ଘାଟକୁ ନିର୍ମାଣ କରାଯାଇଥିବା ରାସ୍ତାକୁ ଆଜି ପ୍ରଶାସନ ଟ୍ରେଞ୍ଚ ଖୋଳି ବନ୍ଦ କରିଛି। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିକୋଣରୁ ଗ୍ରାମରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବାଲି ଚୋରି ଓ ଲୁଟ୍ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କରେ ପ୍ରତିଶ୍ରୁତି ଦେବା ପରେ ଆଜି ଧାରଣା ପ୍ରତ୍ୟାହୃତ ହୋଇଛି। ଗ୍ରାମରେ ଉପଖଣ୍ଡ ପୁଲିସ ଅଧିକାରୀ, ଖଣି ଅଧିକାରୀ, ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଘଟଣା ସଂପର୍କରେ ଆଲୋଚନା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କରଗୋଳା ଗ୍ରାମରେ ଉତ୍ତେଜନା ଲାଗି ରହିଛି। ବାଲି ମାଫିଆ ଓ ଗ୍ରାମବାସୀ ହାତାହାତି ସ୍ଥିତିରେ ଥିବା ସୂଚନା ମିଳିଛି।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଲୋକାର୍ପିତ



ତୁରୁମୁଙ୍ଗା, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଝାରବେଡା ସାହୁ ମାର୍କେଟ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଉଦ୍‌ଘାଟିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମାଗଣା ବିଜୁଳି ଯୋଜନାରେ ଉପଭକ୍ତା ନିଜ ଛାତ ଉପରେ ସୋଲାର ପ୍ଲେଟ୍ ଲଗାଇ ମାଗଣା ବିଦ୍ୟୁତ ଜଳାଇବା ସହ ବଳକା ବିଜୁଳି ବିକ୍ରି କରିପାରିବେ ବୋଲି ବିଧାୟକ ଶ୍ରୀ ନାଏକ କହିଥିଲେ। ଏଥିପ୍ରତି ସରକାର ପିଏମ୍ ସୂର୍ଯ୍ୟଘର ପ୍ରଧାନମନ୍ତ୍ରୀ ମାଗଣା ବିଜୁଳି ଯୋଜନାରେ ଉପୋଭକ୍ତାଙ୍କୁ ସବସିଡି ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରପାଇଟର ହୃଷିକେଶ ସାହୁ, ଝିଲିଶ୍ରୀ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

## ଝୁମ୍ପୁରା ଉଚ୍ଚବିଦ୍ୟାଳୟରେ ବହୁମୁଖୀ ହଲ୍ ଉଦ୍‌ଘାଟିତ



ଝୁମ୍ପୁରା, ୧୮।୧୦(ସମିସ): ଗତ ୧୬ ତାରିଖ ଝୁମ୍ପୁରା ଉଚ୍ଚବିଦ୍ୟାଳୟର ବହୁମୁଖୀ କାର୍ଯ୍ୟ ହଲର ଉଦଘାଟନ ହୋଇଯାଇଛି। ଏଥିସହ ବିଜ୍ଞାନାଗାରର ସଂପ୍ରସାରଣ ମଧ ଉଦଘାଟିତ ହୋଇଛି। ଫରିଦାବାଦ ଦିଲ୍ଲୀସ୍ଥିତ ଶାହୀ ଏକସପୋର୍ଟ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହକ୍ରମେ ନିର୍ମାଣ କରାଯାଇଛି। ଏହି ବିକାଶମୂଳକ କାର୍ଯ୍ୟ ଉକ୍ତ ସଂସ୍ଥାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ। ବିଦ୍ୟାଳୟ ପାଠ୍ୟକ୍ରମ ଅନ୍ତର୍ଗତ ୮୦ଟି ବିଜ୍ଞାନଭିତ୍ତିକ ମଡେଲ ଓ ପ୍ରକଳ୍ପ ତଥା ୫୦ଟି ଚେୟାର ବିଦ୍ୟାଳୟକୁ ପ୍ରଦାନ କରିଛି। ଶାହୀ ଏକସପୋର୍ଟର ଉପସଭାପତି ଦୀପକ ରାଉତେଲା ବିଦ୍ୟାଳୟକୁ ଅର୍ପଣ କରିଥିଲେ। ଏହି ଉତ୍ସବରେ ଶାହୀ ତରଫରୁ ଓଡିଶା ଏଜିଏମ୍ ଜ୍ୟୋତ୍ସ୍ନା ମହାନ୍ତି, ଏଚଆର ସୁଶାନ୍ତ ଜେନା, ମୁଖ୍ୟ ରବୀନ ରବି ତଥା ନିର୍ମାଣକାରୀ ସଂସ୍ଥା ସରୋଜ କୁମାର ଓଡିଶୀ ଇଞ୍ଜିନିୟରଂ ମୁଖ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିବାବେଳେ ବ୍ଲକ ଶିକ୍ଷାକାରୀ ଭଗବାନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହଶିକ୍ଷାକାରୀ ମୁକୁନ୍ଦ ଚରଣ ସାହୁ, ରାଇକଳା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋଚନ ମହାନ୍ତ, ଅର୍ଶଳା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ତରଣୀସେନ ମହାନ୍ତ, ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ବଗେଲ କୁମାର ବ୍ରହ୍ମ, ହମିଦୁଲା ଆନସାରୀ ଓ ଅନ୍ୟମାନେ ସହଯୋଗ ଦେଇଥିଲେ। ଶିକ୍ଷକଶିକ୍ଷୟିତ୍ରୀ ମୋହନ ମାଝୀ, ରଞ୍ଜିତା ପ୍ରଧାନ, ପୁଷ୍ପଲତା ପଣ୍ଡା, ସାହେଦା ଖାତୁନ, ହେମନ୍ତ ନାଏକ, କବିତା ବେହେରା, ପୁଷ୍ପାଞ୍ଜଳି ନାୟକ, ଅମିତା ମହାପାତ୍ର, ଦେବଯାନୀ ମିଶ୍ର ପରିଚାଳନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମୁକ୍ତେଶ୍ୱର ମିଶ୍ର ଓ ପୀତବାସ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ଦେଶୀ ମଦ ଓ ମହୁଲ ପୋଚ ଜବତ; ୨ ଗିରଫ

ବାରିପଦା,୧୮।୧୦(ସମିସ): ଦେଶୀ ମଦ ଓ ମହୁଲ ପୋଚ ଜବତ କରାଯାଇଥିବା ବେଳେ ମାମଲାରେ ୨ଜଣ ଗିରଫ ହୋଇଛନ୍ତି। ଡ୍ରଗସ କଣ୍ଟ୍ରୋଲର ବିଭାଗ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ବାରିପଦା ଅବକାରୀ ଉପଅଧିକ୍ଷକ ତପସ୍ୱିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାର୍ଡ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡି ଏବଂ ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ ଦ୍ୱାରା ସଦର ଥାନା ଅଧୀନ ମହୁଲିଆ ଓ ପୋଡ଼ାଅସ୍ତିଆ ଏବଂ କୁଳିଅଣା ଥାନା ଅନ୍ତର୍ଗତ ଝିନେଇ ଗ୍ରାମାଞ୍ଚଳରେ ଚଢ଼ଉ କରାଯାଇଥିଲା। ୯୦୩ ଲିଟର ଦେଶୀ ରନ୍ଧା ମଦ ଓ ୧୦,୧୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ପୋଡ଼ାଅସ୍ତିଆ ଗ୍ରାମର ପୂଜା ସିଂ ଓ ଝୁନି ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୬ ଲକ୍ଷ ୯୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏନେଇ ବାରିପଦା ସଦର ଅବକାରୀ ଥାନା ପକ୍ଷରୁ ୪ ଗୋଟି ପୃଥକ ମାମଲା ରୁଜୁ କରାଯାଇଛି।

## ମଦ ଜବତ; ୨ ମହିଳା ଗିରଫ

କୁଆମରା,୧୮।୧୦(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ୨ ମହିଳାଙ୍କୁ ଗିରଫ କରିବାସହ ସେମାନଙ୍କ ଠାରୁ ମୋଟ ୩୭ ଲିଟର ଦେଶୀ ମଦ ଜବତ କରିଛି। ଥାନା ଅନ୍ତର୍ଗତ ଚୁନଡିହା ଗ୍ରାମର ସୁମତି ବେହେରା (୨୫)ଙ୍କ ଠାରୁ ୧୯ ଲିଟର ଓ ସୁଭାଷିନୀ ବେହେରା (୨୧)ଙ୍କ ଠାରୁ ୧୮ ଲିଟର ଦେଶୀ ମଦ ଜବତ ହୋଇଛି। ଉଭୟଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହେବା ସହ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଥାନା ଓ ଆଇସି ମମତା ଦାସଙ୍କ ନେତୃତ୍ୱରେ କୃଷ୍ଣ ଚନ୍ଦ୍ର ସେଠୀ, ଗୌତମ ମହାନ୍ତ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

## ଜନନାୟକ କେଲାବାବୁଙ୍କ ପାଇଁ ସିଭିଲ ସୋସାଇଟିର ଶୋକ



ବେତନଟୀ,୧୮।୧୦(ସମିସ): ବିଶିଷ୍ଟ ଜନନାୟକ, ସମାଜସେବୀ ତଥା ରାଜନେତା କୈଳାଶ ଚନ୍ଦ୍ର ଅଗ୍ରୱାଲା(କେଲା ବାବୁ)ଙ୍କର ଗତ ୧୩ ତାରିଖ ଦିନ ପରଲୋକ ଘଟିଛି। ତାଙ୍କ ଉଦ୍ଦେଶ୍ୟରେ ବେତନଟୀ ସିଭିଲ ସୋସାଇଟି ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଶୋକସଭାରେ ଯୁଗ୍ମ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ର ଏକ ମିନିଟର ଶୋକପ୍ରସ୍ତାବ ଆଗତ କରିଥିଲେ। ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମେତ ଉପସଭାପତି ଅରୁଣ କୁମାର ଓଡା, ଉପଦେଷ୍ଟା ବାସୁଦେବ ନାପିତ ଓ ବିଜୟ କୁମାର ଦ୍ୱିବେଦୀ, କୋଷାଧ୍ୟକ୍ଷ ହରେନ୍ଦ୍ରନାଥ ବାରିକ, ସହ ସମ୍ପାଦକ ରବୀନ୍ଦ୍ରନାଥ ଖଟୁଆ, କମଳଲୋଚନ ମହାପାତ୍ର, କା: କମିଟିସଭ୍ୟ ସହଦେବ ଗିରି, ରବୀନ୍ଦ୍ରନାଥ ପ୍ରଧାନ, ବାସନ୍ତୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତିକାନ୍ତ ବେହେରା, ଶ୍ରୀକୃଷ୍ଣ ମହାନ୍ତ, କମଳ ଲୋଚନ କର ଓ ସୁଭାଷ ସାହୁ ଆଦି ଯୋଗଦାନ କରିଥିଲେ।

## ଔଷଧ ଦୋକାନରେ ଡ୍ରଗସ୍ କଣ୍ଟ୍ରୋଲର ବିଭାଗ ପକ୍ଷରୁ ଚଢ଼ଉ



କରଞ୍ଜିଆ,୧୮।୧୦(ସମିସ): ଡ୍ରଗସ କଣ୍ଟ୍ରୋଲର ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ କରଞ୍ଜିଆ ଥାନାଞ୍ଚଳରେ ଥିବା ଔଷଧ ଦୋକାନ ଉପରେ ଚଢ଼ଉ। କିଛିଦିନ ପୂର୍ବେ ମଧ୍ୟପ୍ରଦେଶରେ କଫ୍ ସିରପ ଖାଇ କିଛି ଶିଶୁ ମୃତ୍ୟୁବରଣ କରିଥିଲେ। ଏହାର ପ୍ରତିଷେଧକ ପାଇଁ ଓଡ଼ିଶା ସରକାର ଆଗୁଆ ସତର୍କ ରହିବାକୁ ଓଡ଼ିଶାର ଔଷଧ ଦୋକାନଗୁଡ଼ିକରେ ଚଢ଼ଉ କରି ନମୁନା ସଂଗ୍ରହ କରୁଛନ୍ତି। ସେଇ ଆଧାରରେ ଆଜି କରଞ୍ଜିଆରେ ସହକାରୀ ଭେଷଜ ନିୟନ୍ତ୍ରକ ରୁଦ୍ର ନାରାୟଣ ସାହୁଙ୍କ ନେତୃତ୍ୱରେ ଭେଷଜ ନିରୀକ୍ଷକ ପ୍ରଦୀପ କୁମାର ସାହୁ ଔଷଧ ଦୋକାନଗୁଡ଼ିକରେ ଯାଞ୍ଚ କରିଥିଲେ। କରଞ୍ଜିଆର ରାଜେଶ ମେଡ଼ିକାଲ ଷ୍ଟୋର, ମା' ତାରିଣୀ ମେଡିସିନ ଷ୍ଟୋର, ମାଟ କିଚକେଶ୍ୱରି ମେଡିସିନ ଓ ଭାରୁକା ମେଡ଼ିକାଲରେ ଏହି ଟିମ୍ ଚଢ଼ଉ କରିବା ସହିତ ଔଷଧ ଯାଞ୍ଚ କରିଥିଲେ। ପ୍ରକାଶ ଥାଉକି ଏହି କଫସିରପ୍ ଓଡ଼ିଶାରେ ବିତରଣ କରିନଥିଲେ ମଧ ଯାଞ୍ଚ ପ୍ରକ୍ରିୟା ଚାଲୁ ରଖିଛନ୍ତି। କରଞ୍ଜିଆରେ ଯାଞ୍ଚ କରିବା ସମୟରେ ସମସ୍ତ ଦୋକାନୀ ସହଯୋଗ କରିଥିଲେ। କରଞ୍ଜିଆରେ ଯାଞ୍ଚ କରିବା ସହିତ କିଛି ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପରୀକ୍ଷା ନିମନ୍ତେ ପଠାଯିବ ବୋଲି ଭେଷଜ ନିୟନ୍ତ୍ରକ ଶ୍ରୀ ସାହୁ ସୂଚନା ଦେଉଛନ୍ତି।

## ପୃଥକ ଦୁଷ୍କର୍ମ ମାମଲା; ୨ କୋର୍ଟଚାଲାଣ

ବଡ଼ସାହି,୧୮।୧୦(ସମିସ): ଥାନା ଅଞ୍ଚଳରେ ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିବା ଓ ଅନ୍ୟ ଏକ ମାମଲାରେ ଜନୈକା ୧୩ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ଘରେ ପଶି ଦୁଷ୍କର୍ମ କରିବା ଅଭିଯୋଗରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ପୀଡ଼ିତା ଓ ଅଭିଯୁକ୍ତ ଦ୍ୱୟଙ୍କୁ ଡାକ୍ତରୀମାଇନା ପରେ ୨ ଦୁଷ୍କର୍ମୀଙ୍କୁ କୋର୍ଟଚାଲାଣ କରାଯାଇଛି। ଏତଲାକାରିଣୀ ଯୁବତୀଙ୍କ ଅଭିଯୋଗ ମୁତାବକ ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା କଟାବିଲା ଗ୍ରାମର ଦାଖୀନ ମୁର୍ମୁ(୩୪) ତାଳଚେର ଠାରେ ଇଞ୍ଜିନିୟର ଭାବରେ ଚାକିରୀ କରୁଥିବା ବେଳେ ବଡ଼ସାହି ଥାନା ଇଲାକାର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଳଚେରସ୍ଥିତ ସରକାରୀ କ୍ୱାର୍ଟର ସମେତ ବାରିପଦା ଏବଂ ବଡ଼ସାହି ଅଞ୍ଚଳର ବିଭିନ୍ନ ସ୍ଥାନ ତଥା ପୀଡ଼ିତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ବାରମ୍ବାର ଦୁଷ୍କର୍ମ କରିଆସୁଥିଲା। ବିବାହ ପାଇଁ ପୀଡ଼ିତା ଜିଦ୍ ଧରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ ସାଙ୍ଗକୁ ଧମକ ଚମକ ଦେଇଥିଲା। ସେହିପରି ବଡ଼ସାହି ଥାନା ଅଞ୍ଚଳରେ କଥା କହିପାରୁନଥିବା ଜନୈକା ୧୩ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ସେହି ଗ୍ରାମର ଚନ୍ଦନ ନାଏକ(୨୮) ଘରେ ପଶି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତାଙ୍କ ମାଆଙ୍କ ଏତଲାକ୍ରମେ ଅନ୍ୟ ଏକ ମାମଲା ରୁଜୁ ହୋଇଛି।

## ଯୋଗାଣ ସହାୟକଙ୍କ ବିରୋଧରେ ଓଜନରେ ଠକେଇ ଅଭିଯୋଗ

ବହଳଦା,୧୮।୧୦(ସମିସ):



ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅଧୀନ ବଡ଼ପଳସା ପଞ୍ଚାୟତରେ ହିତାଧିକାରୀଙ୍କୁ ଠକେଇ କରି କମ୍ ଓଜନର ଚାଉଳ ବଣ୍ଟନ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ହିତାଧିକାରୀଙ୍କ ପକ୍ଷରୁ ସରପଞ୍ଚଙ୍କ ଓ ପିଇଓଙ୍କୁ ଅଭିଯୋଗ କରାଯାଇଛି। ସୂଚନାନୁଯାୟୀ, ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବାଗେଡିହି ଗ୍ରାମର ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଛି। ହେଲେ ଓଜନକଣ୍ଟାରେ ଠକେଇ କରାଯାଇ କମ୍ ଓଜନର ଚାଉଳ ପ୍ରଦାନ କରାଯାଉଥିବା ଅଭିଯୋଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଉଳ ବଣ୍ଟନସ୍ଥଳରେ ଦୁଇଟି ଓଜନ କଣ୍ଟା ରହିଥିବା ବେଳେ ଗୋଟିଏରେ ସଠିକ ଓ ଅନ୍ୟଟିରେ କମ୍ ଓଜନ ପ୍ରଦର୍ଶିତ ହେଉଥିବା ଦେଖି ହିତାଧିକାରୀମାନେ ପ୍ରତିବାଦ କରି ପାଟିତୁଣ୍ଡ କରିଥିଲେ। ପରେ ବଡପଳସା ସରପଞ୍ଚ ଗୀତାରାଣୀ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ଯୋଗାଣ ସହାୟକ ରାଜେନ୍ଦ୍ର ମଣ୍ଡଳଙ୍କୁ ଏବିଷୟରେ ପଚାରି ବୁଝିବାରୁ ଓଜନକଣ୍ଟା ଦ୍ୱୟରେ ତ୍ରୁଟି ରହିଥିବା ପ୍ରକାଶ କରିଥିଲେ। ଏନେଇ ଯୋଗାଣ ବିଭାଗକୁ ସୂଚନା ଦେଇଥିବା ନେଇ ଜଣାଇଥିଲେ। ତେବେ ଓଜନ କଣ୍ଟାରେ ଯଦି କୌଣସି ତ୍ରୁଟି ରହିଛି ତାହେଲେ ତାହାକୁ ମରାମତି କରାନଯାଇ କାହିଁକି ଚାଉଳ ପ୍ରଦାନ କରାଯାଉଛି ବୋଲି କହିବା ସହିତ ଘଟଣାର ଯାଞ୍ଚ କରାଯିବା ଏବଂ ଓଜନ କଣ୍ଟା ଦ୍ୱୟର ମରାମତି ପରେ ଚାଉଳ ବଣ୍ଟନ କରାଯିବାକୁ କହି ଗୋଦାମ ଗୃହରେ ତାଲା ମାରିବାକୁ ନିର୍ଦ୍ଦେଶ ଦେଇଥିଲେ ସରପଞ୍ଚ। ଦୁଇଟି ଓଜନ କଣ୍ଟା ମଧ୍ୟରେ ୫୦ କିଲୋ ଓଜନରେ ପାଖାପାଖି ୧ କିଲୋ କମ୍ ରହୁଥିବା ନେଇ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରାଯିବା ସହିତ ଯୋଗାଣ ଅଧିକାରୀ ଓ ବିଡିଓଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି। ଏସବୁ ଅଭିଯୋଗ ଭିତ୍ତିହୀନ ଏବଂ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ଜଣା ପଡିବ ବୋଲି ଯୋଗାଣ ସହାୟକ ପ୍ରକାଶ କରିଛନ୍ତି।

## ବାଇକ୍ ଚାଳକ ଉପରେ ଚଢ଼ିଗଲା ହାଇୱା

ବାଲିବନ୍ଧ, ୧୮।୧୦(ସମିସ): ୨୦ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ଥାନାଞ୍ଚଳ ବାଲିବନ୍ଧ ହାଇସ୍କୁଲ ସମ୍ମୁଖରେ ଶନିବାର ଘଟିଛି ସଡକ ଦୁର୍ଘଟଣା। ବାଇକ ଉପରେ ହାଇୱା ଗାଡି ଚଢି ଯାଇଥିଲା। ଫଳରେ ବାଇକ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ଜଣକ ଝୁମ୍ପୁରା ଥାନା ଝୁମ୍ପୁରା ଗ୍ରାମର ଫକୀର ନାଏକଙ୍କ ପୁଅ ଆନନ୍ଦ ନାଏକ (୨୫ବର୍ଷ)। ବାଇକରେ ଥିବା ଅନ୍ୟ ଦୁଇ ଜଣକ ମଧ୍ୟରୁ ଭାଲୁକା ଗ୍ରାମର ପ୍ରକାଶ ପ୍ରଧାନ (୨୧)ଙ୍କ ଅଣ୍ଟାରେ ଆଘାତ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦ ନମ୍ବର ଜାତୀୟ ରାଜପଥ ଦେଇ ଏକ ବାଇକ ଯୋଗେ ଆନନ୍ଦ, ବିକାଶ ଏବଂ ପ୍ରକାଶ ମିଶି ଫୁଟବଲ ଖେଳ ଦେଖିବା ପାଇଁ ଝୁମ୍ପୁରାରୁ ରଜିଆ ଗ୍ରାମକୁ ଯାଉଥିଲେ। ତାଙ୍କ ପଛେ ପଛେ ଓଡି ୦୮ ଏକ୍ସ ୮୮୧୪ବିଶିଷ୍ଟ ଏକ ହାଇୱା ଗାଡି ଦ୍ରୁତ ଗତିରେ ଯାଇ ବାଲିବନ୍ଧ ହାଇସ୍କୁଲ ସମ୍ମୁଖ ଛକ ନିକଟରେ ହଠାତ ଡାହାଣ ପାର୍ଶ୍ୱକୁ କାଟି ଦେଇଥିଲେ। ଫଳରେ ବାଇକ ଉପରେ ହାଇୱା ଗାଡି ଚଢି ଯାଇଥିଲା। ବାଇକ ଚାଳକ ଆନନ୍ଦଙ୍କ ଗୋଡ଼ ଉପରେ ହାଇୱା ଗାଡି ଚଢି ଯାଇ କିଛି ସମୟ ଛିଡ଼ା ହୋଇ ରହିଥିଲା। ବିକାଶ ଏବଂ ପ୍ରକାଶ ଛିଡ଼ିକି ପଡି ଆହତ ହୋଇଥିଲେ। ଝୁମ୍ପୁରା ପୁଲିସ ଗୁରୁତରମାନଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲା। ହାଇୱା ଗାଡି ଚାଳକ ଫେରାର ହୋଇ ଯାଇଥିବା ବେଳେ ଗାଡ଼ିକୁ ଜବତ କରିଛି ପୁଲିସ।

## ଲକ୍ଷାଧିକ ଟଙ୍କାର ଚୋରା କାଠ ଜବତ



ଆନନ୍ଦପୁର, ୧୮।୧୦ (ସମିସ): କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡର ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ ଅନୁସାରେ ଭଗାମୁଣ୍ଡା ସେକ୍ସନର କୁମୁଳବହାଲି ଗ୍ରାମରେ ସନ୍ଧ୍ୟା ସମୟରେ ଚଢ଼ଉ କରାଯାଇ ଚୋରା ଚାଲାଣ ପାଇଁ ଥିବା ଶାଳଗଣ୍ଡି ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜବତ ହୋଇଛି। ଭଗାମୁଣ୍ଡା ବନପାଳ ଧିରେନ୍ଦ୍ର ପାତ୍ର, ଦେଓଗାଁ ବନପାଳ ମଙ୍ଗୁଳି ସା, ଶଗଡ଼ ପଟା ବନରକ୍ଷୀ ମଧୁସୂଦନ ସାହୁ, ଭଗାମୁଣ୍ଡା ବନରକ୍ଷୀ ବନ୍ଦିତା ଦାସ ଓ ସ୍କ୍ୱାଡ ମେମ୍ବର ସାମିଲ ହୋଇଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି।

## ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କୁଆମରା,୧୮।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ ଟିକାୟତପୁର ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ବାର୍ଷିକ କ୍ରୀଡ଼ାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଓ କନିଷ୍ଠ ଉଭୟ ବିଭାଗରୁ ତିନି ଶହ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦୌଡ଼, ସଟପୁଟ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କୁଇଜ ପ୍ରଭୃତି ୨୫ ଟି ବିଭାଗ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗରୁ ପୁଷ୍ପଲତା ବେସ୍ରା ଓ କନିଷ୍ଠ ବିଭାଗରୁ ରୂପସୀ ସିଂ ଚଳିତ ବର୍ଷ ଚାମ୍ପିଅନ ହୋଇଛନ୍ତି। ଶିକ୍ଷକ ଉତ୍ସବ କୁମାର ସାହୁ, ବାଦଲ କୁମାର ମହାନ୍ତ, ବୁଧିରାମ ସିଂ, ରଞ୍ଜିତ ନାୟକ, ପୁଷ୍ପାଞ୍ଜଳି ସିଂ, ରୀନାରାଣୀ ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ତାଲିମ ଶିବିର



ବାରିପଦା,୧୮।୧୦(ସମିସ): ଓଡ଼ିଶା ଖଣିଜ ସମ୍ପଦ ବିକାଶ ନିଗମ (ଓମ୍ବାଡିସି) ସହାୟତାରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ -୧ ଆନୁକୂଲ୍ୟରେ କୃଷକମାନଙ୍କ ପାଇଁ ଓ ସେବାଭୁକ୍ତ କର୍ମଚାରୀଙ୍କ ପାଇଁ ୨ଟି ପୃଥକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଘମିତ୍ରା ପଟ୍ଟନାୟକଙ୍କ ପୌରହିତ୍ୟରେ ଓମ୍ବାଡିସି ପକ୍ଷରୁ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ବିଷୟରେ ବିସ୍ତୃତରେ ତାଲିମ ଦିଆଯାଇଅଛି। କର୍ମଶାଳାରେ ମୟୂରଭଞ୍ଜ ଜିଲ୍ଲାର ୨୦ ଜଣ ଆଗ୍ରହୀ ଚାଷୀ ଓ ୨୦ ଜଣ ଆଗ୍ରହୀ ସେବାଭୁକ୍ତ କର୍ମଚାରୀ ଯୋଗଦେଇଥିଲେ। କର୍ମଶାଳାରେ ବାଲେଶ୍ୱର ସ୍ଥିତ 'ବି' କିପିଂ ସୋସାଇଟିର ମାଷ୍ଟର ଟ୍ରେନର ମାନେ ଆସି ପାଠ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଅନ୍ତିମ ଦିନରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କେନ୍ଦ୍ରର ଗୃହବିଜ୍ଞାନୀ ଡଃ ଝୁନିଲତା ଭୂୟାଁ ଓ ଓମ୍ବଡିସିର ସହକାରୀ ପ୍ରବନ୍ଧକ ସିଦ୍ଧାର୍ଥ ସର୍ଦାରଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀଙ୍କ ସହାୟତାରେ ତାଲିମ ଶିବିର ସଫଳ ଭାବେ ଶେଷ ହୋଇଥିଲା।

## ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ରାସଗୋବିନ୍ଦପୁର,୧୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନାରେ ସାଇବର ସୁରକ୍ଷା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସହିତ ସହ କର୍ମୀମାନେ ଉପସ୍ଥିତ ହୋଇ ଭୁବନେଶ୍ୱରରୁ ସିଧାସଳଖ ଭିସି ଯୋଗେ ସଚେତନତା କାର୍ଯ୍ୟକ୍ରମକୁ ଦାୟିତ୍ୱର ସହ ଶ୍ରବଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ସାଇବର ଅପରାଧକୁ ରୋକିବା ନିମନ୍ତେ ସଂପଥ ପାଠ କରିଥିଲେ। ଏଥିରେ ରାସଗୋବିନ୍ଦପୁର ପୁଲିସ ମଧ ଶପଥ ପାଠ କରିଥିଲେ। ଦିନକୁ ଦିନ ସାଇବର ଅପରାଧ ବଢ଼ିଚାଲିଥିବା ବେଳେ ସରକାରଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।



# 'ବାସ୍ତବ'ରେ ବଲିଉଡ୍‌ର ତୁଷାର ବେଦୀ

'ବନସ୍ୱର୍ଣ୍ଣ ଟେଲିଭିଜନ୍' ଦ୍ୱାରା ପ୍ରଯୋଜିତ ତଥା 'ଏଲ୍‌ଟି ପ୍ରଡ଼କସନ୍' ସହଭାଗିତାରେ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାସ୍ତବ' ଅକ୍ଟୋବର ୧୮ରେ ମୁକ୍ତିଲାଭ କରିଛି। ଏହି ସିନେମାଟି ଏକ ସସ୍‌ପେନ୍ସ, ଥ୍ରୀଲ୍‌ର ତଥା ପାରିବାରିକ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର। କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ସଂଳାପ ରଚନା କରିଛନ୍ତି ସଞ୍ଜୟ ମହାକୁଳ। ଏହାର ସହ ପ୍ରଯୋଜନା କରିଛନ୍ତି ନିବେଦିତା ପଟ୍ଟନାୟକ। ଅରୁଣ ମନ୍ତ୍ରୀ, ନିହାର ପ୍ରିୟାଶୀଷ ଏବଂ ବିକୁ ବାବୁ ଗୀତ ରଚନା କରିଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ମୋଣ୍ଟାଜ୍ ଗୀତ ଜ୍ଞାନ ବେହେରା କରିଛନ୍ତି। ହ୍ୟୁମାନ ସାଗର ଏବଂ ଅନ୍ତରୀକ୍ଷା ନାୟକ କଣ୍ଠଦାନ କରିଛନ୍ତି। ସମସ୍ତ ଗୀତର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ତୁଷାର ବେଦୀ, ଅଙ୍କିତା ଦାଶ, ରବି ମିଶ୍ର, ଅଭିଜିତ ଦାଶ, ଭୂପତି ତ୍ରିପାଠୀ, ପ୍ରଭାତୀ ସାହୁ, ଅଭିଷେକ, ଲୁଲୁ ଆଚାର୍ଯ୍ୟ, ମଧୁସ୍ମିତା, ଅମର, ମିଟୁ ମିଥୁନ, ସୋନାଲି, ବିଜୟ, ଆକାଶ, ପୂଜା, ସ୍ମିତା, ମନୋଜ ସାହୁ, ଶକ୍ତି ଏବଂ ସୂର୍ଯ୍ୟ ଭଳି ଅନେକ କଳାକାର ଚଳଚ୍ଚିତ୍ରରେ ନିଜ ଅଭିନୟର ପରାକାଷ୍ଠା ଦେଖାଇଛନ୍ତି। ■

# ବିଜେତା ବିଜଲାନୀ

ଅଶନୀର ଗ୍ରୋଭରଙ୍କ ରିଆଲିଟି ଶୋ' 'ରାଇଜ୍ ଆଣ୍ଡ ଫଲ୍'ର ବିଜେତା ହୋଇଛନ୍ତି ଟେଲିଭିଜିନର ଲୋକପ୍ରିୟ ଅଭିନେତା ଅର୍ଜୁନ ବିଜଲାନି। ୨୮ ଲକ୍ଷ ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୬ରେ ଏହି ଶୋ' ଆରମ୍ଭ ହୋଇଥିଲା। ତେବେ ଏହି ଶୋ'ରେ ସାମିଲ ପ୍ରତିଯୋଗୀ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ଟାସ୍କ ସାମ୍ନା କରିଥିଲେ। ତେବେ ଏହି ଶୋ'ର ଆରମ୍ଭ ଅର୍ଜୁନ କାର୍ଯ୍ୟକର୍ତ୍ତା (ୱାର୍କର) ଭାବେ କରିଥିଲେ। ହେଲେ ଧୀରେ ଧୀରେ ସେ ତାଙ୍କର ରଣନୀତି, ଦୃଢ଼ତା ଏବଂ ନିରନ୍ତରତା ବଳରେ ଶାସକ ଭୂମିକା ପର୍ଯ୍ୟନ୍ତ ଯାତ୍ରା ଜାରି ରଖିଲେ। ପୂରା ସିଜନ୍‌ରେ ସେ ପ୍ରମାଣ କରି ଦେଲେ ଯେ, ସେ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ରଖନ୍ତି। ଶୋ'ରେ ବିଜେତା ହୋଇ ବେଶ୍ ଖୁସି ଥିବା କହିଛନ୍ତି ଅର୍ଜୁନ। କେବଳ ସେତିକି ନୁହେଁ, ଏହି ଶୋ'ର ଯାତ୍ରା ଆଦୌ ସହଜ ନ ଥିବା ସେ କହିଛନ୍ତି। ଏହାସହ ତାଙ୍କର ଏହି ବିଜୟରେ ପ୍ରତ୍ୟେକ ପ୍ରତିଯୋଗୀଙ୍କ ଯୋଗଦାନ ଥିବା ସେ ସ୍ୱୀକାର କରିଛନ୍ତି। ■







# ଶିଶୁ ନିର୍ଯାତନାର କାହାଣୀ 'ପରୀ'

ସମାଜରେ ବଢ଼ି ଚାଲିଛି ଶିଶୁମାନଙ୍କ ଉପରେ ଅତ୍ୟାଚାର। ଯୌନ ନିର୍ଯାତନା ଭଳି ପାଶବିକ ମାନସିକତା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। 'ପରୀ' ଏକ ନିରୀହ, କୋମଳ ଫୁଲକଢ଼ି। ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର। ମାତ୍ର ଅକାଳରେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ। ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡ଼ିଯାଇଛି ବିଚରା ବାପାମାଆ। ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକାତର ଘଟଣା ଉପରେ ସିନେମା 'ପରୀ'ର କାହାଣୀ ଗତିଶୀଳ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି, ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ଡକ୍ଟର ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରମୋଦ ପରିଡ଼ା ରଚନା କରିଥିବା ଗୀତଗୁଡ଼ିକକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି। ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। କୋରିଓଗ୍ରାଫର୍ ଏସ୍.କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ସିନେମାଟିରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଲ୍ଲୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି। ■

# ଅକ୍ଷୟଙ୍କ ନାଁରେ ଟାଟୁ କରିବେନି ଟ୍ୱିଙ୍କଲ

ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ ଖାନ୍ନା ଏବେ 'ଟୁ ମଚ୍ ୱିଥ୍ କାଜୋଲ ଏବଂ ଟ୍ୱିଙ୍କଲ' ଶୋ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ତେବେ ଏହି ଶୋ'ରେ ନିକଟରେ ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ନଜର ଆସିଥିଲେ। ଏହି ଶୋ'ରେ ଉଭୟ ଅକ୍ଷୟ ଏବଂ ସୈଫ୍ ନିଜ ଟାଟୁ ବାବଦରେ କହିଥିଲେ। ଅକ୍ଷୟ ନିଜ ଶରୀରରେ ଟ୍ୱିଙ୍କଲ ଏବଂ ତାଙ୍କ ଦୁଇ ପିଲା ଆରବ ଏବଂ ନିତାରାଙ୍କ ନାଁର ଟାଟୁ କରିଛନ୍ତି। ଏହାରି ଭିତରେ ଟ୍ୱିଙ୍କଲ କେବେ ବି ଅକ୍ଷୟଙ୍କ ନାଁରେ ଟାଟୁ ନିଜ ଶରୀରରେ କରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି। ଅବଶ୍ୟ ସେ କାହିଁକି ଅକ୍ଷୟଙ୍କ ଟାଟୁ କରିବେ ନାହିଁ, ସେକଥା ବି କହିଛନ୍ତି। ଟ୍ୱିଙ୍କଲ କହିଛନ୍ତି, ଜୀବନରେ କୌଣସି ଜିନିଷ ସ୍ଥାୟୀ ନୁହେଁ। ଏପରିକି ଟାଟୁ ନୁହେଁ କି ବାହାଘର। ତେଣୁ ଟାଟୁ କରି ହୁଏତ ତାହାକୁ ପରେ ବଦଳାଇବାକୁ ପଡ଼ିପାରେ। ତେଣୁ ଟ୍ୱିଙ୍କଲ ଟାଟୁ କରିବାକୁ ଚାହୁଁ ନ ଥିବା କହିଛନ୍ତି। ଅବଶ୍ୟ ଟ୍ୱିଙ୍କଲଙ୍କ ଏହି କଥାରେ ସମସ୍ତେ ଖୁବ୍ ହସିଛନ୍ତି। ■



ସାକ୍ଷାତକାର

ଅଧ୍ୟାପିକା ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଲା ଅଭିନୟ ଜଗତକୁ। ଏବେ ସେ ଅନେକ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ଏଭଳି ଜଣେ ଅଭିନେତ୍ରୀ ହେଉଛନ୍ତି ଭୁବନେଶ୍ୱରର ପ୍ରିୟଙ୍କା ପାଣିଗ୍ରାହୀ। ବାଲେଶ୍ୱର ତାଙ୍କର ଜନ୍ମସ୍ଥାନ। ପ୍ରିୟଙ୍କା ଜଣେ ଆଇନ୍ ଛାତ୍ରୀ। ହେଲେ ଓଲିଉଡ୍ ସିନେମା, ବିଜ୍ଞାପନରେ କାମ କରି ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଆଶିକ୍ ଦିୱାନା' ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି। ତେବେ ଅଭିନୟ କ୍ଷେତ୍ରରେ ତାଙ୍କର ସଫଳତାର ରାଜ୍ ବିଷୟରେ ଜାଣିବା ତାଙ୍କ ମୁହଁରୁ।

# ଶିଖିବାର ମନୋବୃତ୍ତି ଜଣେ ଭଲ କଳାକାରର ପରିଚୟ"

ପ୍ରିୟଙ୍କା ପାଣିଗ୍ରାହୀ, ଅଭିନେତ୍ରୀ



**ଅଭିନୟଯାତ୍ରା କେବେଠୁ ଆରମ୍ଭ ହେଲା**

- ପିଲାଦିନେ ଅଭିନେତ୍ରୀ ହେବି ବୋଲି ଭାବି ନ ଥିଲି। ଇଚ୍ଛାଥିଲା ଜଣେ ଅଧ୍ୟାପିକା ହେବି। ହେଲେ ମୋର ସୌଭାଗ୍ୟ ମୁଁ ଅଭିନୟ ଜଗତକୁ ଟାଣି ହୋଇଆସିଛି। 'ତେଜସ୍ୱିନୀ' ମୋର ପ୍ରଥମ ଧାରାବାହିକ। 'ଟୋକାଟା ଫସିଗଲା' ଓଡ଼ିଆ ଫିଲ୍ମରୁ ଡେବ୍ୟୁ କରିଥିଲି। ଏହା ବାଦ୍ ୪ରୁ୫ଟି ସିନେମାରେ ଅଭିନୟ କରିଛି। ହେଲେ ତନ୍ମଧ୍ୟରୁ 'ଟୋକାଟା ଫଶିଗଲା' ମୋର କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା। ଏବେ 'ଆଶିକ୍ ଦିୱାନା' ସିନେମାରେ ଅଭିନୟ କରିଛି।

**'ଆଶିକ୍ ଦିୱାନା'ରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- 'ଆଶିକ୍ ଦିୱାନା'ରେ ମୋ ବିପକ୍ଷରେ ଅଛନ୍ତି ଦୀପକ ଭାଇ। ଦୀପକଙ୍କ ଦୁଇ ଜଣ ପତ୍ନୀ ମୁଁ ଆଉ ରିଆ ଦିଦି। ଦୁଇ ଜଣ ପତ୍ନୀଙ୍କୁ ନେଇ ଏହି ସିନେମାରେ ଭରପୂର ମଜାଦାର ଦୃଶ୍ୟ ରହିଛି। ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା। ଏହି ଚରିତ୍ର କରିବାକୁ ମୋତେ ଆଦୌ କଷ୍ଟ କରିବାକୁ ପଡ଼ିନି। ମୁଁ ବାସ୍ତବରେ ଯେମିତି ଚୁଲବୁଲି ସେମିତି ମୋତେ ଚରିତ୍ର ମିଳିଛି। ଏହି ଚରିତ୍ରକୁ ମୁଁ ଭରପୂର ଏନ୍‌ଜଏ କରିଛି।

**ଅଭିନୟକୁ ବାଦ୍ ଦେଲେ, ଆପଣ ଅନେକ ବିଜ୍ଞାପନରେ କାମ କରିଛନ୍ତି, ଏଥିପାଇଁ କେମିତି ସମୟ ଦିଅନ୍ତି?**

- କୌଣସି ବ୍ରାଣ୍ଡର ଫେସ୍ ହେବାକୁ ବହୁତ କଷ୍ଟ କରିବାକୁ ପଡ଼େ। ହେଲେ ଧନ୍ୟବାଦ ଦେବି ଭଗବାନଙ୍କୁ। ଭଗବାନଙ୍କ ଆଶୀର୍ବାଦ ଆଉ ମୋର ପ୍ରଶଂସକଙ୍କ ଭଲପାଇବା ପାଇଁ ମୁଁ ଅନେକ ଲୋକପ୍ରିୟ ବ୍ରାଣ୍ଡର ଫେସ୍ ହୋଇପାରିଛି। ସେଇଟା ମୋ ପାଇଁ ଖୁସିର କଥା। ଯେତେବେଳେ ବି ଏମିତି କାମ ଆସିବ ଯେତେ ବ୍ୟସ୍ତ ଥିଲେ ବି ମୁଁ ସେ କାମ କରିବି।

**ପ୍ରିୟଙ୍କା ସ୍କ୍ରିପ୍ଟକୁ ଘୋଷନ୍ତି, ନା ଚରିତ୍ରରେ ପଶିଯାଆନ୍ତି?**

- ମୋତେ ଯେଉଁ ଚରିତ୍ର ମିଳେ, ତାହା ଭିତରେ ପଶିଗଲେ, ସ୍କ୍ରିପ୍ଟ ଘୋଷିବାକୁ ପଡ଼େ ନାହିଁ। ସୁଟିଂ ଆରମ୍ଭ ଦିନରୁ ଶେଷ ହେବା ଯାଏଁ ମୁଁ ସେହି ଚରିତ୍ରରେ ବୁଡ଼ି ରୁହେ।

**ଦୀପକଙ୍କ ସହ ଆପଣଙ୍କ ବଣ୍ଡିଂ?**

- 'ଆଶିକ୍ ଦିୱାନା' ସେଟ୍‌ରେ ସବୁଦିନ ମଜା ହେଉଥିଲା। ଭୋଜି କରୁଥିଲୁ। ପରିବାର ଭଳି ଚଳୁଥିଲୁ। ସତ କହିବି 'ଆଶିକ୍ ଦିୱାନା' ମୋତେ ଦୀପକଙ୍କ ଭଳି ଜଣେ ଭଲ ବନ୍ଧୁ ଭେଟି ଦେଇଛି।

**ଡ୍ରିମ୍ ରୋଲ୍ କ'ଣ?**

- ଭଲ ତଥା ସମାଜକୁ ବାର୍ତ୍ତା ଦେଉଥିବା ପରି ସମସ୍ତ କାହାଣୀରେ ଅଭିନୟ କରିବାକୁ ଚାହିଁବି। କିନ୍ତୁ ହଁ, ପୋଲିସ୍ ଅଫିସର୍ ଚରିତ୍ର କାମ କରିବାକୁ ବହୁତ ଇଚ୍ଛା ଅଛି।

**ଫିଟ୍‌ର ରାଜ୍ କ'ଣ?**

- ଫିଟନେସ୍‌କୁ ନେଇ ବହୁତ ସଚେତନ। ଡାଏଟ୍, ଖାଇବା, ଶୋଇବା, ବ୍ୟାୟାମ ଆଦିକୁ ନିର୍ଦ୍ଦିଷ୍ଟ ସମୟରେ କରେ। ସ୍କିନ୍‌ର ଯତ୍ନ ନିଏ।

**ଆପଣଙ୍କ କାମରେ ଜୀବନସାଥି କେତେ ସହଯୋଗ କରନ୍ତି?**

- ସେ ଜଣେ ବ୍ୟବସାୟୀ। ମୁଁ ଅଭିନେତ୍ରୀ। ସେ ବହୁତ ଚୁପ୍‌ଚାପ। ଯେହେତୁ ଉଭୟଙ୍କ ପେସା ଭିନ୍ନ। ତେଣୁ ପରସ୍ପରକୁ ସମୟ ଦେଇପାରୁ। ମୋ କାମ କେମିତି ଭଲ ହେବ ସେନେଇ ସେ ବହୁତ ଗୁରୁତ୍ୱପୂର୍ଣ୍ଣ ମତ ଦିଅନ୍ତି। ମୋତେ ଉତ୍ସାହିତ କରନ୍ତି। ତାଙ୍କର ୧୦୦ % ସହଯୋଗ ନଥିଲେ ମୁଁ ଏତେ ଖୁସିରେ କାମ କରିପାରି ନଥାନ୍ତି।

**ପ୍ରିୟଙ୍କା ସବୁବେଳେ ଶାଢ଼ିରେ ନଜର ଆସନ୍ତି, ରାଜ୍ କ'ଣ?**

- ଶାଢ଼ି ହେଉଛି ଭାରତର ପାରମ୍ପରିକ ପୋଷାକ। ଶାଢ଼ିରେ ସବୁଝିଅମାନେ ସୁନ୍ଦର ଲାଗନ୍ତି। ଓଡ଼ିଆ ଝିଅ ବିବାହ ପରେ ଶାଢ଼ି ପିନ୍ଧିବାକୁ ବହୁତ ପସନ୍ଦ କରନ୍ତି। ତେବେ ମୋ ସ୍ୱାମୀଙ୍କୁ ମୋ ଶାଢ଼ିପିନ୍ଧା ଭଲ ଲାଗୁଥିବାରୁ ମୁଁ ସବୁବେଳେ ଶାଢ଼ି ପିନ୍ଧେ।

**ଅଭିନୟ ଦୁନିଆକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଏବେ ପ୍ଲାଟଫର୍ମ ବହୁତ। ପିଲାମାନେ ସାମାଜିକ ଗଣମାଧ୍ୟମରେ ନିଜ ଦକ୍ଷତା ପ୍ରତିପାଦନ କରି ରାତାରାତି ଷ୍ଟାର୍ ପାଲଟି ଯାଉଛନ୍ତି। ନିହାତି ସେମାନଙ୍କ ଭିତରେ କିଛି ଭଲ ଗୁଣ ରହିଛି। ତେଣୁ ଯେତେ ଯାଏଁ ଶିଖିବାର ମନୋବୃତ୍ତି ତାଙ୍କର ଥିବ ସେତେ ଯାଏଁ ସେ ଜଣେ ଭଲ କଳାକାର ହୋଇପାରିବେ। ଯେଉଁଦିନ ଗର୍ବ ଆସିଯିବ କଥା ସରିଲା।

**ଆଗାମୀ ଯୋଜନା କ'ଣ?**

- ଚଳିତ ବର୍ଷରେ ମୋର ଅନେକ ପ୍ରୋଜେକ୍ଟ ରିଲିଜ୍ ହେବାର ଅଛି। ନିଃଶ୍ୱାସ ଚାଲିଥିବା ଯାଏଁ ଭଲ ଭଲ ଫିଲ୍ମରେ କାମ କରିବାକୁ ଚାହିଁବି। ଦର୍ଶକଙ୍କ ସହ କିପରି ସିଧାସଳଖ ଯୋଡ଼ି ହୋଇ ରହିବି ତାହାକୁ ଗୁରୁତ୍ୱ ଦେବି। ■

ପରଦା ପଛର କାହାଣୀ

# ବିନା ପାରିଶ୍ରମିକରେ ଫିଲ୍ମରେ ଅଭିନୟ



ଡ୍ରିମ୍‌ଗର୍ଲ ହେମାମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଅଭିନୟ ଓ ସୁନ୍ଦରତାରେ ସେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି। ତାଙ୍କ ନାମ ଶୁଣିଲେ ଫିଲ୍ମ ଦେଖିବାକୁ ହଲ୍‌ରେ ଦର୍ଶକଙ୍କ ଭିଡ଼ ଜମୁଥିଲା। ତାଙ୍କୁ ଫିଲ୍ମରେ ନେବା ପାଇଁ ସିନେ ନିର୍ମାତା ଓ ନିର୍ଦ୍ଦେଶକଙ୍କ ଲମ୍ବା ଲାଇନ୍ ଲାଗୁଥିଲା। ତେବେ ହେମାମାଳିନୀ ପ୍ରତ୍ୟେକ ଫିଲ୍ମରେ ନିଜ ଡିମାଣ୍ଡ ଅନୁଯାୟୀ ପାରିଶ୍ରମିକ ନେଇଥାନ୍ତି। କିନ୍ତୁ ଏକ ଫିଲ୍ମ ଥିଲା, ଯେଉଁଥିରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ। ୧୯୭୯ ମସିହାରେ ମୁକ୍ତିଲାଭ କରିଥିଲା ହିନ୍ଦୀ ଫିଲ୍ମ 'ମୀରା'। ଏହି ଫିଲ୍ମରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ। ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ପ୍ରେମ୍‌ଜୀ ପ୍ରଯୋଜିତ କରିଥିଲେ। ତେବେ ପ୍ରେମ୍‌ଜୀ ଦୀର୍ଘ ସମୟ ଧରି ହେମାମାଳିନୀଙ୍କ ସହ କାମ କରିବାକୁ ଚାହୁଁଥିଲେ। କିଛି ନା କିଛି କାରଣରୁ ହେମା ଫିଲ୍ମ କରିବେନି ବୋଲି ତାଙ୍କୁ ଅନେକ ଥର ମନା କରିଥିଲେ। ତେବେ କୌଣସି ପୌରାଣିକ କିମ୍ବା ଭକ୍ତି ଆଧାରିତ କାହାଣୀ ମୀରାଙ୍କୁ ନେଇ ଫିଲ୍ମ ନିର୍ମାଣ କଲେ ସେ ଅଭିନୟ କରିବେ ବୋଲି କହିଥିଲେ। ହେମାମାଳିନୀଙ୍କ କହିବାନୁସାରେ ପ୍ରେମ୍‌ଜୀ ଏହି ଫିଲ୍ମ ନିର୍ମାଣ କରିଥିଲେ। ଏଥିରେ ହେମାମାଳିନୀଙ୍କ ବିପକ୍ଷରେ ବିନୋଦ ଖାନ୍ନା ଦେଖିବାକୁ ମିଳିଥିଲେ। ଗୋଟିଏ ସମୟରେ ଫିଲ୍ମଟି ବଜେଟ୍ ପାଇଁ ଅଧାରେ ଅଟକି ଯାଇଥିଲା। ଏହା ଜାଣିବା ପରେ ହେମାମାଳିନୀ ପ୍ରେମଜୀଙ୍କୁ କହିଥିଲେ, ପ୍ରଭୁ କୃଷ୍ଣଙ୍କ ପ୍ରତି ପ୍ରେମ, ବିଶ୍ୱାସ ଓ ଶ୍ରଦ୍ଧା ପାଇଁ ଏହି ଫିଲ୍ମ କରୁଛି। ମୁଁ ଏଥିପାଇଁ କୌଣସି ପାରିଶ୍ରମିକ ନେବି ନାହିଁ। ଆପଣ ଶ୍ରଦ୍ଧାରେ ଯାହା ଦେବେ ତାକୁ ମୁଁ ଗ୍ରହଣ କରିବି। ଫିଲ୍ମ ସମ୍ପୂର୍ଣ୍ଣ ହେଲା ବେଳକୁ ଏଥିରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହୋଇସାରିଥିଲା। ହେଲେ ଦୁର୍ଭାଗ୍ୟବଶତଃ ଫିଲ୍ମ ରିଲିଜ୍ ହେବା ପରେ ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ତେବେ ହେମାମାଳିନୀ ତାଙ୍କ ଅଭିନୟ ଜୀବନରେ ୧୫୦ ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି। ■

## ଜ୍ୟୋତିଙ୍କୁ ଐତିହାସିକ କାଂସ୍ୟ

ନାନଜିଙ୍ଗ୍, ୧୮ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲରେ ଭାରତର ଜ୍ୟୋତି ସୁରେଖା ଭେନ୍ନାମ ଐତିହାସିକ କାଂସ୍ୟ



ପଦକ ବିଜୟୀ ହୋଇଛନ୍ତି। ମହିଳା କମ୍ପାଉଣ୍ଡରେ ଜ୍ୟୋତି ଏହି ସଫଳତା ପାଇଛନ୍ତି। ସେମିଫାଇନାଲରେ ପରାସ୍ତ ହୋଇଥିବା ଜ୍ୟୋତି କାଂସ୍ୟ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ୧୫୦-୧୪୫ ସ୍କୋରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଗ୍ରେଟ୍ ବ୍ରିଟେନର ଇଲା ଗିବସନଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୯ ବର୍ଷୀୟା ଜ୍ୟୋତି ପ୍ରଥମ ଭାରତୀୟ ଭାବେ ତୀରନ୍ଦାଜୀ ବିଶ୍ୱକପ୍ କମ୍ପାଉଣ୍ଡ ଇଭେଣ୍ଟରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

## ବିଶ୍ୱ ବ୍ୟାଡମିଣ୍ଟନ୍ ଫାଇନାଲରେ ତନଭୀ

ଗୌହାଟୀ, ୧୮ ।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍‌ରେ ଘରୋଇ ଭାରତର ତନଭୀ ଶର୍ମା ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ତନଭୀ ୧୫-୧୧, ୧୫-୯ ସିଧାସଳଖ ଗେମରେ ଚାଇନାର ଲିଉ ସି ୟା’ଙ୍କୁ ପରାସ୍ତ କରିଥିଲେ। ରବିବାର ଫାଇନାଲରେ ତନଭୀଙ୍କ ମୁକାବିଲା ଥାଇଲାଣ୍ଡର ଅନୟାପତ୍ ଫିଚିତପ୍ରିଚାସ୍କ’ଙ୍କ ସହ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଇତିହାସରେ ୫ମ ଭାରତୀୟ ଭାବେ ୧୬ ବର୍ଷୀୟା ତନଭୀ ଫାଇନାଲ ଖେଳିବେ। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପତ (୧୯୯୬), ସାଇନା ନେହ୍ୱାଲ (୨୦୦୬ ଓ ୨୦୦୮), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ ଫାଇନାଲରେ ପହଞ୍ଚିଥିଲେ।

## ହାଇଦରାବାଦ୍ ଏଫ୍‌ସି ହେଲା ସ୍ପୋର୍ଟିଂ କ୍ଲବ ଦିଲ୍ଲୀ

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀ ବହୁ ବର୍ଷର ବ୍ୟବଧାନ ପରେ ପୁଣିଥରେ ଦେଶର ଶୀର୍ଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆଇଏସ୍‌ଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ହାଇଦରାବାଦ୍ ଏଫ୍‌ସିର ପୁନଃବ୍ରାଣ୍ଡିଂ ପରେ ଏବେ ଏହା ‘ସ୍ପୋର୍ଟିଂ କ୍ଲବ ଦିଲ୍ଲୀ’ ହୋଇଛି। ଆଇଏସ୍‌ଏଲ୍‌ର ଆଗାମୀ ସିଜନରେ ହାଇଦରାବାଦ୍ ଏଫ୍‌ସି ସ୍ଥାନରେ ଏହି ଦିଲ୍ଲୀ ଦଳକୁ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଆଇଏସଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୧୪ରୁ ୨୦୧୮ ସିଜନ ପର୍ଯ୍ୟନ୍ତ ଦିଲ୍ଲୀ ଡାଇନାମୋସ ଦଳ ଏହି ଶୀର୍ଷ ଫୁଟ୍‌ବଲ ଲିଗ୍‌ରେ ଭାଗନେଇଥିଲା। ୨୦୧୯ରେ ଦିଲ୍ଲୀ ଡାଇନାମୋସ ପୁନଃବ୍ରାଣ୍ଡିଂ ହୋଇ ଓଡ଼ିଶା ଏଫ୍‌ସି ନାମରେ ଆଇଏସ୍‌ଏଲ୍‌ରେ ଖେଳି ଆସୁଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବିସି ଜିନ୍ଦଲ ଗ୍ରୁପ୍ ହାଇଦରାବାଦ୍ ଏଫ୍‌ସି ଗ୍ରୁପ୍‌କୁ ଅଧିଗ୍ରହଣ କରିଥିଲା।

## ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍‌ରେ ରେକର୍ଡ ୨୪୬ ପ୍ରତିଯୋଗୀ



ଭୁବନେଶ୍ୱର,୧୮ ।୧୦(ସମିସ): କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାକୁ ଜିଲ୍ଲା ଚେସ ସଂଘର ମେଣ୍ଟର ପ୍ରଦ୍ୟୁମ୍ନ ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଥମ ଦିନ ୪ ରାଉଣ୍ଡ ଖେଳାଯାଇଛି। ୪ ରାଉଣ୍ଡରୁ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସ୍କୁଲ ଚେସ୍ ବିଭାଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ଓମ୍‌ସ୍ୱରୂପ ପାଢ଼ୀ, ଈଶାନୀ ଦାସ୍, ଶୁଭାଶିଷ ବାରିକ୍, ସାଇ ପ୍ରତ୍ୟୁଷ ବେହେରା ଓ ଆଦିତ୍ୟ ସ୍ୱାଇଁ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଜିଲ୍ଲା ଚେସ୍‌ରେ କୋଚ୍ ରବୀନ୍ଦ୍ର କୁମାର ଓଝା ଏକାକୀ ୪ ପଏଣ୍ଟ ପାଇ ପ୍ରଥମ ଓ ହର୍ଷିତ ରଞ୍ଜନ ସାହୁ ୩.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଘାଟନ ଉତ୍ସବକୁ ଜିଲ୍ଲା ସାଂଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ହେମନ୍ତ ନାୟକ, ରଘୁନନ୍ଦନ ସାସମଲ, ସନ୍ତୋଷ ପୃଷ୍ଟି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ରବିବାର ଏହା ଉଦ୍‌ଯାପିତ ହେବ।

### ଆଜିଠାରୁ ଅଷ୍ଟ୍ରେଲିଆ-ଭାରତ ଦିନିକିଆ ସିରିଜ୍

# ୭ ମାସ ପରେ ଖେଳିବେ ରୋହିତ, କୋହଲି

ପର୍ଥ,୧୮ ।୧୦(ଏଜେନ୍ସି):

ଭାରତୀୟ କ୍ରିକେଟ ଦଳର ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦୀର୍ଘ ୭ ମାସ ପରେ ଦେଶ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଫେରିଛନ୍ତି। ଏହା ସହିତ ଶୁବମନ ଗିଲ୍ ପ୍ରଥମଥର ଭାରତୀୟ ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ ଅପ୍‌ଟସ ଷ୍ଟାଡିୟମ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚରେ ରୋହିତ୍-କୋହଲିଙ୍କ ପ୍ରତ୍ୟାବର୍ତ୍ତନ ଓ ଶୁବମନଙ୍କ ନେତୃତ୍ୱ ନଜରରରେ ରହିବ। ଗତ ମାର୍ଚ୍ଚରେ ଅନୁଷ୍ଠିତ ଚାମ୍ପିଅନ୍‌ସ ଟ୍ରଫି ଫାଇନାଲରେ ରୋହିତ ଶର୍ମା ଓ ବିରାଟ କୋହଲି ଶେଷଥର ଲାଗି ଭାରତୀୟ ଦଳରୁ ଖେଳିଥିଲେ। ଆସନ୍ତାକାଲି ଉଭୟ ଖେଳାଳି ଆଉ ଜଣେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅଧିନରେ ଖେଳିବାକୁ ଯାଉଛି। ଦୀର୍ଘ ୯ ବର୍ଷ ପୂର୍ବେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ଏମାନେ ଅନ୍ୟଜଣେ ଅଧିନାୟକଙ୍କ ଅଧିନରେ ଖେଳିଥିଲେ। ଏହା ପରେ ଉଭୟ ଭାରତୀୟ ଦଳର ନେତୃତ୍ୱରେ ରହିଆସିଥିଲେ। ଏବେ ଉଭୟ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ କିଛି ନୂଆ ଖେଳାଳିଙ୍କୁ ନେଇ ବିଦେଶ ଓ ଘରୋଇ ମାଟିରେ ଦୁଇଟି ସିରିଜ୍ ଖେଳିସାରିଛି। ଏହାର ଅର୍ଥ ଭାରତୀୟ ଦଳ ନୂଆ କମ୍ବିନେସନ ବା ଯୁବ ଖେଳାଳିଙ୍କୁ ନେଇ ମିଶ୍ର ଫଳ ପାଇଛି। ଏବେ ଉଭୟ ଖେଳାଳି ଦିନିକିଆ ମୁକାବିଲା ଲାଗି କଠିନ ଅଭ୍ୟାସ କରିଛନ୍ତି। ବେଙ୍ଗାଲୁରୁରେ ଅଭ୍ୟାସ କରୁଥିବା ରୋହିତ ନେଟ୍‌ସରେ ପତଳା ହୋଇଯାଇଥିବା ଦେଖିବାକୁ ମିଳିଛି। ଲଣ୍ଡନରେ କୋହଲି ଶରୀରିକ ଅଭ୍ୟାସ କରିଛନ୍ତି। ଉଭୟ ଖେଳାଳିଙ୍କ ଉପରେ ନଜର ରହିଥିଲାବେଳେ ଏହି ସିରିଜ୍ ଲାଗି ସେମାନେ ଜୋରଦାର ପ୍ରସ୍ତୁତି କରିଛନ୍ତି। ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ ଓ ୫ ମାସ ପରେ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳୁଥିବାରୁ ଫର୍ମକୁ ଫେରିବା ଏମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ ବିପକ୍ଷରେ ବେଶ ସଫଳ ହୋଇଛନ୍ତି। କିନ୍ତୁ ଏବେ ସେମାନଙ୍କ ଉପରେ ବିଶେଷ ଚାପ ନାହିଁ। ରୋହିତ ନେତୃତ୍ୱରୁ ମୁକ୍ତ ହୋଇଛନ୍ତି। ଏଣୁ ଖୋଲା ମନ ଓ ଉତ୍ସାହ ସହ କିପରି ଦୁଇ କିଂବଦନ୍ତି ଖେଳାଳି ଦୀପାବଳିରେ ସମର୍ଥକଙ୍କୁ କି ଭେଟି ଦେଉଛନ୍ତି ତାହା ଆସନ୍ତାକାଲିର ମ୍ୟାଚ୍ ପରେ ଜଣାପଡ଼ିବ।



| ପ୍ରଥମ ଦିନିକିଆ |
| --- |
| ଆରମ୍ଭ: ସକାଳ ୯ଟା |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

### ଶୁବମନଙ୍କ ଅସଲ ପରୀକ୍ଷା

ଦଳର ଦୁଇ ତାରକା ଖେଳାଳି ରୋହିତ ଓ କୋହଲିଙ୍କ ପରେ ଚାପରେ ଅଛନ୍ତି ନୂଆ ଅଧିନାୟକ ଶୁବମନ ଗିଲ୍। ସେ ପ୍ରଥମଥର ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସେ ଏପରି ଏକ ଦଳର ନେତୃତ୍ୱ ନେଉଛନ୍ତି, ଯେଉଁଥିରେ ଦେଶର ସମସ୍ତ ଶ୍ରେଷ୍ଠ ଖେଳାଳି ସ୍ଥାନ ପାଇଛନ୍ତି ଓ ଦଳର ଚୂଡ଼ାନ୍ତ ଏକାଦଶ ଚୟନ ନେଇ କୌଣସି ଅସୁବିଧା ନାହିଁ। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଦିନିକିଆରେ ୭୫ ଭାଗ ସଫଳତା ହାସଲ କରିଛି। ଏପରି ସଫଳତା ଦୋହରାଇବା ଲାଗି ଗିଲ୍‌ଙ୍କ ଆଗରେ ମିଚେଲ ମାର୍ଶଙ୍କ ଅଷ୍ଟ୍ରେଲିଆ ବଡ଼ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି। ଦଳର ନିୟମିତ ଅଧିନାୟକ ପ୍ୟାଟ କମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଘରୋଇ ମାଟିରେ ଏହାକୁ ହରାଇବା ଏତେଟା ସହଜ ନୁହେଁ। ଏଣୁ ଗିଲ୍ କିପରି ଅଷ୍ଟ୍ରେଲିଆକୁ ହରାଇବା ଲାଗି ରଣନୀତି ଗ୍ରହଣ କରିବେ ଓ କେଉଁ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ ତାହା ସିରିଜ୍ ଶେଷରେ ଜଣାପଡ଼ିବ।

### ଖେଳାଳି ଦଳ

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ୍ ହେଡ୍, ମାଥ୍ୟୁ ସର୍ଟ, ମିଚେଲ ଓଏନ, ମ୍ୟାଟ ରେନ୍‌ଶା, ମାଥ୍ୟୁ କୁନେମାନ୍, ଜୋଶ ଫିଲିପ୍ (ୱିକେଟରକ୍ଷକ), ମାର୍ନସ ଲାବୁସେନ, ଜାଭିୟର ବାର୍ଟଲେଟ, କୁପର କୋନୋଲୀ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ୍, ଜୋଶ ହାଜ୍‌ଲେଉଡ୍, ମିଚେଲ ଷ୍ଟାର୍କ।

ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ରୋହିତଙ୍କ ସହ ଗିଲ ଇନିସ ଓପନ କରିବେ ବୋଲି ଆଶା କରାଯାଉଛି। ଯଶସ୍ୱୀ ଜୟସ୍ୱାଲଙ୍କୁ ବ୍ୟାକ୍ ଅପ୍ ଓପନର ଭାବେ ରହିଛନ୍ତି। କୋହଲି, ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଏହା ପରେ ନଂ-୩, ୪ ଓ ୫ରେ ବ୍ୟାଟିଂ କରିବାକୁ ଆସିପାରନ୍ତି। ଏମାନଙ୍କ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ନୀତୀଶ କୁମାର ରେଡ୍ଡୀ ଅଲରାଉଣ୍ଡର ଭାବେ ଡେବ୍ୟୁ କରିପାରନ୍ତି। ମହମ୍ମଦ୍ ସିରାଜ ଓ ଅର୍ଶଦୀପ୍ ସିଂହ ଦୁଇ ଫାଷ୍ଟ ବୋଲର ଖେଳିବେ। ସେମାନଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ପାର୍ଟନର ହେବେ। ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ। ସ୍ପିନ୍ ବିଭାଗରେ ଅଷ୍ଟ୍ରେଲିଆ କୁପର କନୋଲୀ, ମାର୍ନସ ଲାବୁସେନ ଓ ମାଥ୍ୟୁ ରେନ୍‌ଶାଙ୍କ ଉପରେ ନିର୍ଭର କରିବେ। ପତ୍ନୀ ଗର୍ଭବତୀ ଥିବାରୁ ଆଦାମ ଜାମ୍ପା ପ୍ରଥମ ଦିନିକିଆ ଖେଳିବେ ନାହିଁ।

## ୧୧ ଓ ୧୩ ବର୍ଷରୁ କମ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆରମ୍ଭ



ଭୁବନେଶ୍ୱର, ୧୮ ।୧୦ (ସମିସ): ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ ଆଜି ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମରେ ଶନିବାର ଆରମ୍ଭ ହୋଇଛି। ଏହି ରାଜ୍ୟ ଚାମ୍ପିୟନସିପକୁ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ରଜତ ଚୌଧୁରୀ ଯୋଗ ଦେଇଥିଲେ। ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସର୍ବମୋଟ ୨୦୨ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୫ ବାଳକ ଓ ୩୭ ବାଳିକା ଖେଳାଳି ରହିଛନ୍ତି। ମ୍ୟାଚ ରେଫରି ଭାବେ ବିଜୟ ବାଗ, ଅଫିସିଆଲ ପର୍ଯ୍ୟବେକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ, ସଂଯୋଜକ ଭାବେ ତାରାକାନ୍ତ ଦାସ, ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓସବା ଉପସଭାପତି ପ୍ରଦୀପ ପଟନାୟକ ଓ ଓସବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ନିଯୁକ୍ତ ହୋଇଛନ୍ତି।

## ଭାରତ-ଇଂଲଣ୍ଡ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ଆଜି

ଇନ୍ଦୋର, ୧୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଅନୁଷ୍ଠିତ ହେବ। ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବା ଲାଗି ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ମିଶ୍ରିତ ପ୍ରଦର୍ଶନ କରିଛି। ଘରୋଇ ଭାରତୀୟ ଦଳ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲର ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ମହିଳା ଦଳ ହ୍ୟାଟ୍ରିକ ବିଜୟ ସହ ଚଳିତ ବିଶ୍ୱକପ୍ ଆରମ୍ଭ କରିଥିଲା। ଦଳ ୪ ମ୍ୟାଚରୁ ୭ ପଏଣ୍ଟ ସହ ଟେବଲର ତୃତୀୟ ସ୍ଥାନରେ ରହିଛି।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**



### ନ୍ୟୁଜିଲାଣ୍ଡ-ପାକ୍ ମ୍ୟାଚ୍‌ରେ ବର୍ଷା ବାଧକ

ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶନିବାର କଲମ୍ବୋରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଷା ବାଧକ ସାଜିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଇନିଂସରେ ବର୍ଷା ଯୋଗୁ ଏକାଧିକଥର ଖେଳ ବାଧାପ୍ରାପ୍ତ ହୋଇଛି। ଫଳରେ ମ୍ୟାଚ୍‌କୁ ୩୬ ଓଭରବିଶିଷ୍ଟ କରାଯାଇଛି। ଶେଷ ଖବର ସୁଦ୍ଧା ପାକିସ୍ତାନ ୨୫ ଓଭରରେ ୫ ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଛି। ଏହି ସମୟରେ ବର୍ଷା ଲାଗି ଖେଳ ପୁଣିଥରେ ବନ୍ଦ ରହିଛି।

### ସୁଲତାନ ଜୋହୋର କପ୍ ହକି

## ଭାରତକୁ ୫ମ ରୌପ୍ୟ

ନୂଆଦିଲ୍ଲୀ,୧୮ ।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ନିକଟରୁ ୨-୧ ଗୋଲରେ ପରାଜିତ ହୋଇ ଭାରତ ମାଲେସିଆରେ ଆଜି ଶେଷ ହୋଇଥିବା ସୁଲତାନ ଜୋହୋର କପ୍ ହକିରେ ରନର୍ସଅପ୍ ହୋଇଛି। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଇଆନ ଗ୍ରବେଲର ୨ଟି ଯାକ ଗୋଲ ଦେଇଥିଲାବେଳେ ଅନ୍‌ମୋଲ ଏକ୍କା ଭାରତ ଲାଗି ଗୋଟିଏ ଗୋଲ ଶୁଝାଇଥିଲେ। ଏହା ଫଳରେ ୨୧ ବର୍ଷରୁ କମ୍ ଭାରତୀୟ ଦଳ ଚଳିତବର୍ଷକୁ ମିଶାଇ ୫ମଥର ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଅବଶ୍ୟ କ୍ରମାଗତ କାଂସ୍ୟ ଜିତିବା ପରେ ଏଥର ରୌପ୍ୟ ହାସଲ କରିଛି। ଭାରତ ଭଲ ଖେଳି ମଧ୍ୟ ଫାଇନାଲ ମୁକାବିଲାରେ ହାରିଯାଇଛି। ଏକଦା ୫୮ ମିନିଟ୍ ପର୍ଯ୍ୟନ୍ତ ଖେଳ ୧-୧ରେ ବରାବର ଥିଲା। କିନ୍ତୁ ୫୯ତମ ମିନିଟ୍‌ରେ ଗ୍ରବେଲଙ୍କ ଗୋଲ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇଥିଲା।

### ବାରବାଟୀ ରଣଜୀ

## ପରାଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୮ ।୧୦ (ସମିସ):

ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥର ପରାଜୟରୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଆରମ୍ଭ କରିଛି। ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ’ର ଏକ ମ୍ୟାଚରେ ପାଞ୍ଚଥରର ରଣଜୀ ବିଜେତା ବରୋଦା ୭ ୱିକେଟ୍‌ରେ ଘରୋଇ ଓଡ଼ିଶା ଦଳକୁ ମାତ୍ ଦେଇଛି। ବିଜୟ ସହ ବରୋଦା ୬ ପଏଣ୍ଟ ହାତେଇନେଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଅକ୍ଟୋବର ୨୫ରୁ ଏହି ମ୍ୟାଚ୍ ଆରମ୍ଭ ହେବ।

**ଏକା ଲଢ଼ିଲେ ଶୁଭ୍ରାଂଶୁ**

୧୪୨ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଅନ୍ତିମ ତଥା ୪ର୍ଥ ଦିବସ ସକାଳେ ଶନିବାର ଆଶାନୁରୂପକ ବ୍ୟାଟିଂ କରିପାରି ନ ଥିଲା। ଅଧିନାୟକ ଶୁଭ୍ରାଂଶୁଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟର୍ ବରୋଦା ବୋଲରଙ୍କୁ ସାମ୍ନା କରିପାରି ନ ଥିଲେ। ବିଶେଷ କରି ବରୋଦା ଅଫ୍-ସ୍ପିନର ମହେଶ ପିଥିୟା ଓଡ଼ିଶାର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ। ସେ ଏକାକୀ ୬ଟି ୱିକେଟ ନେବା ଫଳରେ ଓଡ଼ିଶା ଦ୍ୱିତୀୟ ପାଳିରେ ୫୯.୩ ଓଭର ଖେଳି ୧୭୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁଭ୍ରାଂଶୁ ୧୧୪ ବଲ୍ ଖେଳି ୩ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରଥମ ପାଳିରେ ମଧ୍ୟ ସେନାପତି ୭୯ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରବ ଚୌଧୁରୀ ୨୮, ରାଜେଶ ମହାନ୍ତି ୨୫, ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ୧୭ ରନ ଲେଖାଏ କରିଥିଲେ। ଜବାବରେ ୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ବରୋଦା ୧୨ ରନ ମଧ୍ୟରେ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ତେବେ ପ୍ରଥମ ଇନିଂସରେ ଶତକ (୧୨୪ ରନ) ହାସଲକାରୀ ଶିବାଳିକ ଶର୍ମା ଅପରାଜିତ ୩୨ ରନ କରି ଦଳକୁ ୭ ୱିକେଟ୍‌ରେ ସହଜରେ ବିଜୟୀ କରାଇଥିଲେ। ଶିବାଳିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୧ ଓ ବରୋଦା ୭ ୱିକେଟ୍‌ରେ ୪୧୩ ରନ କରି ପାଳି ଘୋଷଣା କରିଥିଲା।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିବାଳିକ ଶର୍ମା

### ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ୟୁନିଟ୍-୧ ହାଇସ୍କୁଲ




ଭୁବନେଶ୍ୱର,୧୮ ।୧୦(ସମିସ): ୟୁନିଟ୍-୧ ହାଇସ୍କୁଲ ଚତୁର୍ଥ ତଥା ଶେଷ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହା ସହିତ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ କିସ୍ ସହ ଓଡିଏମ୍ ପବ୍ଲିକ୍ ସ୍କୁଲର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ଭେଟିବ ୟୁନିଟ୍-୧ ହାଇସ୍କୁଲ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଆଜି ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲରେ ୟୁନିଟ୍-୧ ହାଇସ୍କୁଲ ୨-୧ ଗୋଲରେ କଣ୍ଟାବାଡ ସ୍ଥିତ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ହରାଇଥିଲା। ବିଜୟୀ ୟୁନିଟ୍-୧ ହାଇସ୍କୁଲ୍‌ର ସମାଖାଇ ପାଇଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରିୟନାଥ ମିଶ୍ର, ଅଶୋକ ପଟ୍ଟନାୟକ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ସିକେ ନାଇଡୁ ଟ୍ରଫି

## ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୦ (ସମିସ): ହାଇଦରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ବିଜୟ ନିକଟତର ହୋଇଛି। ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ହାଇଦରାବାଦ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ହାଇଦରାବାଦ୍ ୫୬ ଓଭର ଖେଳି ୭ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ଓପନର୍ ପତାପୁ ରାଘବ ୩୧ ଓ ପୃଥ୍ୱୀ ୧ ରନ କରି ଖେଳୁଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସାଇଦୀପ ମହାପାତ୍ର ସର୍ବାଧିକ ୩ଟି, ଆଶୁତୋଷ ଛୁରିଆ ୨ଟି ଏବଂ ସୌମ୍ୟରଞ୍ଜନ ଲେଙ୍କା ଓ ଆୟୂଷ ବାରିକଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ରବିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ବିଜୟ ଲାଗି ଓଡ଼ିଶାକୁ ଆଉ ୩ଟି ୱିକେଟ୍ ଆବଶ୍ୟକ ହେଉଛି। ସେହିଭଳି ବଳକା ୩ ୱିକେଟ୍‌ରେ ଘରୋଇ ହାଇଦରାବାଦ ଆହୁରି ୧୦୭ ରନ ଆବଶ୍ୟକ କରୁଛି। ଯାହାକି ଦଳ ପାଇଁ କଷ୍ଟସାଧ ହେବ ବୋଲି କୁହାଯାଉଛି।



ପୂର୍ବରୁ ଏହି ଚାରିଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା। ଜବାବରେ ହାଇଦରାବାଦ୍ ୧୯୫ ରନରେ ସୀମିତ ରହିଥିଲା। ଫଳରେ ୩୬ ରନରେ ପଛୁଆ ଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ଓପନର୍ ଓମ୍ ଟି ମୁଣ୍ଡେଙ୍କ ଶତକ ବଳରେ ୨୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓମ୍ ତାଙ୍କ ୧୬୮ ବଲ୍ ପାଳିରେ ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS